

ମଞ୍ଜରୀ
ନବମ ସଂସ୍କରଣ - ୨୦୨୬
ବଣମଲ୍ଲୀ
ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର ବାର୍ଷିକ ମୁଖପତ୍ର

ଆମ ପ୍ରୟାସ, ଆମ ପରିଚୟ



ମହକ ଅଷ୍ଟମ ସଂସ୍କରଣର ଉନ୍ମୋଚନ



ବଣମଲ୍ଲୀ ମହୋତ୍ସବ - ୨୦୨୫ର ସଫଳ ଆୟୋଜନ



ରକ୍ତଦାନ ଉତ୍ସବର ଉଦ୍‌ଘାଟନ ମୁହୂର୍ତ୍ତ



ରକ୍ତଦାନ ଉତ୍ସବର ସଫଳ ଆୟୋଜନ



ବିଭିନ୍ନ ଅସହାୟ ପରିବାରଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ



ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା କାର୍ଯ୍ୟକ୍ର



ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ରକ୍ତଦାତା ସୃଷ୍ଟି ପାଇଁ ସଚେତନତା କାର୍ଯ୍ୟକ୍ରମ



ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର ବାର୍ଷିକ ମୁଖପତ୍ର

ମାଳିକା

ନବମ ସଂସ୍କରଣ - ୨୦୨୬

ଉପଦେଷ୍ଟା ମଣ୍ଡଳୀ
କାହ୍ନୁ ଚରଣ ସାହୁ
ପ୍ରମୋଦ କୁମାର ଶତପଥୀ
ସରୋଜକାନ୍ତ ବେହେରା

ସମ୍ପାଦିକା
ଦମୟନ୍ତୀ ପ୍ରଧାନ

ପ୍ରଚ୍ଛଦ
v ମନୋଜ କୁମାର ପ୍ରଧାନ

ଯୋଗାଯୋଗ :-
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ କାର୍ଯ୍ୟାଳୟ
ବୃନ୍ଦାଦେଈପୁର, ଜେନାପୁର, ଯାଜପୁର,
ପଞ୍ଜିକରଣ ନଂ: ୩୪୫୭/୨୭-୨୦୧୮
Website: www.teambanamalli.org
Email: banamalliparivar@gmail.com

ଉପଦେଷ୍ଟା ମଣ୍ଡଳୀ



ପ୍ରମୋଦ କୁମାର ଶତପଥୀ



ଅଜୟ କୁମାର ଦାସ
ସମାଜସେବୀ



ସରୋଜ କୁମାର ସାହୁ
ସମାଜସେବୀ



ପ୍ରଭାତ କୁମାର ଶତପଥୀ
ସମାଜସେବୀ



ପ୍ରଫୁଲ୍ଲ କୁମାର ଦାସ
ସମାଜସେବୀ



ପଦ୍ମନାଭ ଶତପଥୀ
ସମାଜସେବୀ



କାହ୍ନୁ ଚରଣ ସାହୁ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ



ମନୋଜ କୁମାର ଧୀର
ଅଧ୍ୟାପକ ଓ ସମାଜସେବୀ



ପ୍ରମୋଦ କୁମାର ମଲ୍ଲିକ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ



ଅଶୋକ ନାୟକ
ବରିଷ୍ଠ ଅଧିକାରୀ , ଓଡ଼ିଶା ପୋଲିସ



ମାଧବ ଚନ୍ଦ୍ର ଶତପଥୀ
ଅ.ପ୍ରା. ଅଧିକାରୀ, ଗୋପାଳପୁର ବନ୍ଦର



ରଘୁନାଥ ବେହେରା
ଅବସରପ୍ରାପ୍ତ ଶିକ୍ଷକ



ଡ଼ା. ନିହାର ରଞ୍ଜନ କର
ଚିକିତ୍ସକ



ବାଇଧର ମାଝୀ
ବ୍ୟଙ୍ଗକବି



ପ୍ରଦୀପ କୁମାର ଶତପଥୀ
ସମାଜସେବୀ



ଡ. ମନୋରଞ୍ଜନ ଶତପଥୀ
ଶିକ୍ଷାବିତ୍



ପ୍ରଭାତ କୁମାର ଶତପଥୀ
ସମାଜସେବୀ

ପରିଚାଳନା ମଣ୍ଡଳୀ



ଡ.ଜୟଦେବ ଶତପଥୀ
ସଭାପତି



ନିର୍ମାଲ୍ୟ କୁମାର ପ୍ରଧାନ
ଉପସଭାପତି



ମାନସ ରଞ୍ଜନ ପ୍ରଧାନ
ସମ୍ପାଦକ



ସରୋଜକାନ୍ତ ବେହେରା
କାର୍ଯ୍ୟକାରୀ ସମ୍ପାଦକ



ଦମୟନ୍ତୀ ପ୍ରଧାନ
ସହସମ୍ପାଦିକା



ରୁଦ୍ରନାରାୟଣ ଓଝା
କୋଷାଧ୍ୟକ୍ଷ

ସଦସ୍ୟାବୃନ୍ଦ



ପ୍ରତିମା ଶତପଥୀ
ଚିକିତ୍ସିକା



ପ୍ରଭାତୀ ପାଣିଗ୍ରାହୀ
ଶିକ୍ଷୟିତ୍ରୀ



ସୁଶ୍ରୀଲତା ଦାସ
ଗୃହିଣୀ



ଲକ୍ଷ୍ମୀପ୍ରିୟା ରୁଟିଆ
ସମାଜସେବିକା



ସାଗରିକା ଶତପଥୀ
ସମାଜସେବିକା



ମଧୁସ୍ମିତା ଖାଟୁଆ
ଶିକ୍ଷୟିତ୍ରୀ



ଚମୟନ୍ତୀ ମହାନ୍ତି
ଶିକ୍ଷୟିତ୍ରୀ



ଡ. ଜ୍ୟୋତିର୍ମୟୀ ସାହୁ
ଅଧ୍ୟାପିକା



ଡ. ସ୍ନିଗ୍ଧା ଶତପଥି
ଗବେଷିକା



ଗଙ୍ଗିତା ଓଝା
ଗୃହିଣୀ



ଟିନୁଘା ଦଳାଇ
ଶିକ୍ଷୟିତ୍ରୀ



ରାହୁ ଦଳାଇ
ସ୍ନାତକୋତ୍ତର ଛାତ୍ରୀ



ଉଶ୍ମିତା ବେହେରା
ପାମ୍ବାଦିକା



ଉତ୍ତୁପର୍ଣ୍ଣା ମହାନ୍ତି
ସ୍ନାତକୋତ୍ତର ଛାତ୍ରୀ



ମାମାଲି ବାରିକ
ସ୍ନାତକୋତ୍ତର ଛାତ୍ରୀ



ପ୍ରଗତି ମିଶ୍ର
ଗୃହିଣୀ



ପ୍ରଣତୀ ସାହୁ
ଗୃହିଣୀ



ଉଶ୍ମିରେଖା ମଲ୍ଲିକ
ଅଧ୍ୟାପିକା



ପୂଜାରାଣୀ ବାରିକ
ଶିକ୍ଷାର୍ଥୀ



ଘୋନାଲୀ ପ୍ରଧାନ
ଗୃହିଣୀ

ସଦସ୍ୟବୃନ୍ଦ


ଲାଲମୋହନ ଶତପଥୀ
ସମାଜସେବୀ


ଶରତ ମହାନ୍ତି
ସମାଜସେବୀ ଓ ଅ.ପ୍ରା. ସୈନିକ


ବିଷ୍ଣୁଚରଣ ଓଝା
ଅବସରପ୍ରାପ୍ତ ଶିକ୍ଷକ


ସୁଦର୍ଶନ ପ୍ରଧାନ
ସମାଜସେବୀ


ତୀର୍ଥବାସୀ ଦଳାଇ
ଶିକ୍ଷାର୍ଥୀ


ପ୍ରଦୀପ କୁମାର ଶତପଥୀ
ସମାଜସେବୀ


କୃଷ୍ଣଚନ୍ଦ୍ର ସାହୁ
ରାରପ୍ରାପ୍ତ ପ୍ରଧାନଶିକ୍ଷକ


ରାଜେଶ କୁମାର ଦାଶ
ବରିଷ୍ଠ ଅଧିକାରୀ , ପୂର୍ବତଟ ରେଳବାଇ


ସୁରେଶ କୁମାର ସାହୁ
ଶିକ୍ଷକ


ଜନ୍ମେଜୟ ଶତପଥୀ
ସମାଜସେବୀ


ମଣ୍ଟୁ ଶତପଥୀ
ସମାଜସେବୀ


ରାକେଶ ପ୍ରଧାନ
ଛାତ୍ର


ଚନ୍ଦ୍ରମଣି ସାହୁ
ସମାଜସେବୀ


ଶୁଭାଶିଷ ଧୁର
ବାୟୁସେନା ସୈନିକ


ଧରଣୀଧର ଦଳାଇ
ସମାଜସେବୀ


ନିରଦ କୁମାର ଜେନା
ଛାତ୍ର


ସତ୍ୟବ୍ରତ ନାୟକ
ଶିକ୍ଷକ


ଗଗନ ସ୍ୱାଇଁ
ସଫ୍ଟୱେୟାର ଇଞ୍ଜିନିୟର


ଶୁଭେନ୍ଦୁ ପ୍ରଧାନ
କର୍ମଚାରୀ , ରାଜସ୍ୱ ବିଭାଗ


ମାନସ ଦାସ
ସମାଜସେବୀ


ଆଲୋକ ଦାସ
ସମାଜସେବୀ


ରବିନାରାୟଣ ଶତପଥୀ
ସମାଜସେବୀ

ସଦସ୍ୟବୃନ୍ଦ


ଦୀପପାଟର ସାହୁ
ଏମ ବି ବି ଏସ ଛାତ୍ର


ଅମର କୁମାର ବାରିକ
ସମାଜସେବୀ


ସୁବ୍ରତ କୁମାର ସାହୁ
ଲୋକ୍ୟୋ ପାଇଲଟ, ରେଳ ବିଭାଗ


ଡ. ବିପ୍ରବର ବଲାଇ
ଶିକ୍ଷକ


ପ୍ରଭାତ କୁମାର ସାହୁ
ସମାଜସେବୀ


ସୌମ୍ୟରଂଜନ ଶତପଥୀ
ଶିକ୍ଷକ


ଶ୍ରୀଧର ତ୍ରିପାଠୀ
ସମାଜସେବୀ


ସୁବ୍ରତ କୁମାର ସାହୁ
ଶିକ୍ଷାର୍ଥୀ


ଡ଼ା. ଅବୁଲ କୁମାର ସାହୁ
ଚିକିତ୍ସକ


ରବିନ୍ ରାଜ ସାହୁ
ଶିକ୍ଷାର୍ଥୀ


ଅନିମେଷ ପଟ୍ଟନାୟକ
ଯନ୍ତ୍ରୀ, ବିଦ୍ୟୁତ ବିଭାଗ


ପ୍ରମୋଦ ବଲାଇ
ଶିକ୍ଷାର୍ଥୀ


ଅନୁର୍ଯ୍ୟାମୀ ଦେହେରା
ସପୁଜେୟାର ଇଞ୍ଜିନିୟର


ରାଜେଶ କୁମାର ସାହୁ
ଚୁରୀ ଶିକ୍ଷକ


ପ୍ରିତିଶ ଶତପଥୀ
ଯୁବ ଉଦ୍ୟୋଗୀ


ସୁନିଲ ନାଥ
ଯନ୍ତ୍ରୀ, ଟାଟା ଷ୍ଟିଲ, କଳିଙ୍ଗନଗର


ସିବାନ୍ଦୁ ପଲାଇ
ଶିକ୍ଷାର୍ଥୀ


ଗୌରାଙ୍ଗ ଚନ୍ଦ୍ର ରାଉତ
ଶିକ୍ଷାର୍ଥୀ


ଅଭିଷେକ ବଲାଜ
ଶିକ୍ଷାର୍ଥୀ


ସୁଶାନ୍ତ ଆଏତ
ଶିକ୍ଷାର୍ଥୀ


ଜନସ୍ମୀତ ମହାନ୍ତୁ
ଶିକ୍ଷାର୍ଥୀ


ଲିଙ୍ଗରାଜ ଶତପଥୀ
ଶିକ୍ଷାର୍ଥୀ


ଶୁଭମ ବଳ
ଶିକ୍ଷାର୍ଥୀ


ବିପ୍ରସ୍ ବିଶ୍ୱାଳ
ସମାଜସେବୀ

ମହକ ପତ୍ରିକାର ପୂର୍ବ ସଂସ୍କରଣ ଗୁଡ଼ିକ



୨୦୧୬



୨୦୧୮



୨୦୧୯


୨୦୨୦


୨୦୨୨


୨୦୨୩


୨୦୨୪


୨୦୨୫



ମହକ ପତ୍ରିକାର ପୂର୍ବ ସଂସ୍କରଣଗୁଡ଼ିକୁ
ପଢ଼ିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।

ସମ୍ପାଦକୀୟ.....



ସାହିତ୍ୟ ଦର୍ପଣରେ ସମାଜର ପ୍ରତିଛବି ପ୍ରତିଫଳିତ ହୁଏ । ଏହା ପ୍ରକାଶିତ ହେବା ପାଇଁ ମାଧ୍ୟମ ଖୋଜେ । କେତେବେଳେ ଏହା କବିତା, ଗଳ୍ପ, ଉପନ୍ୟାସ, କାବ୍ୟ ଆକାରରେ ଝରି ପଡ଼େ ତ ପୁଣି କେତେବେଳେ ନାଟକ, ପତ୍ରପତ୍ରିକା ମଧ୍ୟରେ ନିଜର ଅସ୍ତିତ୍ୱ ଜାହିର କରେ । ଆମ 'ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ'ର ବାର୍ଷିକ ମୁଖପତ୍ର 'ମହକ' ବିଗତ ଆଠବର୍ଷ ଧରି ନିଜ ସୌରଭକୁ ଅବିରତଭାବେ ବିତରଣ କରିବା ସହ ଚଳିତ ବର୍ଷ ମୋ ଉପରେ ଆସ୍ଥା ସ୍ଥାପନ କରି 'ମହକ'ର ସମ୍ପାଦିକା ପଦ ଅର୍ପଣ କରିଥିବା ମୋର ଗୁରୁ, ଗୁରୁଜନ ଓ ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟଙ୍କ ନିକଟରେ ମୁଁ ଆଜୀବନ ଋଣୀ ।

ସେବା କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଥିବା 'ବଣମଲ୍ଲୀ' ସାହିତ୍ୟ କ୍ଷେତ୍ରରେ ମଧ୍ୟ ନିଜର ବୈଜୟନ୍ତୀ ବାନା ଉଡ଼ାଇ ଚଲିଛି । କ୍ଷୁଦ୍ର ପାଦପଠାରୁ ଆରମ୍ଭ କରି ବିରାଟ ଦ୍ରୁମ ପରି ସମସ୍ତ ପ୍ରତିଭାଙ୍କୁ 'ମହକ' ସବୁବେଳେ ନିଜ ବୁକୁରେ ଜାବୁଡ଼ି ଧରିଛି, ଅର୍ଥାତ୍ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କଠାରୁ ଆରମ୍ଭ କରି ବିଶିଷ୍ଟ ସାହିତ୍ୟିକ ତଥା ସାହିତ୍ୟରେ ରୁଚି ରଖୁଥିବା ବ୍ୟକ୍ତି ବିଶେଷଙ୍କ ଲେଖା 'ମହକ'ରେ ସ୍ଥାନ ପାଏ । ପତ୍ରିକାଟି ଆଞ୍ଚଳିକ ହେଲେ ମଧ୍ୟ ଏହାର ପରିସର ଭୂମିରୁ ଭୂମା ଯାଏ ବିସ୍ତୃତ ।

ଏତିକିରେ "ବଣମଲ୍ଲୀ"ର କଳେବର ସୀମିତ ନୁହେଁ । ସାହିତ୍ୟ ଓ ସେବା ସହିତ ସାମାଜିକ ସଚେତନତା ଏହାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବିଗତ କିଛିବର୍ଷ ଧରି ନିଶାମୁକ୍ତ ଭାରତ, ସ୍ୱଦେଶୀ ଦ୍ରବ୍ୟ କ୍ରୟର ପ୍ରଖର ପ୍ରସାର ଅଭିମାନ ମଧ୍ୟ ଆମେ କାକ୍ଷ ନେଇଛୁ । ଏଥିରେ ଆଉ ଫର୍ଦ୍ଦେ ଗୌରବୋଜ୍ଜ୍ୱଳ ପୃଷ୍ଠା ଯୋଡ଼େ ଆମର ରକ୍ତଦାନ କାର୍ଯ୍ୟକ୍ରମ । ଖରାଦିନେ ରକ୍ତର ଅଭା ଦେଖାଦେଉଥିବା ସ୍ଥଳେ ଆମ ଅନୁଷ୍ଠାନ ବିଗତ କିଛି ବର୍ଷ ଧରି ରେଡ୍‌କ୍ରସ ସଂସ୍ଥାକୁ ରକ୍ତ ଯୋଗାଇ ଆସୁଛି ।

ଭାଷା ଗୋଟିଏ ଜାତିର ପରିଚୟ ଓ ଭବିଷ୍ୟତ । ମାତୃଭାଷାକୁ ନିଜ ଆଚରଣ ଓ ଉଚ୍ଚାରଣରେ ଗୁରୁତ୍ୱ ଦେଇଆସିଛି ଆମ "ବଣମଲ୍ଲୀ" ଓ ଏହାର ମାନସ ସନ୍ତାନ "ମହକ" । "ମହକ"ର ମହକ ଆଞ୍ଚଳିକତାର ସୀମା ଡେଇଁ ଦିଗବିଦିଗ ଯାଏ ପ୍ରସାରିତ ଏଥିରେ ପ୍ରକାଶିତ ପ୍ରତ୍ୟେକଟି ଲେଖା ସମସାମୟିକ ଘଟଣା, ଦୁର୍ଘଟଣା, ଅବକ୍ଷୟ, ଅପଚୟ, ଭ୍ରାନ୍ତି ଓ କ୍ରାନ୍ତି ଉପରେ ପର୍ଯ୍ୟବେସିତ ପାଠକୀୟ ଉଚ୍ଚଣ୍ଡାକୁ ଏହା ଶେଷଯାଏ ବାନ୍ଧିରଖୁ, ଏତିକି ଆମର ପ୍ରୟାସ ମାତ୍ର ।

ତେବେ ଏ ଶ୍ରେୟର ଅଧିକାରୀ କେବଳ ଜଣେ ବା ଦୁଇଜଣ ବ୍ୟକ୍ତିବିଶେଷ ନୁହଁନ୍ତି, ଅନୁଷ୍ଠାନ ସହ ଜଡ଼ିତ ପ୍ରତ୍ୟେକ ବ୍ୟ ତଥା ଅନୁଷ୍ଠାନକୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତି ଅନୁଷ୍ଠାନର ଏ ଶ୍ରେୟରେ ଭାଗିଦାରୀ ଅଟନ୍ତି । ମତେ ଉତ୍ସାହିତ କରିଥିବା ଆ ଉପଦେଷ୍ଟା ପଦ୍ମନାଭ ଶତପଥୀ, ଅଜୟ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ସରୋଜ କୁମାର ସାହୁ, ପ୍ରମୋଦ କୁମାର ମଲ୍ଲିକ, କ ଚରଣ ସାହୁ ଓ ପ୍ରମୋଦ କୁମାର ଶତପଥୀ, ମୋ ଉପରେ ଭରସା ରଖିଥିବା ସଭାପତି ଡ.ଜୟଦେବ ଶତପଥୀ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, କାର୍ଯ୍ୟକାରୀ ସଂପାଦକ ସରୋଜକାନ୍ତ ବେହେରା, ସଂପାଦକ ମାନସ ରଞ୍ଜନ ପ୍ରଧାନଙ୍କର ଓ ମତେ ସୁଯୋଗ ଦେଇଥି ସୁଯୋଗ୍ୟ ସଦସ୍ୟ/ସଦସ୍ୟାଙ୍କର ।

ପ୍ରଚ୍ଛଦରେ ରହି 'ମହକ' ପାଇଁ ପ୍ରଚ୍ଛଦ ଆଙ୍କିଥିବା ସ୍ୱର୍ଗତଃ ମନୋଜ କୁମାର ପ୍ରଧାନଙ୍କ ନିକଟରେ ଆମେ ଚିରକୃତଜ୍ଞ । ତା ଅବର୍ତ୍ତମାନରେ ତାଙ୍କ ପ୍ରଦତ୍ତ 'ମହକ' ପାଇଁ ଆମେ ମହକିତ । ସେ ପ୍ରଦାନ କରିଥିବା ପ୍ରଚ୍ଛଦ ଏବେ ମଧ୍ୟ ଆମ ପାଇଁ ପୁଞ୍ଜି ଭା କାର୍ଯ୍ୟରତ । ସଶରୀରରେ ନହେଲେ ମଧ୍ୟ ଚିନ୍ତା ଓ ଚେତନାରେ ତାଙ୍କର ଉପସ୍ଥିତି ଅନୁଭବ୍ୟ । ପ୍ରତିଟି ସଦସ୍ୟଙ୍କ ସାହିତ୍ୟାନୁରାଗ ଅ 'ମହକ' ପାଇଁ ପ୍ରେରଣା ।

ପ୍ରକାଶ ପାଇଥିବା ପ୍ରତ୍ୟେକ ସ୍ରଷ୍ଟାଙ୍କୁ ମୋର ଶୁଭେଚ୍ଛା । ଅଜ୍ଞତାବଶତଃ ପ୍ରକାଶ ପାଇପାରିନଥିବା ସ୍ରଷ୍ଟାଙ୍କ ନିକଟରେ କ୍ଷମାପ୍ରାର୍ଥୀ । ପୂର୍ବପରି ଆପଣଙ୍କ ବିଶ୍ୱାସ ଆମର ସାହସ ଓ ପୁଞ୍ଜି ।


ଏ ମହକ ସାହିତ୍ୟାନୁରାଗୀ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପାଦତଳେ ସମର୍ପିତ । ଏହାକୁ ଆପଣମାନେ ସାଦରେ ଗ୍ରହଣ କରି ବୋଲି ଆଶା ଓ ବିଶ୍ୱାସ । ଆପଣଙ୍କ ବିଶ୍ୱାସ ଆମ 'ମହକ' ପାଇଁ ନୂତନ ସମ୍ଭାବନା ନେଇ ଅଗ୍ରଗାମୀ ହେଉ ।

ମହକର ମହକ ଦିଗବିଦିଗ ବ୍ୟାପ୍ତ ହେଉ ।

॥ ପ୍ରଣାମ ॥

ଦମୟନ୍ତୀ ପ୍ରଧାନ
ସମ୍ପାଦିକା, "ମହକ" ନବମ ସଂସ୍କରଣ

ସଭାପତିଙ୍କ କଲମରୁ ...





ବଣମଲ୍ଲୀ- ପବିତ୍ର ଓଡ଼ିଶା ମାଟିର ଯାଜପୁର ଜିଲ୍ଲାର କିଛି ସାହିତ୍ୟପ୍ରେମୀ ଓ ମାନବପ୍ରେମୀ ବ୍ୟକ୍ତିଙ୍କର ସ୍ୱପ୍ନ, ସାଧନା ଓ ସମର୍ପଣର ଏକ ସୁନ୍ଦର ମାନସ ସନ୍ତାନ। ୨୦୧୫ ମସିହା ମଇ ୨୫ ତାରିଖରେ ବ୍ରାହ୍ମଣୀ ନଦୀ କୂଳସ୍ଥ ବୃନ୍ଦାଦେଇପୁରଶାସନସ୍ଥିତ ଗଡ଼ଜାତ ଆନ୍ଦୋଳନର ସ୍ମାରକୀ ପୀଠରେ ଏହାର ଶୁଭ ଆତ୍ମପ୍ରକାଶ ଘଟିଥିଲା। ସେହି ସାୟଂକାଳୀନ ସାହିତ୍ୟ ଆସରରେ ଓଡ଼ିଆ ଭାଷାର କ୍ରମଶଃ ଅବକ୍ଷୟ ଓ ସାହିତ୍ୟ ଚର୍ଚ୍ଚାର ଅବନତି ନେଇ ଆଲୋଚନା କରୁ କରୁ ଏକ ସୁସଙ୍ଗଠିତ ସାହିତ୍ୟ ସଂସଦ ଗଠନର ଆବଶ୍ୟକତା ଅନୁଭବ କରାଗଲା।

ସାହିତ୍ୟ ଓ ସମାଜସେବା-ଉଭୟ କ୍ଷେତ୍ରରେ ଗଭୀର ରୁଚି ଓ ସମର୍ପଣ ରଖୁଥିବା ଶ୍ରୀଯୁକ୍ତ ନିର୍ମାଲ୍ୟ କୁମାର ପ୍ରଧାନ, ସରୋଜକାନ୍ତ ବେହେରା, ଶ୍ରୀ ଲାଲ୍‌ମୋହନ ଶତପଥୀ, ଶ୍ରୀ ଅନିମେଷ ପଟ୍ଟନାୟକ, ଶ୍ରୀ ରବୀନ୍ ରାଜ ସାହୁ ଓ ମୁଁ ମିଶି ମୌଖିକ ଭାବେ ଏକ ସାହିତ୍ୟ ସଂସଦର ଭିତ୍ତିପ୍ରସ୍ତର ସ୍ଥାପନ କଲୁ। ଆମର ମୂଳ ଉଦ୍ଦେଶ୍ୟ ଥିଲା- ଗ୍ରାମାଞ୍ଚଳରେ ଓଡ଼ିଆ ସାହିତ୍ୟର ପ୍ରଚ୍ଛର ପ୍ରସାର ତଥା ନବୀନ ଲେଖକ ଲେଖିକା ସୃଷ୍ଟି କରିବା।

୨୦୧୫ ମସିହା ଜୁନ୍ ୧୬ ତାରିଖରେ, ଅନ୍ତିମ ରଜ ଅବସରରେ ନବଗଠିତ ସଂଗଠନର ଏକୋଇଶିଆ ପାଳନ ସହ ଏକ କବିତା ଆସରର ଆୟୋଜନ କରାଗଲା ଏବଂ ସଂଗଠନର ନାମକରଣ କରାଗଲା- 'ବଣମଲ୍ଲୀ ସାହିତ୍ୟ ସଂସଦ'। ଗ୍ରାମ ମାଟିରେ ଫୁଟି ଅବହେଳାରେ ମଉଳିଯାଉଥିବା ବଣମଲ୍ଲୀ ଫୁଲ ପରି ଗ୍ରାମ୍ୟ ପ୍ରତିଭାମାନେ ଆଉ ଅନ୍ଧକାରରେ ରହିବେ ନାହିଁ, ସେମାନଙ୍କର ସୃଜନଶୀଳତା ସାରା ଦୁନିଆରେ ପରିଚିତ ହେବେ-ଏହି ମହତ୍ ସଂକଳ୍ପକୁ ନେଇ ବଣମଲ୍ଲୀ ନିଜର ସୃଜନଶୀଳ ଯାତ୍ରା ଆରମ୍ଭ କଲା।

ପ୍ରତିବର୍ଷ ଜୁନ୍ ୧୬ ତାରିଖ ଅର୍ଥାତ୍ ଶେଷ ରଜ ଅବସରରେ ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ଏହାର ପ୍ରମୁଖ ଲକ୍ଷ୍ୟ ଥିଲା ଗ୍ରାମ୍ୟ ପ୍ରତିଭାମାନଙ୍କୁ ଉଚିତ୍ ମଞ୍ଚ ଓ ସୃଜନର ସୁଯୋଗ ପ୍ରଦାନ କରିବା।

୨୦୧୫-୧୬ ମସିହାର ମଧ୍ୟବର୍ତ୍ତୀ ସମୟରେ ଏହି ଅନୁଷ୍ଠାନ ସାହିତ୍ୟ ସହିତ ଧୀରେ ଧୀରେ ସମାଜସେବା କ୍ଷେତ୍ରରେ ମଧ୍ୟ ନିଜକୁ ସମ୍ପୃକ୍ତ କରିଲା। ବୃକ୍ଷରୋପଣ, ରାଷ୍ଟ୍ରୀୟ ଦିବସ ପାଳନ ଇତ୍ୟାଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇ ସମାଜ ପ୍ରତି ନିଜ ଦାୟିତ୍ୱବୋଧ ପରିଚୟ ଦେଲା।

୨୦୧୬ ମସିହା ଜୁନ୍ ୧୬ ତାରିଖରେ ପୂର୍ବ ନିର୍ଦ୍ଧାରିତ ପରମ୍ପରା ଅନୁଯାୟୀ ଦ୍ୱିତୀୟ ବାର୍ଷିକ ଉତ୍ସବ ଆୟୋଜିତ ହେଲା। ସେଥିରେ କବିତା ସହିତ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କଳାକୁ ସାମିଲ କରାଯାଇ ଗ୍ରାମ୍ୟ ପ୍ରତିଭାମାନଙ୍କୁ ନିଜ କଳା ପ୍ରଦର୍ଶନର ସୁଯୋଗ ଦିଆଗଲା।

ସେହି ବର୍ଷ ଇଂ. ପ୍ରମୋଦ ଶତପଥୀ ଏହି ଅନୁଷ୍ଠାନ ସହ ଯୋଡ଼ିହେଲେ ଏବଂ ସାହିତ୍ୟ ସହ ସମାଜସେବାକୁ ଆହୁରି ସୁଦୃଢ଼ ଓ ବ୍ୟାପକ କରିବା ପାଇଁ ପ୍ରସ୍ତାବ ରଖିଲେ ଧିରେ ଧିରେ ଏହି ଅନୁଷ୍ଠାନ ଲୋକଲୋଚନକୁ ଆସିଲା।

୨୦୧୬-୧୭ ମଧ୍ୟରେ ବଣମଲ୍ଲୀ ସାହିତ୍ୟ ସହ ସମାଜସେବା କ୍ଷେତ୍ରରେ ମଧ୍ୟ ନିଜର ସକ୍ରିୟ ଓ ସୃଜନଶୀଳ ଅବଦାନ ରଖିଲା। ଓଡ଼ିଆ ସାହିତ୍ୟର ପ୍ରଚ୍ଛର ପ୍ରସାର, ନୂତନ ଲେଖକ-ଲେଖିକା


ସୃଷ୍ଟି ଓ ସମାଜକୁ ସାହିତ୍ୟମନସ୍କ କରିବା ସହିତ ନିଶାନିବାରଣ, ଶିଶୁ ସୁରକ୍ଷା, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶ ପାଇଁ ବକ୍ତୃତା ପ୍ରତିଯୋଗିତା, ମତଦାତା ସଚେତନତା କାର୍ଯ୍ୟକ୍ରମ, ନିଃସହାୟ ଲୋକଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟ ଏବଂ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ଗୃହ ନିର୍ମାଣ ଅଭାବି ମେଧାବି ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହଯୋଗ ଭଳି ବିଭିନ୍ନ ମହତ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରି ସମାଜରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଲା। ୨୦୧୭ ମସିହାରେ ଇଂ ପ୍ରମୋଦ ଶତପଥୀ, ଇଂ ମନୋଜ ପ୍ରଧାନ, ସରୋଜ ସାହୁ ଓ ପଦ୍ମନାଭ ଶତପଥୀଙ୍କ ମାର୍ଗଦର୍ଶନ ଓ ସହଯୋଗରେ ବଣମଲ୍ଲୀର ମୁଖପତ୍ରର ପ୍ରଥମ ସଂସ୍କରଣ ପ୍ରକାଶ ପାଇଲା, ଯାହାର ନାମ ରଖାଗଲା- "ମହକ"। ଗ୍ରାମାଞ୍ଚଳରେ ନୂତନ ଲେଖକ ଓ ଲେଖିକା ସୃଷ୍ଟି କରିବା ହିଁ ଏହାର ମୂଳ ଉଦ୍ଦେଶ୍ୟ ରହିଥିଲା।

୨୦୧୮ ମସିହା ବଣମଲ୍ଲୀ ପାଇଁ ଏକ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ବର୍ଷ ଭାବେ ପରିଗଣିତ। ଏହି ବର୍ଷ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ସରକାରୀ ସ୍ତରରେ ବିଧିବଦ୍ଧ ଭାବେ ପଞ୍ଜିକୃତ ହୋଇ ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ରୂପେ ପରିଚୟ ଲାଭ କଲା। ଏହିଭଳି ଭାବେ ୨୦୧୫ ମସିହାରୁ ସଂଗଠନଟି ନିରନ୍ତର ଭାବେ ସାହିତ୍ୟ ଓ ସେବା କ୍ଷେତ୍ରରେ ନିଜକୁ ସମର୍ପିତ କରିଆସୁଅଛି। ଯଦିଓ ଏହି ସଂଗଠନର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା ଓଡ଼ିଆ ସାହିତ୍ୟର ସୁରକ୍ଷା, ସାହିତ୍ୟ ପ୍ରୀତିର ପୁନର୍ଜୀବନ ଓ ସମାଜକୁ ସାହିତ୍ୟମନସ୍କ କରାଇବା, କାଳକ୍ରମେ ସଂଗଠନଟି ସମାଜସେବା କ୍ଷେତ୍ରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ଓ ସମ୍ମାନଜନକ ପରିଚୟ ସୃଷ୍ଟି କରିପାରିଲା। ଉପଦେଷ୍ଟାମାନଙ୍କର ସୁଦୂରଦର୍ଶୀ ଦିଗ୍‌ଦର୍ଶନ, ସଦସ୍ୟମାନଙ୍କର ନିଷ୍ଠା ଓ ଅନୁଷ୍ଠାନର ଅକ୍ଲାନ୍ତ ପ୍ରୟାସ ଏହାକୁ ଏକ ଅନନ୍ୟ ପରିଚୟ ପ୍ରଦାନ କରିଛି।

ବର୍ତ୍ତମାନ ଏହି ଅନୁଷ୍ଠାନ ସମାଜର ଅବହେଳିତ ବର୍ଗଙ୍କୁ ବିଭିନ୍ନ ସହଯୋଗ ପ୍ରଦାନ କରିବା ସହିତ ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ଆର୍ଥିକ ଅନଗ୍ରସର ଓ ଗୃହହୀନ ବ୍ୟକ୍ତିଙ୍କ ପାଇଁ ବାସଗୃହ ନିର୍ମାଣ, ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହଯୋଗ, ଗ୍ରାମାଞ୍ଚଳରେ ନବୀନ ଲେଖକ ଲେଖିକା ସୃଷ୍ଟି, ବୃକ୍ଷରୋପଣ, ଶିକ୍ଷାନୁଷ୍ଠାନମାନଙ୍କରେ ବିଭିନ୍ନ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜନ ଏବଂ ସମାଜ ଓ ପରିବେଶ ସଚେତନତାଧର୍ମୀ କାର୍ଯ୍ୟରେ ନିଜକୁ ସମର୍ପିତ କରିଛି। ସମସ୍ତ ଉପଦେଷ୍ଟା, ବୁଦ୍ଧିଜୀବୀ, କର୍ମକର୍ତ୍ତା, ଶୁଭେଚ୍ଛୁ ଓ ସହଯୋଗୀମାନଙ୍କର ଆଶୀର୍ବାଦ, ସହଯୋଗ ଓ ମାର୍ଗଦର୍ଶନ ପାଇଁ ଏହା ସମ୍ଭବ ହୋଇପାରୁଛି। ଆପଣମାନଙ୍କର ଜନବଳ, ଧନବଳ, ବହୁମୂଲ୍ୟ ସମୟ ଓ ନିରନ୍ତର ପ୍ରେରଣା ପାଇଁ ଏହି ଅନୁଷ୍ଠାନ ମାନବୀୟ କାର୍ଯ୍ୟରେ ନିରନ୍ତର ଭାବେ ବ୍ରତୀ ହୋଇପାରିଛି। ଅନୁଷ୍ଠାନର ଉନ୍ନତି ଓ ସଫଳତାରେ ଆପଣମାନଙ୍କର ପ୍ରତ୍ୟକ୍ଷ ଓ ବହୁମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ଜ୍ଞାପନ କରୁଛି।

ନମସ୍କାର

—୦—



ଡ. ଜୟଦେବ ଶତପଥୀ

ସଭାପତି, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

ଶ୍ରୀଯୁକ୍ତ ଅମ୍ବର କୁମାର କର, ଓ.ପ୍ର.ସେ. (ଏସ୍.ଏସ୍.)
Shri Ambar Kumar Kar, OAS (SS)
Collector & District Magistrate, Jajpur,
Odisha

Tel. No. 06728-222001 (O)
06728-222330 (R)
Email- dm-jajpur@od.gov.in
Website: www.jajpur.odisha.gov.in

ବାର୍ତ୍ତା

ସାହିତ୍ୟ ମଣିଷର ବୌଦ୍ଧିକତାକୁ ପରିପୃଷ୍ଟ କରିଥାଏ ଏବଂ ସେବା ମଣିଷକୁ ଉଚ୍ଚସ୍ତରକୁ ଉନ୍ନିତ କରିଥାଏ ।

ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୁନ୍ଦାଦେଇପୁର ଅଂଚଳରେ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ଏକ ଅଗ୍ରଣୀ ଅନୁଷ୍ଠାନ ଅଟେ । ବିଗତ ୧୧ ବର୍ଷଧରି ଶିକ୍ଷା, ସ୍ୱାସ୍ଥ୍ୟ, ରକ୍ତଦାନ, ବୃକ୍ଷରୋପଣ, ସାହିତ୍ୟର ପ୍ରଚାର ପ୍ରସାର ଏବଂ ସାମାଜିକ ସମସ୍ୟା ସମ୍ବନ୍ଧରେ ସଚେତନତା କାର୍ଯ୍ୟପାଇଁ ଏହି ଅନୁଷ୍ଠାନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଗ୍ରାମାଂଚଳରେ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ ଏହି ଅନୁଷ୍ଠାନ ଆନୁକୂଲ୍ୟରେ 'ମହକ' ନାମରେ ଏକ ପତ୍ରିକା ପ୍ରତିବର୍ଷ ପରି ପ୍ରକାଶ ପାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରୁଛି ।

ଏହି ଉତ୍ସବ ଓ ମୁଖପତ୍ର ସହିତ ଜଡିତ ସମସ୍ତ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ମୁଁ ଶୁଭେଚ୍ଛା ଜଣାଇବା ସହିତ ସଙ୍ଗଠନର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ଅମ୍ବର କୁମାର କର)

ଡ. ଶରତ କୁମାର ଜେନା
ସହକାରୀ ପ୍ରାଧାପକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ



ବାର୍ତ୍ତା

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନକୁ ମୋର ଆନ୍ତରିକ ସାଧୁବାଦ । ଆନନ୍ଦର ବିଷୟ ଯେ ଏପରି ଏକ ଅନୁଷ୍ଠାନ ଓଡ଼ିଶାର ଗ୍ରାମ୍ୟ ପରିବେଶରେ ସାହିତ୍ୟ, ସଂସ୍କୃତି ଓ ସମାଜ ସେବାକୁ ସଚ୍ଚଳ କରି ରଖିବାର ଏମିତି ଏକ ନିଆରା ପ୍ରୟାସ ଦୀର୍ଘ ଏଗାର ବର୍ଷ ଧରି ଜାରି ରଖିଛି । ଆଜିକାଲି ଏମିତି ନିଃସ୍ୱାର୍ଥ ସେବା ଓ ନୂଆ କିଛି କରି ଦେଖାଇବାର ପ୍ରୟାସ କେତେଜଣ ବା କରନ୍ତି ?

ବଣମଲ୍ଲୀ ଦୀର୍ଘଜୀବୀ ହେଉ । ନିଜର ସୌରଭରେ ସୁରଭିତ କରୁ ସମଗ୍ର ଅଞ୍ଚଳ, ଦେଶ, ବିଶ୍ୱ । ଏତିକି କାମନା ।

ଡ. ଶରତ କୁମାର ଜେନା
ସହକାରୀ ପ୍ରାଧାପକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ



ଡକ୍ଟର ବଦ୍ରି ମିଶ୍ର

ସଦସ୍ୟ-ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ

ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଗୀତିକାର ଓ ସମାଜସେବୀ

ବାର୍ତ୍ତା

ଯଦି ରାଜା ଯଯାତିକେଶରୀ, ଶଙ୍କରାଚର୍ଯ୍ୟଙ୍କ ସହାୟତାରେ ସୋନପୁର ମହାନଦୀ ତଟରୁ, ବିଧର୍ମୀଙ୍କ ଆକ୍ରମଣରୁ ରକ୍ଷା ପାଇଁ ୧୪୪ ବର୍ଷ ଧରି ଗୋପ୍ୟ ଥିବା ଠାକୁରଙ୍କ ବ୍ରହ୍ମ ଉଦ୍ଧାର କରି, ଯାଜପୁରର ବିରଜାଙ୍କ ଠାରେ ନବକେଳବର କରିନଥାନ୍ତେ, ତେବେ ବିଶ୍ୱ ଦେବତା ଭାବରେ ଆଜି ବିଶ୍ୱରେ ମହକୁ ନଥାନ୍ତେ ଶ୍ରୀଜଗନ୍ନାଥ।

ସେହି ମାଟିର ସମୃଦ୍ଧ ଧର୍ମଶାଳା ବ୍ଲକର ବୃନ୍ଦାଦେଇପୁରରେ ବଣମଲ୍ଲୀ ହୋଇ ମହକୁଥିବା ସାହିତ୍ୟ ଓ ସେବା ସଂଗଠନ, ଦୀର୍ଘ ବର୍ଷ ଧରି କେବଳ ଯେ ଶହ ଶହ କବି/ଗାଳ୍ପିକ ସୃଷ୍ଟି କରିଛି ତାହା ନୁହେଁ, ଠିଆ କରିଛି ଶହ ଶହ ଭେଣ୍ଡିଆ ଗଛ। ତା'ର ଆହ୍ୱାନରେ ରକ୍ତଦାନ-ମହାପୁଣ୍ୟ ହୋଇପାରିଛି। ସାଧାରଣ ଜୀବନରୁ ବାହାରି ଆସି ଜୀବନ ସଙ୍ଗୀତ ଗାଇଛନ୍ତି ଶହଶହ ମଣିଷ।

ସାହିତ୍ୟ, ସଂସ୍କୃତି, ସମାଜସେବାରେ ବିକଶିତ ଏହି ଅନୁଷ୍ଠାନ, ନିଜ ମହକରେ ଓଡ଼ିଶା ଓ ଓଡ଼ିଆଙ୍କ ପ୍ରାଣର ସ୍ପନ୍ଦନ ହୋଇ, ବଣମଲ୍ଲୀର ମହକରେ ଶହଶହ ସାହିତ୍ୟିକ, କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ ଓ ସମାଜସେବୀକୁ ସ୍ପନ୍ଦିତ କରୁ, ଏହା ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର, ଶ୍ରୀକ୍ଷେତ୍ର ପୁରୀରୁ ପ୍ରାର୍ଥନା।

ଅନୁଷ୍ଠାନର ବିକାଶ ଓ ସମୃଦ୍ଧି କାମନା ସହ -



ଡକ୍ଟର ବଦ୍ରି ମିଶ୍ର

ସଦସ୍ୟ-ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ

ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଗୀତିକାର ଓ ସମାଜସେବୀ

ମନୋଜ ପଟ୍ଟନାୟକ
ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଗୀତିକବି



ବାର୍ତ୍ତା

ଗ୍ରାମ୍ୟ ଜୀବନର ଅପହଞ୍ଚ ସୁଖ-ସ୍ୱପ୍ନକୁ ପୁଞ୍ଜି କରି ଯାଜପୁର ଜିଲ୍ଲାର ବୃନ୍ଦାଦେଈପୁରରେ ଗଢ଼ା ହୋଇଥିବା "ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ"ର ମୁଖପତ୍ର **"ମହକ"**ର ନବମ ସଂସ୍କରଣର ମହାର୍ଘ ଉନ୍ମୋଚନ ଉତ୍ସବ ଉପଲକ୍ଷେ ମୋର ଅସୀମିତ ଶୁଭକାମନା ଓ ଅଭିନନ୍ଦନ ।

ଗ୍ରାମ୍ୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ଗ୍ରାମାଞ୍ଚଳରେ ସାହିତ୍ୟ-ସଂସ୍କୃତିର ବିକାଶ ପର୍ବରେ ଆଗୁସାର ଭୂମିକାକୁ ପାଥେୟ କରି ନୂଆ ପୁରୁଣା ସବୁ ସଂସ୍କୃତିସମ୍ପନ୍ନ ମଣିଷମାନଙ୍କର ଏକ ପ୍ରତିଶ୍ରୁତିବଦ୍ଧ ସାହିତ୍ୟ ମଞ୍ଚର ପରିକଳ୍ପନା ସ୍ୱାଗତଯୋଗ୍ୟ ଓ ପ୍ରଶଂସାର୍ହ ।

ଆଗାମୀ ଜୁନ୍ ୧୬ ତାରିଖରେ ବହୁ ପ୍ରତିକ୍ଷିତ ରଜୋତ୍ସବର ପୂର୍ଣ୍ଣ ସଫଳତା କାମନା କରି ଏହି ସଂଗଠନର ସୁଦୀର୍ଘ ଶ୍ରୀବୃଦ୍ଧି ଆଶା କରୁଛି ।

ବହୁତ ବହୁତ ଶୁଭେଚ୍ଛା ।

ମନୋଜ ପଟ୍ଟନାୟକ
ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଗୀତିକବି

ଡକ୍ଟର ରାଜକିଶୋର ପାଢ଼ୀ

ଓଡ଼ିଶା ସାହିତ୍ୟ ଏକାଡେମୀ
କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ ସାହିତ୍ୟ ପୁରସ୍କାର
ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଓ ଲେଖକ



ବାର୍ତ୍ତା

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ, ବୃନ୍ଦାଦେଈପୁର ବିଗତ ଏଗାର ବର୍ଷ ଧରି ଗ୍ରାମାଞ୍ଚଳରେ ସାହିତ୍ୟର ପ୍ରଚାର ପ୍ରସାର ସହିତ, ଶିକ୍ଷା, ସ୍ୱାସ୍ଥ୍ୟ, ରକ୍ତଦାନ, ବୃକ୍ଷରୋପଣ ଇତ୍ୟାଦି ଜନହିତକର ଓ ସେବାମୂଳକ କାମ କରି ଆସୁଛନ୍ତି ଓ ଏଥିପାଇଁ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ଅତୀତରେ ତାଙ୍କ ସହିତ ମିଶିବାର ସୁଯୋଗ ବେଳେ ଅନୁଭବ କରିଛି ସେଇ ତରୁଣମାନେ କେତେ ସମର୍ପିତ, ନିଃସ୍ୱାର୍ଥ ଓ ସେବା ପରାୟଣ । ଭାରତର ଆତ୍ମା ଆମ ଗ୍ରାମାଞ୍ଚଳରେ ଅଛି ବୋଲି କୁହାଯାଏ । ଗାଆଁର ଯୁବଗୋଷ୍ଠୀ ଯଦି ସାମୂହିକ ମଙ୍ଗଳପାଇଁ ଏକତ୍ରିତ ନ ହେବେ ଓ ବ୍ୟକ୍ତିଗତ ଲାଭର ଉର୍ଦ୍ଧ୍ୱକୁ ଯାଇ ସାମୂହିକ କାମରେ ନ ଲାଗିବେ ରାଷ୍ଟ୍ରର ଆତ୍ମା ହିଁ ଦୁର୍ବଳ ହବ । ମାତ୍ର ସୌଭାଗ୍ୟର କଥା ବଣମଲ୍ଲୀ ସାହିତ୍ୟ ଓ ସେବାସଂଗଠନ ଅନ୍ୟମାନଙ୍କ ଲାଗି ଦୃଷ୍ଟାନ୍ତଟିଏ ହବାର ଯୋଗ୍ୟ ବୋଲି ମନେହୁଏ । ସେଇଥିପାଇଁ ସେମାନେ ବୟସ୍କ ଓ ଉଦାରଚେତା ବିଶିଷ୍ଟ ସଜ୍ଜନମାନଙ୍କର ଶ୍ରଦ୍ଧା ସହଯୋଗ ଓ ଶୁଭେଚ୍ଛା ଲାଭ କରିବାକୁ ଭାଜନ ହେଇଛନ୍ତି । ଚଳିତ ବର୍ଷ ତାଙ୍କ କର୍ମଯୋଗର ମହକ ବିତରୁ ଥିବା 'ମହକ' ପତ୍ରିକାର ନବମ ସଂଖ୍ୟା ଆଲୋକକୁ ଆସିବ । ଏଇ ଅବସରରେ ସଂଗଠନର କର୍ମକର୍ତ୍ତା, ଶୁଭାନୁଧ୍ୟାୟୀମାନଙ୍କୁ ପ୍ରଶଂସା କରିବା ସହିତ ଆଶା କରିବି ଏଇ ଅନୁଷ୍ଠାନ ଦିନେ ସମଗ୍ର ରାଜ୍ୟରେ ଅଗ୍ରଣୀ ଅନୁଷ୍ଠାନ ରୂପେ ସୁନାମ ଅର୍ଜନ କରିବ । ସକଳ ଶୁଭକାମନା ସହ ॥

COLLECTORATE : JAJPUR

Ph.- 06728-222001(O), 222330 (R), Fax-222087

E-mail:dm-jajpur@nic.in, Website:www.jajpur.nic.in

(CULTURE SECTION)

ବାର୍ତ୍ତା

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଈପୁରର ଅଗ୍ରଣୀ ଅନୁଷ୍ଠାନ 'ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ' ଆନୁକୂଲ୍ୟରେ ଗ୍ରାମାଞ୍ଚଳରେ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ ବାର୍ଷିକ ମୁଖପତ୍ରିକା 'ମହକ'ର ନବମ ସଂସ୍କରଣ ପ୍ରକାଶ ପାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ବିଗତ ୧୧ ବର୍ଷ ଧରି ଏହି ଅନୁଷ୍ଠାନ ଶିକ୍ଷା, ସ୍ୱାସ୍ଥ୍ୟ, ରକ୍ତଦାନ, ବୃକ୍ଷରୋପଣ ତଥା ସାମାଜିକ ସଚେତନତା କ୍ଷେତ୍ରରେ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି, ତାହା ପ୍ରକୃତରେ ପ୍ରଶଂସନୀୟ । କେବଳ ସମାଜସେବା ନୁହେଁ, ବରଂ ନିଜ ମାଟିର ଭାଷା ଓ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଆପଣମାନଙ୍କର ଏହି ନିରନ୍ତର ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । 'ମହକ' ପତ୍ରିକା ମାଧ୍ୟମରେ ନୂତନ ତଥା ପ୍ରତିଭାବାନ ଲେଖକମାନେ ସେମାନଙ୍କର ସୃଜନଶୀଳତାର ବିକାଶ କରିବାର ଏକ ଉପଯୁକ୍ତ ମଞ୍ଚ ପାଇପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ ।

ଆସନ୍ତା ଜୁନ୍ ୧୬ ତାରିଖରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ଶୁଭ ଉନ୍ମୋଚିତ ହେବାକୁ ଥିବା 'ମହକ'ର ନବମ ସଂସ୍କରଣ, ଏହାର ନାମ ଭଳି ସାହିତ୍ୟ ଜଗତରେ ନିଜର ସୁବାସ ଖେଳାଇବାରେ ସଫଳ ହେଉ । ଏହି ଅବସରରେ ମୁଁ ପତ୍ରିକାର ସମ୍ପାଦନା ମଣ୍ଡଳୀ, ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ଏଥି ସହିତ ଜଡ଼ିତ ଥିବା ସମସ୍ତ ସଦସ୍ୟଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଙ୍ଗଠନର ଉତ୍ତରୋତ୍ତର ଉନ୍ନତି ଓ ସାମଗ୍ରିକ ସଫଳତା କାମନା କରୁଛି।

(ଶ୍ରୀମତୀ ସୋନାଲୀ ବେହେରା)
ଜିଲ୍ଲା ସଂସ୍କୃତି ଅଧିକାରୀ, ଯାଜପୁର

ତାରିଖ: ୨୬-୦୫-୨୦୨୬
ଯାଜପୁର



ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦାସ
ବରିଷ୍ଠ ସମାଜସେବୀ
ଜେନାପୁର, ଯାଜପୁର

ବାର୍ତ୍ତା

ଆମ ଜେନାପୁର ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ଭାବରେ "ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ" ଦୀର୍ଘ ବାରବର୍ଷ ଧରି ସମାଜସେବା ଓ ଓଡ଼ିଆ ସାହିତ୍ୟର ପ୍ରଚ୍ଚର ପ୍ରସାର କ୍ଷେତ୍ରରେ ସମର୍ପିତ ହୋଇ କାର୍ଯ୍ୟ କରିଆସୁଛି । ଏହି ଅନୁଷ୍ଠାନ ଆନୁକୂଲ୍ୟରେ "ମହକ" ନାମରେ ଏକ ମୁଖପତ୍ର କ୍ରମାଗତ ଭାବେ ପ୍ରକାଶିତ ହୋଇଆସୁଥିବା ଜାଣି ମୁଁ ଆନନ୍ଦିତ । ଚଳିତ ବର୍ଷ ଏହି ପତ୍ରିକା ନବମ ସଂସ୍କରଣରେ ପାଦ ଦେଇଛି । ଏହି ଅବସରରେ ମୁଁ ଅନୁଷ୍ଠାନର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ "ମହକ" ନବମ ସଂସ୍କରଣର ସଫଳ ପ୍ରକାଶନ କାମନା କରୁଛି ।

ପ୍ରଫୁଲ୍ଲ କୁମାର ଦାସ

ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦାସ
ବରିଷ୍ଠ ସମାଜସେବୀ
ଜେନାପୁର, ଯାଜପୁର

ଶ୍ରୀଯୁକ୍ତ ଅଜୟ କୁମାର ଦାସ
ବରିଷ୍ଠ ସମାଜସେବୀ
ଜେନାପୁର, ଯାଜପୁର




ବାର୍ତ୍ତା

ମୁଁ ଜାଣି ଅତ୍ୟନ୍ତ ଖୁସି ହେଲି ଯେ, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ଚଳିତବର୍ଷ ଏହାର ମୁଖପତ୍ର **"ମହକ"**ର ନବମ ସଂସ୍କରଣ ପ୍ରକାଶ କରିବାକୁ ଯାଉଛି ।

ଏହି ଅନୁଷ୍ଠାନ ସାହିତ୍ୟକୁ ପ୍ରାଧାନ୍ୟ ଦେଇ ଲେଖାଲେଖି ପାଇଁ ସ୍ଥାନୀୟ ପ୍ରତିଭା ମାନଙ୍କୁ ପ୍ରେରଣା ଦେବା ସହ ସେମାନଙ୍କ କୃତି ଗୁଡ଼ିକୁ ଏହି ପତ୍ରିକାରେ ପ୍ରକାଶ କରିବା ଅତ୍ୟନ୍ତ ପ୍ରଶଂସନୀୟ ଉଦ୍ୟମ । ସମାଜର ଅସହାୟ ବର୍ଗଙ୍କୁ ସହାୟ ହେବା ସହ ବୃକ୍ଷ ରୋପଣ, ରକ୍ତଦାନ ଶିବିର, ମହାପୁରୁଷଙ୍କର ଜନ୍ମଦିନ ପାଳନ, ବକ୍ତୃତା ପ୍ରତିଯୋଗିତା ଭଳି ଅନେକ ସାମାଜିକ ଓ ବୌଦ୍ଧିକ କାର୍ଯ୍ୟକ୍ରମରେ ନିଜକୁ ବ୍ରତୀ କରିଛନ୍ତି ।

ଏହି ଅବସରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି । ଶେଷରେ "ମହକ" ନବମ ସଂସ୍କରଣର ସଫଳ ପ୍ରକାଶନ ପାଇଁ ଶୁଭକାମନା ଜଣାଉଛି ।



ଶ୍ରୀଯୁକ୍ତ ଅଜୟ କୁମାର ଦାସ
ବରିଷ୍ଠ ସମାଜସେବୀ
ଜେନାପୁର, ଯାଜପୁର

ସୂଚୀପତ୍ର

ବିଷୟ	ଲେଖକ	ପୃଷ୍ଠା
	କବିତା	
ଓଡ଼ିଆ ଆମ ଭାଷା	ରଜତ୍ ପ୍ରଭା ସାହୁ	୧୪
ମୋ ବିଦ୍ୟାଳୟ	କୌଶିକ ସାହୁ	୧୫
ତ୍ରିରଙ୍ଗା ପତାକା	ଶୁଭସ୍ମିତା ବିଶ୍ୱାଳ	୧୫
ତୁମରି ସ୍ମୃତିରେ	ଶେଫାଳି ପଣ୍ଡା	୧୬
ହେ ଗୁରୁ ତୁମେ	କାଜଲ ମଲ୍ଲିକ	୧୬
ମା	ରୂପାଲୀ ବେହେରା	୧୭
ଭାଇ	ଶୁଭାନ୍ୱି ସାହୁ	୧୭
ମୋ ବୋଉ	ବିପାସା ନାୟକ	୧୮
ମୋ ପ୍ରିୟ ଗୁରୁକୁଳ ବିଦ୍ୟାଳୟ	ଲକ୍ଷ୍ମୀପ୍ରିୟା ମହାଳିକ	୧୮
ଅବିଭକ୍ତ ଜେନାପୁର	ଆଦ୍ୟାଶା ମିଶ୍ର	୧୯
ମୋ ବାପା: ମୋର ଆଦର୍ଶ	ଦୀପ୍ତିରେଖା ନାୟକ	୨୦
ଚରିତ୍ର	ଶ୍ରୀୟା ସାଧନା ଦଳାଇ	୨୦
ବୃକ୍ଷ ପାଇଁ ପୃଥ୍ୱୀ ସୁନ୍ଦର	ଶ୍ରୀ କୃଷ୍ଣ ଚନ୍ଦ୍ର ଖଟୁଆ	୨୧
ମୋ ଗର୍ବ ମୋ ଭାରତ	ଗାୟତ୍ରୀ ମଲିକ	୨୨
ଗଛ	ଶରତ ଚନ୍ଦ୍ର କବି	୨୨
ଗୁରୁ	ଶିବାନୀ ପୃଷ୍ଟି	୨୩
କର୍ମ	କାଳୁ ଚରଣ	୨୩
ଦେଶ ପ୍ରୀତି	ମନିଷା ସାହୁ	୨୪
ଆମ ବିଦ୍ୟାଳୟ	ସୋମ୍ୟାଶିଖା ପଣ୍ଡା	୨୪
ଫୁଲ	ଜ୍ୟୋତିଶ୍ରୀ ପାତ୍ର	୨୫
ଜଳ ହିଁ ଜୀବନ	ଶୁଭସ୍ମିତା ନାୟକ	୨୫
କାହିଁକି ଦୂରେଇ ଗଲ	ଗାୟତ୍ରୀ ପ୍ରଧାନ	୨୬
ମା' ପାଇଁ ପଦେ କଥାଟିଏ	ଦିପ୍ତି ଦିଲନ ବେହେରା	୨୭
କଲେଜ	ଶୁଭସ୍ମିତା ନାୟକ	୨୭
ବୋଉ ଓ ମାମୁଁ ଘର	ପବିତ୍ର ସାହୁ	୨୮
ମୋ ବାପା	ନନ୍ଦିନୀ ରାଉତ	୨୯
ମୋ ଘରର ମାଇଲ୍ ଖୁଣ୍ଟ	ଝାନ୍‌ସୀରାଣୀ ମହାନ୍ତି	୩୦

ଜୀବନର ସପନ	ବିନି ରାଉତ	୩୧
କଳିଯୁଗ ମଣିଷ	ଋତୁରାଜ ପାତ୍ର	୩୧
ଜୀବନର ସଂଜ୍ଞା	ରଞ୍ଜିତା ଓଝା	୩୨
ମୋ ଝିଅ ଶ୍ରୀ	ସୋନାଲି ପ୍ରଧାନ	୩୪
ଅତୀତ	ସୋନମ୍ ପ୍ରିୟଦର୍ଶନୀ	୩୪
ଧନ୍ୟ ତୁ ସାବିତ୍ରୀ ସ୍ୱାମୀର	ପୂର୍ଣ୍ଣାନନ୍ଦ ସେଠୀ	୩୫
ସମୟ	ଋତୁପୂର୍ଣ୍ଣା ମହାନ୍ତି	୩୬
ଦୁନିଆରେ ବଡ ସେଇ	ଗାୟତ୍ରୀ ପ୍ରଧାନ	୩୬
ବାପା	ଦମୟନ୍ତୀ ମହାନ୍ତି	୩୭
ସମ୍ପର୍କ- ଏକ ସମର୍ପଣର	ସରୋଜ ଜେନା	୩୭
ଦୁହିତା	ମନୋଜ କୁମାର ନାୟକ	୩୮
ବନ୍ଧୁତ୍ୱରୁ ପଦେ	ମାନସ ରଞ୍ଜନ ପ୍ରଧାନ	୩୮
ମା କବିତା	ସିଦ୍ଧିସ୍ନେହା ବିଶ୍ୱାଳ	୩୯
ମୋ ମନର କଥା	ସ୍ୱାତିକ୍ ଭଦ୍ର	୩୯
ଏମିତି ବି ହୁଏ	ତପସ୍ୱିନୀ ବେହେରା	୩୯
ମଧୁର ଆମର ଓଡିଆ ଭାଷା	ବିଷ୍ଣୁପ୍ରିୟା ପଣ୍ଡା	୪୦
ମା' ଏକ ମୂର୍ତ୍ତିମନ୍ତ ପ୍ରତୀକ	ଶୁଭଶ୍ରୀ ସାହୁ	୪୦
ବୋଉ	ପ୍ରଗତୀ ମିଶ୍ର	୪୧
ସ୍କୁଲ ଦିନ	ମଧୁସ୍ମିତା ପଲାଇ	୪୨
ଜଳ	କଲ୍ୟାଣୀ ସ୍ୱାଇଁ	୪୩
ଉତ୍ତଳ ମାଟି	ଅଭୀପ୍ସା ଶତପଥୀ	୪୩
ସମୟ	ବିଦୁସ୍ମିତା ରାଉତ	୪୪
ଶିଶୁ କବିତା	ଶ୍ରୀମତୀ ପ୍ରମିଳା ଭଂଜ	୪୪
ନାରୀ	ସୋଫିଆ ଓଝା	୪୫
ପରମାଣୁ	ରଂଜନ କୁମାର ବେହେରା	୪୫
ମୁଁ ତୁମ ଜୀବନ ସାଥୀ	ସମିନା ଲେଙ୍କା	୪୬
ବେଇମାନୀ ପ୍ରିୟତମା	ରଂଜନ କୁମାର ରାଉତ	୪୭
ଅଧୁରା କବିତାଟିଏ ଜୀବନ	ପ୍ରଣିତା ପଣ୍ଡା	୪୭
ପରଖି ନିଅ	ପ୍ରଫୁଲ୍ଲ କୁମାର ଦାଶ	୪୮
ଏକ ଉତ୍ତପ୍ତ ମଧ୍ୟାହ୍ନର ସରଳାର୍ଥ	ଡକ୍ଟର ଅରୁଣ କୁମାର ଦାଶ	୪୯
ମନ ତଳର ନିଆଁ	ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ	୫୦
ବାପା	ଦେବେନ୍ଦ୍ର ପ୍ରସାଦ ବଳ	୫୧
ପ୍ରେମ ଏକ ଅଦୃଶ୍ୟ ସୂତା	ସୁଜିତ କୁମାର ନାଏକ	୫୧
ଧାନ କେଣ୍ଡାର ସ୍ୱପ୍ନ	ସୁହାନୀ ରାଉତ	୫୨

ମହକ

ଯୁଦ୍ଧ କାହିଁକି ?	ହେମଲତା ଜେନା	୫୩
ଶାନ୍ତିର ନିଳୟ ମୋ ଓଳାଶୁଣି	ଦୀପ୍ତିପ୍ରଜ୍ଞା ମହାପାତ୍ର	୫୩
ଶକ୍ତି	ଧମେନ୍ଦ୍ର ଚୁହାନ	୫୪
ସାହାଡା ସୁନ୍ଦରୀ	ଦିପୁନ୍ ପୁହାଣ	୫୪
ମୋ ବୋଉ ପରି କିଏ ହେବ	ଗୌତମ ସାମଲ	୫୫
କହ ଜଗା....	ପ୍ରଭାତୀ ପାଣିଗ୍ରାହୀ	୫୬
ସହର ରାସ୍ତା ଆଉ ମୁଁ	ସଙ୍ଗୀତା ପଣ୍ଡା	୫୭
ଆମ ଯାଜପୁର	ସୂର୍ଯ୍ୟଶିଖା ଖୁଣ୍ଟିଆ	୫୭

ପ୍ରବନ୍ଧ

ଭାରତର ଶିକ୍ଷା ବ୍ୟବସ୍ଥା ଓ ସାଂସ୍କୃତିକ ଚେତନା	ଡ. ମନୋରଞ୍ଜନ ଶତପଥୀ	୫୮
ଛାତ୍ର ଜୀବନରେ ସମୟର ମୂଲ୍ୟ	ଜ୍ୟୋତିଷ୍ମାନ୍ ଶତପଥୀ	୬୦
ଓଡ଼ିଆ ପର୍ବପର୍ବାଣୀ: ସମ୍ପର୍କର ସୂତା, ସମନ୍ୱୟର ସୃଷ୍ଟି	ନିର୍ମାଲ୍ୟ କୁମାର ପ୍ରଧାନ	୬୧
ସ୍ମାର୍ଟଫୋନ୍‌ର ବୃଦ୍ଧିଶୀଳ ପ୍ରଭାବ ଓ ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତି କମୁଥିବା ଆଗ୍ରହ	ଡକ୍ଟର ଜୟଦେବ ଶତପଥୀ	୬୨
ନାରୀର ଜୀବନ	ସଙ୍ଗୀତା ସେଠୀ	୬୪
ଶିକ୍ଷା	ଉଷାରାଣୀ ରାଉତ	୬୫
ସଂଘର୍ଷମୟ ଜୀବନ	ସଂଯୁକ୍ତା ପାତ୍ର	୬୬
ନିଜ ଜୀବନ ନିଜ ହାତରେ	ସ୍ୱାଧୀନ ବାରିକ	୬୬
ସମୟ	ମାମାଲି ବାରିକ	୬୭
ସତ୍ୟ ମେବ ଜୟତେ	ପ୍ରିୟଙ୍କା ପ୍ରିୟଦର୍ଶିନୀ ଶତପଥୀ	୬୮
ଭୋକ	ଦମୟନ୍ତୀ ପ୍ରଧାନ	୬୯
ଅଶୁଝା ରଣ	ରଘୁନାଥ ଶତପଥୀ	୭୦
ରଖେ ହରି ତ' ମାରେ କିଏ	ଦେବକୀରାଣୀ ସାହୁ	୭୧
ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନିକ ଏକାଡ଼େମୀ	ଜଗବନ୍ଧୁ ମିଶ୍ର	୭୨
ଦୃଢ଼ ଆତ୍ମବିଶ୍ୱାସ ଏବଂ ନିରନ୍ତର ଚେଷ୍ଟାର ଫଳ	ଅଂଶୁମାନ ଶତପଥୀ	୭୩
ଆମ ଗାଁ ବରଗଛ	ରାଜଶ୍ରୀ ଦାଶ	୭୪
ନାରୀ କବି କୁନ୍ତଳା କୁମାରୀ	ପ୍ରହଲ୍ଲାଦ ପଣ୍ଡା	୭୪
ସମ୍ପର୍କ	ମଧୁସ୍ମିତା ଖଟୁଆ	୭୭

ଗଳ୍ପ

ଅଦୃଶ୍ୟ	ଆଶୁତୋଷ ମେହେର	୭୮
ଅଦୃଶ୍ୟ ସତ୍ୟ	ରେଶ୍ମା ଶତପଥି	୭୯
ପୂର୍ବଚିହ୍ନା ବନ୍ଧୁ	ଶ୍ରୀ ସୌମ୍ୟରଞ୍ଜନ ପାଣି	୮୦
ମହାନତା	ପ୍ରିୟତୋଷ ପ୍ରଧାନ	୮୨
ନିର୍ଜନତାର ସ୍ୱର	ଖାରବେଳ ମହାନ୍ତି	୮୩



ଓଡ଼ିଆ ଆମ ଭାଷା

● ରଜତ୍ ପ୍ରଭା ସାହୁ

ଓଡ଼ିଶା ଆମ ଜନମ ଭୂଇଁ
ଓଡ଼ିଆ ଆମ ଭାଷା
ଏଇ ମାଟିରେ ସୁନା ଫସଲ
ଫଳାଇ ଦିଏ ଚଷା
ଯବାନ ଭାଇ ଜୀବନ ଦେଇ
ଜଗାଇ ଆମ ଦେଶ।
ବିଜ୍ଞାନୀମାନେ ଏ ଦେଶ ପାଇଁ
ମୁଖେ ଫୁଟାନ୍ତି ହସ।
ବାରବରଷେ ବାରଶ ଶିଳ୍ପୀ
ଗଢ଼ିଲେ ଯାହା ଦେଖ।
ବାର ବର୍ଷର ଧରମା ଆମ
ରଖିଲା ଜାତି ଟେକ
ଏଇ ମାଟିର ପାଣି ପବନେ
ଶରୀର ହେଲା ଗଢ଼ା
ଏଇ ମାଟିର ଝଟଶାଳୀରେ
ଶିଖିଲୁ ପାଠ ପଢ଼ା।
ଭଲ ପାଇବା ସୃଷ୍ଟିର ସବୁ
ପାହାଡ଼ ଜନ ନଈ।
ଗପ କବିତା କେତେ ଯେ କଥା
ମନକୁ ଯାଏ ଛୁଇଁ।
ଗାନ୍ଧିଜୀ ବାଣୀ ସତ କାହାଣୀ
ହୃଦୟେ ସଦା ବହି
ଜାତି ଧର୍ମର ଫରକ ଯେତେ
ସମାଜେ ରଖ ନାହିଁ
ଜାତିର ଟେକ ରଖିବା ଆମେ
ଗାଇ ଆମରି ଯଶ
ଏଇ ମାଟିର ସେବାରେ ଆମ
ଜୀବନ ହେଉ ଶେଷ।

—୦—

ତ୍ରିରଙ୍ଗା ପତାକା

❤ଶୁଭସ୍ମିତା ବିଶ୍ୱାଳ

ଆମ ଜାତୀୟତା ତ୍ରିରଙ୍ଗା ପତାକା
କରୁଛି ତାକୁ ପ୍ରଣାମ
ସ୍ୱାଧୀନତା ଅଟେ ଆମ ମୂଳମନ୍ତ୍ର
ଜାତୀୟ ସଂଗୀତ କରୁଥିବା ଗାନ ।
ଆମେ ଭାରତୀୟ ଗର୍ବ ଗୌରବ
ଜାତୀୟତା ଆମ ଚିହ୍ନ ।
ତ୍ରିରଙ୍ଗା ପତାକା ଆମ ଜାତୀୟତା
କରୁଛି ତାକୁ ପ୍ରଣାମ
ଧାରଣ କରିଛି ଆମ ଦେଶ ମାନ
ଧବଳ, ନାରଙ୍ଗୀ, ସବୁଜ ରଙ୍ଗରେ
ଧରି ରଖିଛି ସେ ଆମ ମହାନତା
ଶାନ୍ତି ମୈତ୍ରୀ ଓ ଏକତାର
ସଦ୍‌ଭାବର ଚିହ୍ନ ଆମ
ତ୍ରିରଙ୍ଗା ପତାକା, ଆମ ଜାତୀୟତା
କରୁଛି ତାକୁ ପଣାମ ।
ଜନଗଣମନ ଭାରତ ମାତାର ଜାତୀୟ ଗୀତି
ଗାଇଯିବା ଆସ ଜନଗଣ
ଜାତୀୟ ସଙ୍ଗୀତ ଗାନ ।
କରୁଛି ତାକୁ ପ୍ରଣାମ ।

—o—

ଦଶମ ଶ୍ରେଣୀ
ସ୍ୱପ୍ନେଶ୍ୱର ହାଇସ୍କୁଲ
ଓଡ଼ିଶୋ, ଯାଜପୁର


ମୋ ବିଦ୍ୟାଳୟ

❤କୌଶିକ ସାହୁ

ପାଦ ଦେଇଥିଲି ସ୍କୁଲ ହତାରେ
କଟିଗଲା ଦୁଇ ବରଷ
ଭାଇ ଭଉଣୀଏ ସେନେହ ଶ୍ରଦ୍ଧାରେ
ମନରେ ଫୁଟଇ ହରଷ ।
ଗୁରୁଙ୍କ ଆଦେଶ ଥିଲା ଉପଦେଶ
ଶୁଣୁଥିଲୁ କାନେ କାନେ ।
ଆମେ ସବୁ ଫୁଲ ଗୁରୁ ଆମ ମାଳି
ବିଦ୍ୟାଳୟ ଉପବନେ ।
ରଖିଅଛୁ ମନେ ତାଙ୍କରି ଶରଧା
ଗୁରୁଙ୍କର ହିତବାଣୀ
ତାଙ୍କ ଉପଦେଶ ଆମର ସନ୍ଦେଶ
ରହିଥିବୁ ସଦା ଋଣୀ ।
କେତେ ସ୍ମୃତି, କେତେ କଥା ପୁଣି ଆସେ
ମନରେ ଦିଅଇ ବାର୍ତ୍ତା
ମୋ ବିଦ୍ୟାଳୟ ଜ୍ଞାନର ଆଳୟ
ନଇଁଯାଏ ଆପେ ମଥା ।

—o—

ଦଶମ ଶ୍ରେଣୀ
ସ୍ୱପ୍ନେଶ୍ୱର ହାଇସ୍କୁଲ, ଓଡ଼ିଶୋ
ରସୁଲପୁର, ଯାଜପୁର



ତୁମରି ସ୍ମୃତିରେ

❤ଶେଫାଳି ପଣ୍ଡା

ଦିନ ସିନା ବିତିଯାଏ ସାଥୀ ଗହଳିରେ
ହେଲେ ରାତି ପାହିଯାଏ ତୁମରି ସ୍ମୃତିରେ
ଜୀବନରେ କିଏ ବା ଭଲ ନ ପାଇଛି
ଭୁଲି ପାରୁନାହିଁ ବୋଲି ଆଜି ମୁଁ କହୁଛି
ତୁମକୁ ହରାଇବାପରେ
ଅସହାୟ ହୋଇ ସାଜିଛି ମୁଁ ଥୁଣ୍ଟା ଗଛ
ତୁମରି ସ୍ମୃତିରେ ଆଜି ବି ଜଳୁଛି
ଜଳିବି ଜୀବନ ସାରା।
ତୁମେ ମୋର ଥିଲ ସାଥୀରେ ବାଟୋଇ ପରା
ତୁମକୁ ମୁଁ ଭଲପାଏ।
ତଥାପି ମୁଁ କହୁଥିବି
ତୁମରି ସ୍ମୃତିରେ ସଦା ଜଳୁଥିବି
ବାରମ୍ବାର କହୁଥିବି
ତୁମକୁ ମୁଁ ଭଲପାଏ।

—o—

+୨ ଦ୍ୱିତୀୟ ବର୍ଷ
ଧର୍ମଶାଳା ମହାବିଦ୍ୟାଳୟ
ଜାରକା, ଯାଜପୁର

ହେ ଗୁରୁ ତୁମେ

❤କାଜଲ ମଲ୍ଲିକ

ହେ ଗୁରୁ ତୁମେ ବନ୍ଦନୀୟ
ତୁମେ କମନୀୟ
ତୁମେ ପୂଜନୀୟ
ବନ୍ଦନା କରୁଛୁ ତୁମ ପୟର।
ଜୀବନର ସ୍ମୃତି ପସରା ତୁମେ
ଲିଭିବନି ହୃଦୟରୁ ତୁମରି ଚିହ୍ନ
ଯାହା ପାଇଁ ପାଇଛୁ ଆମେ
ମାନ ସମ୍ମାନ।
ତୁମେ ବନ୍ଦନୀୟ, ତୁମେ ପୂଜନୀୟ
ଦୁଃଖ ଥିଲା ଜୀବନରେ
ସୁଖ ଦେଇ ବଢ଼ାଇଲ ଆମରି ମାନ
ବିଜୟ ଟୀକା ପିନ୍ଧି କମାଇଛ
ଆମ ବିଷାଦର ଅବକ୍ଷୟ
ତୁମ କୀର୍ତ୍ତି ସଦା ଅଜୟ ଅକ୍ଷୟ
ତୁମେ ବନ୍ଦନୀୟ, ତୁମେ ପୂଜନୀୟ।

—o—

ନବମଶ୍ରେଣୀ, ସ୍ୱପ୍ନେଶ୍ୱର ହାଇସ୍କୁଲ
ଓଡ଼ିଶୋ, ରସୁଲପୁର, ଯାଜପୁର

ମା

❤ ରୂପାଲୀ ବେହେରା

ଆଣ୍ଠୁରୁ ଆଣ୍ଠେଇବା ନେଇ ମୁଁ
ପାଦରେ ଛିଡ଼ା ହେଲି ।
ତୋ ମମତା ଛାଇରେ ମାଆ
କେବେ ମୁଁ ବଡ଼ ହେଲି ।
ଆଙ୍ଗୁଠି ଧରି ତୋ ଏ ମାଟିରେ
ମୁଁ ଚଲିବା ଶିଖିଲି
ତୋ ମମତା ନୟନରେ ମାଆ
ସାରା ଦୁନିଆ ଦେଖିଲି ।
ମାଆ ମାଆ କହି କୋଳରେ
କେତେ ମୁଁ କରିଛି ଅଳି ।
ଯେତେ ଭୁଲ୍ କଲେ ତୁ କେବେ
ଦେଇ ନାହିଁ ମତେ ଗାଳି ।
ମନ ଜାଣି ମୋର ଖାଇବାକୁ ଦେଇ
ମିଠା ମିଠା କଥା କହି ।
ଅନେକଙ୍କ ସାଥେ କରିଅଛୁ କଳି
କେବଳ ମୋହରି ପାଇଁ ।
ସବୁବେଳେ ମୋ ପାଖରେ ବସି
ଘଷିଦେଇ ମୋର ମଥା ।
ଲେଖିବାକୁ ଭାରି ଗର୍ବ ଲାଗୁଛି
ମାଆ ତୋହର କଥା ।

—o—

ଭାଇ

❤ ଶୁଭାନ୍ୱି ସାହୁ

ଏହି ଶବ୍ଦରେ ରହିଛି ଏତେ ଯେ ମଧୁରତା
ଫୁଲ ମୁଁ ଭାବେ ତୋ ପାଖେ ନାହିଁ
ବାପା ମାଆ ପଛେ ଭାଇ ରହିଥାଏ
ଆମରି ସୁରକ୍ଷା ପାଇଁ ।
ସେ କେବେ କନ୍ଦାଏ, ପୁଣି ସେ ହସାଏ
ସ୍ନେହର କରୁଣା ଢାଳି
ଲାଗିଥାଏ ନିତି ଦୁହିଁଙ୍କର କଳି
ବର୍ଷ ବାରମାସ ଯାକ
ହେଲେ ଭଉଣୀ ପାଦରେ କଣ୍ଟା ଫୋଡ଼ି ହେଲେ
ଭାଇ ମନ ପୋଡ଼ିଯାଏ ନିର୍ବିପାକ ।
ସେନେହ ଡୋରିରେ ମମତାର ମାଳି
ବାନ୍ଧି ମୁଁ ଦେଉଛି ଭାଇ
ମନେ ରଖିଥିବୁ ଭୁଲି ତୁ ଯିବୁନି
ରହିଥିବୁ ମୋର ଭାଇ ହୋଇ ।

—o—

ଶ୍ରେଣୀ- ୧୦ମ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ



ମୋ ବୋଉ

❤ ବିପାସା ନାୟକ

ବୋଉ ତୋ ମମତା
ସରଗ ସମାନ
ଶୁଝି ପାରିବିନି କେବେ ତୋ ମୂଲ।
କେତେ କଷ୍ଟ ସହି ବଡ଼ କଲୁ ମତେ।
ଭୁଲି ପାରିବିନି ତୋ ସ୍ନେହ ଗେଲ
ତୋହରି ଆଶିଷ ଥିଲା ଅଛି ରହୁ
ତୋ ଚରଣ ଧୂଳି ମୋ ଅମୃତ ହେଉ
ଏତିକି ଇଚ୍ଛା ମୋ କରିଦେ
ତୋ କୋଳରେ ମୋର ଜୀବନ ଯାଉ
ମୋ ବୋଉ।
ତୋ ଆଶା ନିଶ୍ଚୟ କରିବି ପୂରଣ
ପାଦତଳେ ତୋର ଦେଇଥା ଶରଣ
ମୁଁ ପରା ଅବୋଧ ଅଜ୍ଞାନ ଝିଅ ତୋ
କେମିତି ପୂଜିବି ତୋ ପଦ୍ମଚରଣ।

—୦—

ଦଶମ ଶ୍ରେଣୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ
ସିଂହାପୁର, ଯାଜପୁର

ମୋ ପ୍ରିୟ ଗୁରୁକୁଳ ବିଦ୍ୟାଳୟ

❤ ଲକ୍ଷ୍ମୀପ୍ରିୟା ମହାଳିକ

ଶିକ୍ଷାର ଆଲୋକ ଜଳୁଥାଏ ଯହିଁ
ପ୍ରତିଟି ପ୍ରାଣରେ, ନୂଆ ଆଶା ଦେଇ।
ଜ୍ଞାନର ସାଗର ସେହି ଅନୁଷ୍ଠାନ,
ମୋ ଗୁରୁକୁଳ ବିଦ୍ୟାଳୟ ମହାନ୍।
ଗୁରୁଙ୍କ ଶିକ୍ଷାରେ ଗଢ଼ା ଆମ ମନ,
ଦିଗ ବିଦିଗରେ ରଖିବୁ ସମ୍ମାନ।
ସରକାରୀ ହେଉ କିବା ଆଦର୍ଶ ଶିକ୍ଷା,
ଏଇଠୁ ପାଇଛୁ, ଜୀବନର ଦୀକ୍ଷା।
ଖେଳପଡ଼ିଆର ସେହି ହସ ଖୁସି,
ମନେ ପଡ଼ିଯାଏ ସବୁ ପାଖେ ବସି।
ଶୃଙ୍ଖଳା ଆମର ଅଟେ ମୂଳମନ୍ତ୍ର,
ଏଇଠି ଗଢ଼ାଏ ସଫଳ ଚରିତ୍ର।
ଆଗକୁ ବଢ଼ିବୁ ଦେଶ ସେବା କରି,
ଗୁରୁକୁଳ ନାମ ସଭିଏଁ ଗୁଞ୍ଜରି।
ତୁମରି କୋଳରେ ଶୈଶବ ସାରିଲୁ
ଭବିଷ୍ୟ ପଥକୁ ସଜାଡ଼ି ପାରିଲୁ।

—୦—

ଦଶମ ଶ୍ରେଣୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ
ସିଂହାପୁର, ଯାଜପୁର



ଅବିଭକ୍ତ ଜେନାପୁର

ଆଦ୍ୟାଶା ମିଶ୍ର

ବ୍ରାହ୍ମଣୀ ନଦୀ ତଟରେ
ଅବସ୍ଥିତ ଏକ ଗ୍ରାମ,
ନାମଟି ତା'ର ଅଟେ ଜେନାପୁର
କେହି ନୁହଁ ତା ସମ।
ଗଢ଼ି ଉଠିଥିଲା ବିଦ୍ୟାଳୟଟିଏ
ଉଣେଇଶ ଅଣଷଠିରେ,
ନାମ ତା'ର ଜେନାପୁର ଉଚ୍ଚ ବିଦ୍ୟାଳୟ
କିଏ ହେବ ତା'ର ସରିରେ।
ବାରବର୍ଷର ପିଲା ବାଜିରାଉତ ଦେଇଥିଲା
ପ୍ରାଣବଳି, ବୃନ୍ଦାଦେଇପୁରେ ରହିଅଛି
ତାର ସ୍ମାରକୀ ପୀଠ ସ୍ଥଳୀ।
ସେ ପୀଠରେ ଆଜି ବାର୍ଷିକ ଉତ୍ସବ
କରୁଅଛି ବଣମଲ୍ଲୀ।
ଶ୍ରମକରି ଋଷୀ ଯାହା ଫସଲ ଫଳାଏ
ତାହା ସବୁ କିଣାବିକା ହୁଏ ସୋମବାର ହାଟରେ।
ହିଙ୍ଗୁଳା ମନ୍ଦିର ବରଗଛ ତଳେ
ନାହିଁ ଆଉ ପୂର୍ବକଥା
କେତେ ପିଲା ଆସି ଏଠିତ ଖେଳନ୍ତି
କେତେ ମଜାର ସେ କଥା।

ଜେନାପୁରେ ପ୍ରସିଦ୍ଧ ସେହି ଦୂର୍ଗାପୂଜା
ପାଳିତ ହୁଏ ପ୍ରତିବର୍ଷ ଧରି
ହୁଏ କେତେ ସାଜସଜ୍ଜା।
ବିଦ୍ୟାଳୟ ପଛ ପଟେ ଅଛି
ଆମ୍ଭ ଡାକଘର
ପ୍ରତିଦିନ ସେଠାକୁ କେତେ ଚିଠି ଆସେ
ଲୋକଙ୍କର ଭାରି ଭିଡ଼।
ଜେନାପୁର ଥାନାରୁ ଶୁଭେ ସାଇରନ
ଲୋକଙ୍କର ଭାରି ଡର।
ଉତ୍କଳମଣି ସଂଗଠନ ଆହ୍ୱାନ ଦିଏ,
ପରିବେଶ ସ୍ୱଚ୍ଛ କର।
ଇତିହାସ ସେ ଜେନାପୁର ସଂସ୍କୃତିର,
କୁହାଯାଏ ତାକୁ ଅତୀତର ନୌକା ବିହାର।
ସେ ମୋ ପ୍ରିୟ ଜେନାପୁର...
ସେ ମୋ ପ୍ରିୟ ଜେନାପୁର।

—୦—

ଦଶମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ଜେନାପୁର, ଯାଜପୁର



ମୋ ବାପା: ମୋର ଆଦର୍ଶ

❤ ଦୀପ୍ତିରେଖା ନାୟକ

ବଟବୃକ୍ଷ ପରି ସେ ମୋ ମୁଣ୍ଡ ଉପରେ ଛାଇ,
ତାଙ୍କ ସ୍ନେହ ତୁଳନା ଏ ଜଗତେ କେଉଁଠି ନାହିଁ।
ନିଜେ କଷ୍ଟ ସହି ଆମକୁ ସେ ସୁଖ ଦିଅନ୍ତି,
ଆମ ଭବିଷ୍ୟତ ଗଢ଼ିବାକୁ ଦିନରାତି ଖଟନ୍ତି।
ବାହାରୁ ସେ ଦିଶନ୍ତି ନଡ଼ିଆ ପରି କଠୋର,
କିନ୍ତୁ ଭିତରେ ତାଙ୍କର ଭରା ସ୍ନେହର ସାଗର।
ମୋର ପ୍ରତିଟି ଭୁଲ୍‌କୁ ସେ ହସି ହସି କ୍ଷମା କରନ୍ତି
ଠିକ୍ ବାଟରେ ଚଲିବାକୁ ସେ ସଦା ଶିଖାନ୍ତି।
କେବେ ବାପା ହୋଇ ତ କେବେ ସାଙ୍ଗ ସାଜନ୍ତି,
ମୋର ମନର ସବୁ କଥା ସେ ବିନା କହି ବୁଝନ୍ତି।
ତାଙ୍କରି ସାହସରେ ମୁଁ ଦୁନିଆ ଜିତିବାକୁ ଚହେଁ,
ତାଙ୍କ ଆଶୀର୍ବାଦ ମୋ ପାଇଁ ସବୁଠୁ ବଡ଼ ସାହା।
ଜୀବନର ପ୍ରତିଟି ଝଡ଼ରେ ସେ ମୋର ସାହାରା,
ଅନ୍ଧାର ମଝିରେ ସେ ମୋ ପାଇଁ ଆଲୋକର ଧାରା।
ହେ ଈଶ୍ୱର ! ମୋ ବାପାଙ୍କୁ ସଦା ରଖିଥାଅ ଖୁସିରେ,
ତାଙ୍କରି ପାଦତଳେ ସ୍ୱର୍ଗ ମୋର ଏଇ ଧରଣୀରେ।

—୦—

ଦଶମ ଶ୍ରେଣୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ
ସିଂହାପୁର, ଯାଜପୁର

ଚରିତ୍ର

❤ ଶ୍ରୀୟା ସାଧନା ଦଳାଇ

ନଦୀସ୍ରୋତ ବହିଗଲେ
ଯାଏ ତଳକୁ ତଳ
ଅଟକି ରହେନା
ଫେରି ଚହେଁନା
ଅତୀତକୁ ତା'ର
ସ୍ମରଣ କରିବାର
ରସନାରୁ ବାହାରିଲେ କଥା
ଯାଏ କର୍ଣ୍ଣକୁ ଅନ୍ୟର
ଯେତେ କଲେ ଚେଷ୍ଟା ଫେରେ ନାହିଁ
ସୁକଣ୍ଠ ପ୍ରଦେଶକୁ
ଧନୁରୁ ହୋଇଲେ ଶର ବିଚ୍ୟୁତ
ପ୍ରଗତି ପଥରେ ହୁଏ ଜାଗ୍ରତ
କେବେ ସେ ଫେରେନି
ଅତୀତର ସେହି
ପରିଚିତ ତୂଣୀର ମଧ୍ୟକୁ
ଜୀବନର ରଙ୍ଗ ମଞ୍ଚେ
ଚରିତ୍ର ନାୟକ
ସ୍ଖଳିତ ହୋଇଲେ
ହୁଏନି ନିନ୍ଦିତ
ଧନଧାନ୍ୟ ଗୋପଲକ୍ଷ୍ମୀ କଲେ ପ୍ରଦାନ
ପାଏ ନାହିଁ ସେ କେବେ
ସମାଜେ ସମ୍ମାନ
ଚରିତ୍ର ଅଟଇ
କ୍ଷିପ୍ରଗାମୀ ଜଳସ୍ରୋତ
ଶଢାୟିତ କଥା
ପଛକୁ ଫେରେନା।
ପିଟିଲେ ବି ବାରବାର
ସମାଜର ବୁକୁପରେ ମଥା।

—୦—

ଦଶମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ବୃକ୍ଷ ପାଇଁ ପୃଥ୍ୱୀ ସୁନ୍ଦର

● ଶ୍ରୀ କୃଷ୍ଣ ଚନ୍ଦ୍ର ଖଟୁଆ

ଜୀବନ ଯୌବନ ଅଟେ କ୍ଷଣସ୍ଥାୟୀ
ସ୍ମୃତି ରହିଯାଏ ଅସରନ୍ତି ହୋଇ
ଝରାଟିଏ ବଢ଼ି ହୁଏ ମହାଦ୍ରୁମ
ଶାଖା ପ୍ରଶାଖା ତା' ବ୍ୟୋମକୁ ଚୁମଇ ।୧ ।
ଧରଣୀ ବକ୍ଷରୁ ଜଳପାନ କରି
ସବିତା'ଠୁ ତାପ ଆଲୋକ ଆଣି
ସବୁଜ ଶ୍ୟାମଳା ପର୍ବତ ଝରଣା
ସୁନ୍ଦର ଦିଶଇ ତା'ପାଇଁ ଅବନୀ ।୨ ।
ଋତୁ ବଦଳିଲେ ରଙ୍ଗ ବଦଳାଇ
ବର୍ଷାରେ ସରିତ କୂଳ ଉଠେ ଫୁଲି
ବହେ ସମୀରଣ ପୟୋନିଧି ଜଳେ
କ୍ଷମାର ହୃଦୟେ ଜୁଆରକୁ ଠେଲି ।୩ ।
କୁସୁମ, କଳିକା, ସବିତା, ମୟୁଖେ
ଫୁଟିଲେ ତା' ବାସ ହୁଏ ବିତରଣ
ନଭେ ବାରିଧିର କରାଳ ରୂପରେ
ଦେଖେ ମେଦିନୀର ସବୁଜ ବଦନ ।୪ ।
ଅଣ୍ଡଜ ଜୀବନେ ଶିଥିଳ ସମୀରେ
ଥରି ଥରି ସିଏ ଅନଳ ଖୋଜଇ
ବୃକ୍ଷର କୋରଡ଼େ ଶାବକ ତା' ନୀଡ଼େ
ମା'ର ଫେରିବା ପଥ ରହିଛି ଝହିଁ ।୫ ।
ଥଣ୍ଟେ ଧରି ଆସିଥିବା ଖାଦ୍ୟଶସ୍ୟ
କୁନି ମୁଖେ ସବୁକୁ ଦିଏ ଖୁଆଇ
ଆନନ୍ଦ ଉଲ୍ଲାସେ କିଚିରି ମିଚିରି
ଶବ୍ଦେ ପ୍ରେମପ୍ରୀତି ବାଣ୍ଟିଥାଏ ସେହି ।୬ ।

ବୃକ୍ଷଟି ନିଜର ସବୁ ଦାନ କରି
ବଞ୍ଚାଇ ଆସିଛି ପ୍ରାଣୀର ଜୀବନ
ପ୍ରତିଦାନେ କେବେ ଏ ସମାଜଠାରୁ
ସେବା ବିନା କିଛି କରେନି ଗ୍ରହଣ ।୭ ।
ସଭିଏଁ ସକଳେ ପଡ଼ିଆ ଭୂଇଁରେ
ପ୍ରତିବର୍ଷ କରିବା ବୃକ୍ଷ ରୋପଣ
ପିଲାଠାରୁ ରାଜନେତା ଯାଏ ସର୍ବେ
ଶ୍ରମଦାନେ ଅରଜିବା ମହାପୁଣ୍ୟ ।୮ ।
ବାଡ଼ି ବଗିଚାରେ ଲଗାଇଲେ ଗଛ
ବଞ୍ଚାଇ ପାରିବା ସଭିଙ୍କ ଜୀବନ
ବୈଶାଖି ଝାଞ୍ଜିରେ ହିମ ବରଷିବ
ଅଭାବ ରହିବ ନାହିଁ ଅମ୍ଳଜାନ ।୯ ।
ସତ୍ୟ ଶାନ୍ତି ଦୟା କ୍ଷମା ଦାନ ଧର୍ମ
ନ ଥିଲେ ସମାଜେ ଆମ ପରିବାରେ
ଅହଂଭାବ, ଗର୍ବ, ମିଛ ବାଦଲରେ
ମାନ, ସମ୍ମାନ, ବଢ଼େନି ଜୀବନରେ ।୧୦ ।
ଦିବସ ଚବିଶ ଘଣ୍ଟାରୁ ଘଡ଼ିଏ
ଜପୁଥିଲେ ସଦା ପ୍ରଭୁଙ୍କର ନାମ
ଜୀବନ ନଈରେ ଜ୍ଞାନର ସୁଅରେ
ଭାସି ଉଠୁଥିବ ଏ ପବିତ୍ର ଧାମ ।୧୧ ।

—୦—

ଶିକ୍ଷକ, ତଇଲାସାହି
ମୋ-୯୯୩୮୯୫୭୨୫୫



ମୋ ଗର୍ବ ମୋ ଭାରତ

❤ ଗାୟତ୍ରୀ ମଲିକ

ନୀଳ ଆକାଶ ଛାତିରେ ଉଡ଼ଇ ବିଜୟର ତ୍ରିରଙ୍ଗା
ପବିତ୍ର ମାଟିରେ ବହିଯାଏ ଏଠି କଳକଳ ସ୍ୱରେ ଗଙ୍ଗା।
ହିମାଳୟ ଯାର ମୁକୁଟ ସାଜିଛି ସାଗର ଧୋଇଛି ପାଦ,
ଏଇ ମାଟି ପାଇଁ ବୀର ସନ୍ତାନର ଶୁଭଇ ସଦା ନାଦ।
କୋଟି କୋଟି କଣ୍ଠେ ଜୟଗାନ ଶୁଭେ ଭାରତ ମାତାର ପାଇଁ
ଶାନ୍ତି ଓ ମୈତ୍ରୀର ସନ୍ଦେଶ ଦେଇ ସେ ବିଶ୍ୱରେ ହସୁଥାଇ।
ଗାନ୍ଧୀ, ସୁଭାଷ, ଭଗତ୍‌ସିଂହଙ୍କ ରକ୍ତେ ଗଢ଼ା ଏ ମାଟି
ସେଥିପାଇଁ ଆଜି ସାରା ଦୁନିଆ କହେ ଭାରତ ସବୁଠୁ ଖାଣ୍ଟି।
ସଂକଳ୍ପ ଆମର ଦେଶକୁ ଗଢ଼ିବା ଜ୍ଞାନ, ବିଜ୍ଞାନ ପଥେ,
ବିଜୟ ପଥେ ଆଗେଇ ଚଲିବା ସତ୍ୟ ଓ ନ୍ୟାୟ ରଥେ।
ମୋ ଗର୍ବ ମୋର ଏହି ତିନି ରଙ୍ଗର ପବିତ୍ର ପତାକା,
ଶାନ୍ତିର ବାର୍ତ୍ତା ବାଣ୍ଟିବା ପାଇଁ ଏହିଟି ପରା ଏକା।
ଭାରତ ମାଆର ସେବା ପାଇଁ ମୁଁ ସଦା ରହିବି ପ୍ରସ୍ତୁତ
ମୋ ଦେଶ ପାଇଁ ଗର୍ବ କରଇ ମୁଁ ହୋଇ ତାର ସନ୍ତାନ ମୁଁ ତ।

—୦—

ନବମ ଶ୍ରେଣୀ
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ
ଯାବରା, ଯାଜପୁର



ଗଛ

❤ ଶରତ ଚନ୍ଦ୍ର କବି

ଆସରେ ପିଲେ ଆସ
ଗଛ ଲଗାଇବା ଆସ
ଗଛ ଲଗାଇବା
ବାଡ଼ ଘେରାଇବା
ପାଣି ମୂଳେ ଦେବା ଢାଳି
ପତର ଫୁଲରେ ଡାଳ ମେଲାଇଲେ
ଗଛଟି ହସିବ କାଲି।୧।
ଗଛ ଲଗାଇବା
ତା' ଯତନ ନେବା
ପୁଅଟେ ପାଳିବା ପରି
ଗଛଥିଲେ ସିନା ଶୀତଳ ଛାଇର
ପଣତକୁ ଦେବ ପାରି।୨।
ଗଛ ଲଗାଇବା
ଖତ, ସାରଦେବା
ଖୁସେଇବା ମାଠି ହାଣି
ଗଛ ଆମପାଇଁ ଟାଣ ଖରା ସହି
ମେଘକୁ ଡାକିବ ଆଣି।୩।
ଗଛ ଲଗାଇବା
ଗଛକୁ ଜଗିବା
କାଟିବାନି ପଣ କରି
ଗଛଥିଲେ ସିନା ସବୁଜ ସୁନ୍ଦର
ଘର ଓ ପଡ଼ିଆ ବାରି।୪।
ଗଛ ଲଗାଇବା
ଗଛକୁ ପୂଜିବା
ଦିଅଁ ଓ ଦେବତା ପରି
ଗଛ ବଞ୍ଚିଥିଲେ ଆମେ ବଞ୍ଚିଥିବୁ
ଗଛ ଆମ ଉପକାରୀ।୫।

—୦—

ନବମ ଶ୍ରେଣୀ
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ
ଯାବରା, ଯାଜପୁର

ଗୁରୁ

● ଶିବାନୀ ପୃଷ୍ଟି

ପିତା ମାତା ମୋର ପ୍ରଥମ ଦେବତା
ଦ୍ୱିତୀୟରେ ଗୁରୁ ତୁମେ
ତୁମ ଆଶୀର୍ବାଦ ଅଛି ସାଥେ ବୋଲି
ହାରିବୁନି କେବେ ଆମେ।
ଅନ୍ଧାର ପଥରୁ ଆଲୋକ ଦେଖାଅ
ଗଢ଼ କେତେ ଭବିଷ୍ୟତ
ସ୍ନେହ ଶ୍ରଦ୍ଧା ପ୍ରେମ କେତେ ବାଣ୍ଟୁଥାଅ
ଦେଖାଅ ନୂତନ ପଥ।
ଯିଏ ଯେତେ ବଡ଼ ପଦବୀରେ ଅଛି
ସବୁତ ଗୁରୁଙ୍କ ଦାନ
ଦୟାର ସାଗର ବିଦ୍ୟାର ଭଣ୍ଡାର
ତାଙ୍କ ପାଇଁ ଆମେ ଧନ୍ୟ।
ଲେଖିବାକୁ ଆଉ ଶବ୍ଦ ପାଉନାହିଁ
ଭୁଲ୍‌ଥିଲେ ଦେବେ କ୍ଷମା
ତୁମ ଆଶୀର୍ବାଦ ସଦାବେଳେ ଥିଲେ
ଆଉ ନାହିଁ କିଛି ଲୋଡ଼ା।

—୦—

ନବମ ଶ୍ରେଣୀ
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ
ଯାବରା, ଯାଜପୁର

କର୍ମ

● କାଳୁ ଚରଣ

ହେ ମାନବ ପ୍ରଶଂସା କାହାର
କରି ନ ପାରିଲେ
ଅପବାଦ କା'ର କରନା।
ଭଲ ବି କାହାକୁ ନ ପାଇ ପାରିଲେ
ଦୁଃଖ କାହା ମନେ ଦିଅନା।
ଉପକାର କାର କରି ନପାରିଲେ
ଅପକାର କା'ର କରନା।
ଈଶ୍ୱର ବିଶ୍ୱାସ ନ କରି ପାରିଲେ
ପରିହାସ ତାଙ୍କୁ କରନା।
ଦେଶ ସେବା କେବେ କରି ନ ପାରିଲେ
ଦୁର୍ନୀତି କେବେ କରନା।
ଧର୍ମ ବାଟରେ ନ ଯାଇ ପାରିଲେ
ଅଧର୍ମରେ କେବେ ଯାଅନା।
ଲଘୁଜନେ ସ୍ନେହ ଦେଇ ନ ପାରିଲେ
ଅତ୍ୟାଚାର ତାଙ୍କୁ କରନା
ଗୁରୁଜନେ ଭକ୍ତି କରି ନ ପାରିଲେ
ମନେ ତାଙ୍କ ଦୁଃଖ ଦିଅନା।

—୦—

ହିନ୍ଦୀ ଶିକ୍ଷକ
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ
ଯାବରା, ଯାଜପୁର




ଦେଶ ପ୍ରୀତି

● ମନିଷା ସାହୁ

ପବିତ୍ର ଏ ମାଟି ପାଣି ପବନ,
ଏ ମାଟିରେ ଗଢ଼ା ଆମ ଜନନୀ।
ପବିତ୍ର ରହିଛି ପବିତ୍ର ରହିବ,
ଆମ ଏ ଭାରତ ଭୂଇଁ।
ମାଟି ମାଆକୁ ପବିତ୍ର ରଖିବା,
ଆସ ମୋ ଭଉଣୀ ଭାଇ।
ଆମରି ପୁରାଣ ଆମ ଇତିହାସ
ବିଶ୍ୱକୁ ଆକୃଷ୍ଟ କରେ।
ଆମରି ସଂସ୍କୃତି ଆମ ପରମ୍ପରା,
ଏ ଦେଶକୁ ଧନ୍ୟ କରେ।
ପୁଣ୍ୟ ଦେବାଳୟ ମସ୍‌ଜିଦ୍ ଗୀର୍ଜା
ମାନବତା କଥା କହେ।
ଜଣଙ୍କ ଦୁଃଖରେ ଆଉ ଜଣେ ଏଠି
ଲୁହ ତା'ର ପୋଛି ଦିଏ।
ପବିତ୍ର ସେ ଗୀତା ପବିତ୍ର କୋରାନ୍
ବାଇବେଲ୍, ପରି ବହି
ପରସ୍ପର ମଧ୍ୟେ ଭାଇଚରା ବାଣ୍ଧେ
ଏକାଠି ରହିବା ପାଇଁ।

—୦—

ଅଷ୍ଟମ ଶ୍ରେଣୀ
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ
ଯାବରା, ଯାଜପୁର



ଆମ ବିଦ୍ୟାଳୟ

● ସୋମ୍ୟାଶିଖା ପଣ୍ଡା

ଆମ ବିଦ୍ୟାଳୟ ଜ୍ଞାନର ମନ୍ଦିର,
ଏଠି ଶିଖୁ ଆମେ ଜୀବନର ଅନ୍ତର
ଗୁରୁଜନଙ୍କ ଆଦର ଓ ଶିକ୍ଷା,
ଆମକୁ ଦେଖାଏ ସତ୍ୟର ଦିଶା।
ସକାଳ ବେଳେ ଘଣ୍ଟିର ଶବ୍ଦ,
ମନକୁ ଦିଏ ନୂଆ ଉତ୍ସାହ
ପଢ଼ା, ଖେଳ ଓ ସଂସ୍କାର ସହିତ
ଗଢ଼େ ଆମର ଜୀବନ ପଥ।
ସାଙ୍ଗମାନଙ୍କ ସହ ମିଳିତ ହସ,
ମିଳେ ଆନନ୍ଦ ଅପାର ରସ
ଶିକ୍ଷକମାନେ ଆମ ପ୍ରଦୀପ
ଅନ୍ଧକାରରେ ଦେଖାନ୍ତି ଦୀପ।
ସଫା ସୁତୁରା ଶାନ୍ତ ପରିବେଶ,
ଶିକ୍ଷାପାଇଁ ଶ୍ରେଷ୍ଠ ଉପଦେଶ
ଏଠି ଗଢ଼େ ଆମ ସ୍ୱପ୍ନ ଦେଶ,
ହୁଏ ଭବିଷ୍ୟତ ଜୀବନ ଦେଶ।
ଆମ ବିଦ୍ୟାଳୟ ପ୍ରିୟ ଆମର
ସଦା ରହିବ ମନର ଘର।

—୦—

ନବମ ଶ୍ରେଣୀ
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ
ଯାବରା, ଯାଜପୁର

ଫୁଲ

● ଜ୍ୟୋତିଶ୍ରୀ ପାତ୍ର

ଫୁଲଟିଏ ଛୋଟ ସିନା
ଦାନ ତା'ର ମହତ।
ସଭିଙ୍କୁ ସେ କରିଦିଏ
ରୂପେ ତା'ର ମୋହିତ।
ଦେବା ଦେବୀଙ୍କ ଠାରେ ସେ,
ହୁଏ ଅଗ୍ର ଶୋଭିତ।
ସବୁ କାର୍ଯ୍ୟେ ହୋଇଥାଏ
ସେହି ସଦା ଲୋଡ଼ିତ।
ପ୍ରତିକ୍ଷଣ ଲାଗିଥାଏ
ଜଗତର କଲ୍ୟାଣେ
ସୁଗନ୍ଧରେ ଭରୁଥାଏ
ରହି ପ୍ରଭୁ ଚରଣେ।
ତାଙ୍କୁ ଥରେ ଦେଖିଦେଲେ
ମନ ହୁଏ ଚଞ୍ଚଳ।
ଭ୍ରମରକୁ କରିଦିଏ
ସିଏ ପରା ପାଗଳ।
ସମୀର ମନ ପ୍ରବାହରେ
ପାଇ ତାର ପରଶ।
ଦୁଃଖୀ ମନ ହେଉଥାଏ
ପ୍ରତିକ୍ଷଣ ହରଷ।
ପ୍ରଭୁଙ୍କର ମସ୍ତକର
ଶୋଭା ସିଏ ବଢ଼ାଏ,
ଦେବତାଙ୍କ ନିର୍ଦ୍ଦେଶରେ
ସିଏ ଲୀଳା ରଚାଏ।
ସ୍ୱାର୍ଥପର ଦୁନିଆରେ
ସେହି ଏକା ନିସ୍ୱାର୍ଥେ।
ପ୍ରତିକ୍ଷଣ ଲାଗିଥାଏ।
ଜଗତର ହିତାର୍ଥେ।
ଶାମୁକାର ମୁକ୍ତା ପରି
ଅଟେ ଏହା ଅମୂଲ୍ୟ।
ତା' ବିନା ସଂସାରେ ସବୁ
ଅଟଇ ଯେ ବାହୁଲ୍ୟ।

—୦—

ନବମ ଶ୍ରେଣୀ
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ
ଯାବରା, ଯାଜପୁର

ଜଳ ହିଁ ଜୀବନ

● ଶୁଭସ୍ମିତା ନାୟକ

ଜଳ କେତେ ଅମୂଲ୍ୟ
ବୁଝ ତା'ର ମୂଲ୍ୟ।
ଜଳ ଦିଏ ଜୀବନ
ଜଳ ପ୍ରକୃତ ଧନ।
ଜଳ ଶୋଷ ମେଣ୍ଟାଏ
ଜଳ ଅମୃତଟିଏ
ପଶୁପକ୍ଷୀ ମଣିଷ
ସଭିଙ୍କୁ ଶାନ୍ତି ଦିଏ।
ନଦୀରୁ ସେ ଆସେ
ସାଗରେ ମିଶିଯାଏ
ବର୍ଷା ସହିତ ଆସେ
ଆମ ମନ କିଣିନିଏ।
ଜଳ ବଞ୍ଚାଅ ଭାଇ
କରନ୍ତୁ ନାହିଁ ନଷ୍ଟ।
ଜଳ ନଥିଲେ ଆମ
ଜୀବନ ରହିବା କଷ୍ଟ।
ଜଳ ବଞ୍ଚାଇ ହବ
ବନେଇ ହେବ ନାହିଁ
ଜଳ ମାଟିର ଗର୍ବ
କେହି ଭୁଲିବ ନାହିଁ।
ନ ସଞ୍ଚିଲେ ଜଳ
ଆଉ କିଛି ନଥିବ।
ଭବିଷ୍ୟତରେ ସବୁ
ଜଳ ଜଳ ଚିଲେଇବ।

—୦—

ନବମ ଶ୍ରେଣୀ
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ
ଯାବରା, ଯାଜପୁର

କାହିଁକି ଦୂରେଇ ଗଲ

● ଗାୟତ୍ରୀ ପ୍ରଧାନ

ଏମିତି ମୋଡ଼ରେ ପାଦ ମୁଁ ଦେଇଛି
ତୁମକୁ ପାଇବା ପାଇଁ
ମତେ ପର କରି ଚାଲିଗଲ ସାଥି
ପଛକୁ ଚାହିଁଲ ନାହିଁ।
କିଏ ହେଲା ମୋ'ଠୁ ଅତି ଆପଣାର
ମୁଁଯେ ହୋଇଗଲି ସାତପର,
କଥା ଦେଇଥିଲ ଆମେ ଦୁହେଁ ମିଶି
ଗଢ଼ିବା ସୁନା ସଂସାର।
କହିଥିଲ ତୁମେ ବର ହେଇ ଦିନେ
ଆସିବ ଆମ ଗାଆଁକୁ,
କନିଆଁ ବେଶରେ ସଜେଇ ମତେରେ
ସାଥିରେ ନେଇ ଯିବାକୁ।
କେତେ ପ୍ରେମଭରା କଥା ହେଉଥିଲେ
ଆମେ ଦୁଇଜଣ ମିଶି,
କେଉଁ ଝିଅ ସିଏ ହେଲା ଯେ ନିଜର
ଚାହିଁଲ ମୋ'ଠାରୁ ବେଶି।
କେତେ ସ୍ୱପ୍ନ ବସି ଦେଖିଥିଲି ସାଥି
ସ୍ୱପ୍ନ ସବୁ ଭାଙ୍ଗିଦେଲ,
କାହିଁକି ସେ ପ୍ରେମ ଡୋରି ଛିଣ୍ଡାଇ
ପରକରି ଚାଲିଗଲ।
ତୁମ କଥା ସାଥି ମନେ ପଡ଼ିଗଲେ
ନୟନୁ ଝରଇ ଲୁହ
ତୁମ ସ୍ମୃତି ଥରେ ଦେଖିଦେଲେ ସାଥି
ହୃଦେ ଜାତ ହୁଏ କୋହ।
ଆଜି ବି କହୁଛି ଭଲ ମୁଁ ପାଉଛି
ତୁମେ କି ଭଲ ନ ପାଅ
ସାଥେ ରହିବାର ପ୍ରତିଶ୍ରୁତି ଦେଇ
ପ୍ରତିଶ୍ରୁତି ଭାଙ୍ଗିଦିଅ।

କେମିତି କହିବି ତୁମକୁ ସାଥିରେ
କେତେ ଭଲ ପାଉଥିଲି,
ଘଡ଼ିଏ ତୁମକୁ ନ ଦେଖିଲେ ସାଥି
ପାଗେଳି ମୁଁ ସାଜୁଥିଲି।
ଭଲପାଅ ବୋଲି କହିଦିଅ ସାଥି
ସତରେ ହେଉବା ମିଛ,
ମୁଁ ଭାବିବି ତୁମେ ସବୁବେଳେ ମୋର
ହୃଦୟରେ ଲୁଚି ଅଛ।
ନିଜଠୁ ଅଧିକା ତୁମଠାରେ ମୋର
ଭରଷା ବିଶ୍ୱାସ ଥିଲା
ଭରଷା ଭାଙ୍ଗିଲା, ବିଶ୍ୱାସ ଭାଙ୍ଗିଲା
ହୃଦୟ ବି ଭାଙ୍ଗିଗଲା।
କେବେ ଯଦି ପୁଣି ଭେଟ ହୋଇଯାଏ
ତୁମ ସଙ୍ଗେ ସାଥି ମୋର,
ଜାଣିନି ଚିହ୍ନିନି କହିଦେଇ ସାଥି
କରିଦେବ ସାତ ପର।
ମୁଁ ତୁମ ନାୟିକା, ଅବୁଝା ପ୍ରେମିକା
ତୁମ ବାଟ ଥିବି ଚାହିଁ
ଅନ୍ୟ କାହା ସାଥେ ବିବାହ କଲେବି
ତୁମକୁ ଭୁଲିବି ନାହିଁ।
ଏକମାତ୍ର ପ୍ରଶ୍ନ ଅଛି ମୋର ମନେ
ପାଉ ନଥିଲ କି ଭଲ,
ଭଲ ଯଦି ମୋତେ ପାଉଥିଲ ସାଥି
କାହିଁକି ଦୂରେଇ ଗଲ,
ତୁମେ, କାହିଁକି ଦୂରେଇ ଗଲ ?

—୦—

+୩ ଦ୍ୱିତୀୟ ବର୍ଷ
ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟ
ବଳରାମପୁର, ଯାଜପୁର

ମା' ପାଇଁ ପଦେ କଥାଟିଏ

❤ଦିପ୍ତି ଦିଲନ ବେହେରା

ମାଆ ତୋ ବିନା ମୁଁ ରହିପାରୁନି
କେମିତି କହିବି ମୋର ମନର ବେଦନା ଜାଣିପାରୁନି...।
ଛୋଟରୁ ବଡ଼ଟେ କଲୁ ତୁ ମତେ
ମୋର ଅଳି ଅରଦଳି ସହିଲୁ ଯେତେ...।
ଆମେ ସିନା ରହିଥାଉ ତୋ ଉପରେ
ତୁ ସେ କଥାକୁ ନ ଧରି ଝଲିଥାଉ କଣ୍ଢା ପଥରେ ...।
ସ୍କୁଲରୁ ଆଣି ଠିଆ କଲୁ ତୁ ମତେ କଲେଜରେ
ଆଜି ଯଦି ମୁଁ ଏଇଠି ପହଁଚିଛି ମା' ଖାଲି ତୋ ପାଇଁରେ...।
ଯେତେ ଭୁଲ୍ ଥିଲେ ମୋର ତୋ ପାଖରେ
ସେଇ ଭୁଲ୍‌କୁ କାନି ପଣତରେ ଘୋଡ଼େଇ ଦଉ...
ଖାଇଲି କି ନାହିଁ ତୁ ମନେ ପକାଉ
କଣ ହୋଇଛି ବୋଲି ତୁ ମତେ ପଚରୁ ନକହିଲେ ରାଣ ପକାଉ...।
ତୋ ପରି ମତେ କିଏ ଆଉ ଭଲ ପାଇବ ଏତେ
ତୋ ଜୀବନ ଠାରୁ ତୁ ମତେ ଝହୁଁଛୁ କେତେ ...।
ସବୁ ଓଷାରେ ଜାଣୁ ତୁ ମୋ ମନର କଥା
ଖଣ୍ଡିଏ ଡ୍ରେସ୍ ଆଣି ତୁ ରଖିଥାଉ
ମାଆ ତୋ ବିନା ମୋ ଜୀବନ ଆଶ୍ରା ମାତ୍ର
ମାଆ ତୁ ନ ଝହିଁଲେ ଏଇ ପ୍ରେମ ହୁଏ ଅପବିତ୍ର...।

—୦—

ଛାତ୍ରୀ
କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

କଲେଜ
("କ" ଆଦ୍ୟ ଅକ୍ଷର ନିୟମରେ)

❤ଶୁଭସ୍ମିତା ନାୟକ

କେତେ ଗଲାଆଉ କେତେ ରହିଲା
କଲେଜ ଜୀବନଟା ସରିସରି ଗଲା।
କେଡ଼େ ମନ ଆଉ କେତେ ଭାବନା
କେତେ ଦେଇଗଲା ଦୁଃଖ ଯାତନା।
କେତେ ସୁଖ ଆଉ କେତେ ଦୁଃଖ
କେତେ ରହିଲା ମନର ଅନୁଭବ ମୁଖ।
କେତେ ଭଲପାଇବା, କେତେ ଗଞ୍ଜଣା
କେତେ କ୍ଷଣ ହେଲା ସ୍ମୃତି ରଚନା
କେତେବେଳେ ବାଜେ ଦଶଟା ଘଣ୍ଟି
କେତେ କ୍ଷଣରେ ସମୟ ହେଲା ଶେଷ ପଟି
କେତେ ସ୍ନେହ ଆଦର ମିଳିଲା ଅଧ୍ୟାପକଠୁଁ
କେବେ କାହିଁକି ଭୁଲିବି ସେମାନଙ୍କୁ
କୋଟି କୋଟି ପ୍ରଣାମ ଆଦର୍ଶ ଅଧ୍ୟାପକଙ୍କୁ
କିପରି ସୁଝିବି ଋଣ ସେମାନଙ୍କ ଠାରୁ
କେତେ ଇଚ୍ଛା ମନେ ରହିଗଲା ଅପୂର୍ଣ୍ଣ,
କଲେଜ ସ୍ମୃତି ହେଲା ଜୀବନର ଅମୂଲ୍ୟ ଧନ

—୦—

+୩ ତୃତୀୟ ବର୍ଷ, କଳା
ସାହାସପୁର ମହାବିଦ୍ୟାଳୟ
ବାଲିଚନ୍ଦ୍ରପୁର, ଯାଜପୁର

ବୋଉ ଓ ମାମୁଁ ଘର

● ପବିତ୍ର ସାହୁ

ଏଇ ଘରେ ବୋଉ ଜନ୍ମ ହୋଇଛି
ବଡ଼ ହୋଇଛି
ଧୂଳି ମାଟିରେ ମାଟି ହୋଇ
ଶୈଶବରୁ କିଶୋରୀ
ପୁଣି ପାଲଟି ଯାଇଛି
କେଉଁ ନୂଆ ପୃଥିବୀର ଈଶ୍ୱରୀ।
କେତେ ଗ୍ରୀଷ୍ମର ଡହଡହ ଉତ୍ତାପକୁ
ଆମେ ସେଇଠି କାଟିଛୁ
ଯେଉଁଠି ବୋଉ ଦିନେ
ଧୂଳିରେ ଧୂଳି ହୋଇ
ମାଟିରେ ପହଁରୁ ଥିଲା
କିମ୍ବା ତାଙ୍କ ବାରି ପାଖ
ନରକୋଳି ଡାଳରେ ଓହଳୁଥିଲା।
ବୋଉ କୁହେ ସେ ଖାଲି ମାମୁଁ ନୁହଁନ୍ତି
ଯିଏ ମା' ସେ ମୁଁ
କେବେକେବେ ବୋଉର ଭୂମିକାରେ
ସେ ବିରାଜ ହୁଅନ୍ତି
ଦରକାର ପଡ଼ିଲେ ଶାସନ କରନ୍ତି
କୋଳରେ ବସେଇ ଦୁଧଭାତ ଖୁଆନ୍ତି।
ମାମୁଁଘର ସ୍ମୃତି ଟିକେ ନିଆରା
ସବୁ ଆବେଗ ଆଉ ବିସ୍ମୟକୁ ଏକାଠି କରି
ଆମେ ଖୋଜୁ ମାମୁଁଙ୍କୁ, ମାଇଁଙ୍କୁ
ମାମୁଁଙ୍କର ଗୁଣବନ୍ତ ପୁଅ ଝିଅଙ୍କୁ।
ମାମୁଁ ଘରକୁ ଗଲେ ସତେ ଯେମିତି
ବୋଉର ପରିଚୟ ସବୁଆଡ଼େ ବିଜ୍ଞ ହୋଇଥାଏ
ସବୁଠି ତାର ସରଳ ସୁଲଭ
ରୂପଟିଏ ଘୂରି ବୁଲୁଥାଏ
ଯିଏ ଯେଉଁଠି ଦେଖିଲେ ପଛରେ
ତୋ ବୋଉ କେମିତି ଅଛି
ବୋଉକୁ ମୋ କଥା ଜଣେଇବୁ।
ମାମୁଁଘର ଚୁଲି ମୁଣ୍ଡରୁ
ପାଳଗଦା ଯାଏ
ଲଙ୍କା କିଆରୀରୁ
ଧାନ ବିଲ ଯାଏ
ସବୁଠି ଶୁଭେ ବୋଉର
କଳା ପଡ଼ି ଯାଇଥିବା ପାଉଁଜିର ଝୁମ୍‌ଝୁମ୍ ସ୍ୱର।
ସେଇଠି ମୋ ମାମୁଁଘର
ଯେଉଁଠି କେତେ ବୋଉମାନେ ଜନ୍ମ ନିଅନ୍ତି
ସୃଷ୍ଟିକୁ ସର୍ଜନା କରନ୍ତି।
ସ୍ନେହ ମମତାର ଡୋରିରେ
ସଂସାରକୁ ବାନ୍ଧି ଦିଅନ୍ତି ନିଜ କାନିରେ
ପୁଣି ସବୁ ସୁଖସମୃଦ୍ଧିକୁ ଅଜାଡ଼ି ଦିଅନ୍ତି
ନିଜେ ଗଢ଼ିଥିବା ସଂସାର ଭିତରେ
କିନ୍ତୁ ନିଜେ ଅଜଶ୍ର ଦୁଃଖ ଯନ୍ତ୍ରଣାକୁ
ଆପଣେଇ ନେଇ ପାଲଟି ଯାଏ ଦେବୀଟିଏ।
ବୋଉ ଗଲା ପରେ ହଠାତ୍
ସବୁ କିଛି ବଦଳିଯାଏ
ମାମୁଁଙ୍କର ସ୍ନେହପୂର୍ଣ୍ଣ ଆଶୀର୍ବାଦର ହାତଟି
କାହିଁକି କେଜାଣି ଆମ ମଥା ଉପରୁ
ଖସି ଆସେ
ସତେ ବୋଉ ଥିଲେ କଣ ଏମିତି ହୋଇଥାଆନ୍ତା ?

—୦—

ଅଧ୍ୟାପକ
କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

ମୋ ବାପା

● ନନ୍ଦିନୀ ରାଉତ

ବାପା ତୁମେ ମୋର ଜୀବନ୍ତ ଠାକୁର
ମୋ ଜୀବନ ଧନ ଏକା
ଜୀବନର ଏହି ନନ୍ଦିଘୋଷ ରଥେ
ତୁମେ ମୋ ଅର୍ଜୁନ ସଖା।
ଚଲିବାକୁ ତୁମେ ଦେଖାଇଛ ପଥ
ଦେଇ ସ୍ନେହ ପ୍ରେମ ଦୀକ୍ଷା
ଅହିଂସା କରୁଣା ଗୁଣରେ ସୁଦକ୍ଷ
ଏ ଜୀବନ ତୁମ ଭିକ୍ଷା।
ଜହ୍ନ ତୋଳିଆଣି ହାତେ ଦେଇଅଛ
ନଖାଇ ଆହାର ଦେଇ
ସାତ ଜନ୍ମ ନୁହେଁ ସହସ୍ର ଜନ୍ମରେ
ଋଣ ସୁଝି ନ ପାରଇ।
ଦୟାର ସାଗର ମମତା ମନ୍ଦିର
ତୁମେ ମୋର ଜଗନ୍ନାଥ
ସାହାରା ମରୁରେ ଜଳଧାରା ମୋର
ତୁମେ ମୋ ଜୀବନେ ସତ୍ୟ।

ଅମା ଅନ୍ଧକାରେ ଆଲୋକ ବର୍ତ୍ତିକା
ସକଳ ଗୁଣ ଆଧାର
କୋଟି ଜନ୍ମର ମୋ ତପସ୍ୟା ଫଳରେ
ମୁହିଁ ସନ୍ତାନ ତୁମର।
କେତେ ଦୁଃଖ ସହି ଆମରି ମୁହଁରେ
ଫୁଟାଇଛ ତୁମେ ହସ
ଜଗତ ଠାକୁର ସାହା ହୋଇଥାନ୍ତୁ
ବଢୁ ତୁମ ଆୟୁ ଯଶ।
ଜ୍ଞାନୀ ପଣେ ତୁମେ ଗଣନାଥ ହୋଇ
ଶିଖାଇ ଦେଇଛ ପାଠ
ଜଗତ କଲ୍ୟାଣ ମନ୍ତ୍ର ଦେଇ ତୁମେ
ଦେଖାଇ ଦେଇଛ ବାଟ।
ସର୍ବ ଦେବାଦେବୀ ପାଦରେ ମୋ ଅଳି
ଆଶିଷ ଦିଅନ୍ତୁ ଭରି
ଦୀର୍ଘାୟୁ ଯଶସ୍ୱୀ ହୁଅନ୍ତୁ ମୋ ବାପା
ବିପଦୁ ହୁଅନ୍ତୁ ପାରି।

—o—



ଅନୁଗୁଳ

ମୋ ଘରର ମାଇଲ୍ ଖୁଣ୍ଟ

ଝାନ୍‌ସୀରାଣୀ ମହାନ୍ତି

ଆଈ !
ତୋ ସ୍ନେହର ଛାୟାତଳେ
ମୋର ସମସ୍ତ ଭୟ ହାରିଯାଉଥିଲା
ଆଜି ସେଇ ଛାୟା ନାହିଁ
ଘରେ ଥିଲେ ମଧ୍ୟ ଘର ପରି ଲାଗୁନି ।
ହଷ୍ଟେଲ୍‌ର ସେଇ ଫୋନ୍ ରିଙ୍ଗ ଶବ୍ଦରେ
ତୋର ମିଠା କଣ୍ଠ ଶୁଣାଯାଉଥିଲା
"ଭଲରେ ଖାଇବୁ, ପାଣି ପିଇବୁ
ନିଜ ଦେହକୁ ଜଗିବୁ,
ଆଉ ଯାହା ଦରକାର ମୋତେ କହିବୁ"
ସେଇ ଶବ୍ଦ ଆଜି ନୀରବତାରେ ହାରିଗଲା ।
ଘରକୁ ଫେରିଲେ ବାଟ ଜଗି
ଯେଉଁ ଆଖି କେତେ କଣ ଆଶା କରୁଥିଲା
ସେଇ ବାଟଟି ଆଜି ଖୋଲା ଥିଲେ ମଧ୍ୟ
ଆଶାର ଆଲୋକ ନାହିଁ ।
ମନେ ହେଉଛି ଛାତିରୁ
ମୋ କଲିଜା ଖସିଯାଉଛି
ପ୍ରତିଟି ଶ୍ୱାସରେ ତୋ ନାଁ
ନୀରବରେ ଉଚ୍ଚାରିତ ହେଉଛି ।
ରାତିର ଅନ୍ଧାରରେ
ତୋର ସ୍ମୃତି ସବୁ ତାରା ହୋଇ ଝଲମଲ୍ କରେ
କିନ୍ତୁ ସେଇ ଆଲୋକରେ ମଧ୍ୟ
ନିଦ ଆସେନି-
ବରଂ ନିଦ ଆସିବା ପୂର୍ବରୁ
ତୋର ସ୍ମୃତି ସବୁ ଆଖିରୁ ଲୁହ ହୋଇ ନୀରବରେ ବହିଯାଏ
ମୋତେ ନିଜ ହାତରେ ଖୁଆଇ
"ଆଉ ଟିକେ ଖାଆ ଧନ" ବୋଲି ଯେଉଁ ହସ ହସୁଥିଲା-
ସେଇ ହସ ଆଜି କେଉଁଠି ଲୁଚିଗଲା ?

ମୋ ପଛେ ପଛେ ଘୁରି
ମୋ ଦୁଃଖ ସୁଖ ପଢ଼ିରି
ମୋ ଭୁଲ୍‌ରେ ମିଠା ରାଗ କରି
ଯେଉଁ ସବୁ ବୁଦ୍ଧି ମୋତେ ଶିଖାଉଥିଲା-
ସେଇ କଣ୍ଠସ୍ୱର ଆଜି ନୀରବ
ଘରକୁ ଗଲେ
"ଦହିବରା"ଠାରୁ ଆରମ୍ଭ କରି
ମୋ ପସନ୍ଦର ସବୁ ଜିନିଷ
କିଣି ରଖି ଆଶା କରୁଥିଲା
"ମୋ ଝିଅ ଆସିଲେ ଖୁସି ହେବ" ବୋଲି ।
ବାପା ଚଲିଯିବା ପରେ
ତୁ ଥିଲୁ ଆମ ଘରର
ମଜବୁତ୍ ମାଇଲ୍ ଖୁଣ୍ଟ-
ତୋ ଭରସାରେ ଆମେ ଦୌଡୁଥିଲୁ ।
ଆଜି ସେଇ ଖୁଣ୍ଟ ଭାଙ୍ଗିଗଲା ପରେ
ଘର ଥିଲେ ମଧ୍ୟ
ମନେ ହୁଏ ସବୁକିଛି ଖାଲି
ଆଈ,
ତୁ ଆମ ସହିତ ନାହୁଁ ସତ
କିନ୍ତୁ ତୋ ଆଶୀର୍ବାଦ
ଆଜି ମଧ୍ୟ ଆମ ଘରର ପ୍ରତ୍ୟେକ କାନ୍ଥରେ
ଶାନ୍ତି ହୋଇ ଲାଗି ରହିଛି
ମୋ ଆଖିର ଲୁହରେ
ତୋ ସ୍ନେହର ପ୍ରତିଛବି
ସଦା ଜୀବନ୍ତ, ସଦା ଅବିନାଶୀ...

—୦—

ଜୋରଳ, ରାଜକନିକା, କେନ୍ଦ୍ରାପଡ଼ା

ଜୀବନର ସପନ

● ବିନି ରାଉତ

ଜୀବନର ଏହି ପଥେ ଚଲି
ସପନର ଦୀପ କଳାଇ ରଖି,
ଅନ୍ଧାରେ ମଧ୍ୟ ହସ ଚଲ
ଆଲୋକ ଆସିବା ନିଶ୍ଚୟ ଆଖି।
ବାତାସ ଯେତେ ଝଡ ହେଉ
ମନ କେବେ ଭାଙ୍ଗିବା ନାହିଁ।
ଫୁଲ ଭଳି ହସି ରୁହ,
ସୁଗନ୍ଧ ଭରି ଦିଅ ଜଗତ
ଛୋଟ ଛୋଟ ଖୁସି ଭିତରେ
ଲୁଚି ରହେ ଜୀବନର ସତ୍ୟ।
ଏଇତ ଜୀବନ.....

-୦-

ରାମଚନ୍ଦ୍ରପୁର, ଯାଜପୁର



କଳିଯୁଗ ମଣିଷ

● ଋତୁରାଜ ପାତ୍ର

ନିଜ ଖୁସି ପାଇଁ ଅନ୍ୟକୁ କନ୍ଦାଏ
ନିଜ ଲୋକଙ୍କୁ ଛାଡି ସ୍ୱାର୍ଥପରକୁ ବାଛିନିଏ
କଳିଯୁଗର ମଣିଷ ଇଏ
କଳିଯୁଗର ମଣିଷ ଇଏ
ହସର ମୁହଁରେ ଲୁଚେ ଅନେକ ସ୍ୱାର୍ଥର ରଙ୍ଗ
ପ୍ରେମ ନାମରେ ପ୍ରତାରଣା ଦିଏ ସ୍ୱାର୍ଥକୁ କରି ଅଙ୍ଗ।
ଧର୍ମ ନାମରେ ମଣିଷ ଖେଳୁଛି ଏଠି ରକ୍ତର ଖେଳ
ମିଥ୍ୟାକୁ ପ୍ରଶୟ ଦିଏ ସତ୍ୟ କହି ଗଣ୍ଡଗୋଳ।
ମିତ୍ରତା ହାତ ଧରି ସେ ପଛରୁ କରେ ଆଘାତ
ଯେଉଁ ସମ୍ପର୍କରେ ଲାଭ ନ ଥାଏ ଭାଙ୍ଗିଦିଏ ମାରି ଲାଜ।
ନିଜ ପାପର ଭାରକୁ ନେଇ ଧନ୍ୟକୁ କରେ ସେ ଦୋଷୀ
ଆଉ ଚିତ୍କାର କରେ ସେ ଯେବେ ଦୁନିଆଁ ଦିଏ ହସି।
ସବୁ ସଂପର୍କରେ ମଣିଷ ଏଠି କରେ ବିଶ୍ୱାସାଘାତ
ଧନ ନ ଥିଲେ କେହି ପ୍ରଶୟ ଦେବେନି ଦେବେ ଖାଲି ଆଘାତ
ଏହି କଳିଯୁଗ ମଣିଷ ପାଇଁ ବାପା ମା ଏକମାଟି ଖେଳନା
ଭାଙ୍ଗି ଥାଆନ୍ତି ନିତି ସବୁ ବଢିବାକୁ କେହି ଚେଷ୍ଟା କରେନା
ନିଜକୁ ବଦଳାଇ ଦେଖ ଭଲ ପାଇବା ଦିଅ ସଭିଙ୍କୁ
ସ୍ନେହ ଆଦର ଆଲୋକରେ ଭର ଏହି କଳିଯୁଗକୁ
ଅଧର୍ମ ଉପରେ ତାର, ଧର୍ମକୁ ଆଣିବା କରି ସାହସ
ତେବେ ଯାଇ ଏ ଯୁଗ ଲେଖିବ ଏକ ନୂଆ ଇତିହାସ

-୦-

ନବମ ଶ୍ରେଣୀ
ଧର୍ମଶାଳା ପବ୍ଲିକ ସ୍କୁଲ

ଜୀବନର ସଞ୍ଜ।

● ରଞ୍ଜିତା ଓଝ।

କାଳ୍ପନିକ ନଥିଲେ ଜୀବନେ
କେବେ ବାସ୍ତବ ଆସେନା
କଳ୍ପନା ଭାବି ତାକୁ
କେବେ ମନରୁ ପୋଛନା।
ଯାହା ଦୁଃଖ ଭାବିଥାଅ
ତାକୁ କର ଯେ ସାକାର
ବହୁ ପୁଣ୍ୟ ପରେ ମିଳିଛି
ଏହି ମଣିଷ ଜୀବନ।
ଏହି ଜୀବନେ ଆସେ
ସୁଯୋଗ ବହୁ ବାରବାର।
ହାତ ଛଡା କରିଦେଲେ
ଆସେନା ସେ ଦ୍ୱିତୀୟ ଥର।
ସୁଯୋଗକୁ କରିଥାଏ
ଯିଏ ଆପଣାର
ସଫଳତାର ପାହାଚ ଚଢେ
କରେ ନାହିଁ ବିଚାର।
ଯେଉଁ ବ୍ୟକ୍ତି ଚାହିଁଥାଏ
ଆଗକୁ ବଢିବାର
ସୁଯୋଗ ଛାଡେ ନାହିଁ
ତାକୁ କରେ ସେ ନିଜର।
ଆଗକୁ ବଢିବାର ଇଚ୍ଛା
ଯଦି ଥାଏ ଆମ ମନରେ
ଯେତେ ଝଡଝଞ୍ଝା ଆସୁ
ଆମେ ହାରିବାନି କେବେରେ।
ମହାଦେବ ବୋଲି ଏକ
ପିଲାଟେ ଯେ ଥିଲା
କାଳ୍ପନିକ ଜୀବନକୁ
ବାସ୍ତବରେ ପରିଣତ କଲା।
ତାର ବ୍ୟକ୍ତିତ୍ୱ ବିଷୟରେ
ନିମ୍ନେ ବଖାଣିବି ଆପଣକୁ

ସରଳତା ଅଟେ ପରିଚୟ ତାର
ଆପଣାର କରେ ସେ ସଭିକୁ।
ମିଥ୍ୟାକୁ ସେ କେବେ
ଦିଏ ନାହିଁ ପ୍ରଶ୍ରୟ।
ସତ୍ୟତା ପାଇଁ ତା'ର
ସବୁଠି ଶ୍ରେୟ।
ଦୁଃଖି ଦରିଦ୍ରଙ୍କ ସୁଖେ
ଟିକେ ହସ ଦେବା ପାଇଁ
ନିଜ ଦୁଃଖ ଭୁଲିଯାଏ
ସେ ଅନ୍ୟକୁ ହସାଇ।
ଅସହାୟକୁ ସହାୟ ହେବା ପାଇଁ
କେବେ ପରିସ୍ଥିତି ଦେଖିନି
ବଡ ବଡ ବାତ୍ୟା ତୋଫାନ
ତାକୁ ଅଟକାଇ ପାରିନି।
ଆଉ ବା କ'ଣ କହିବି
ମୁଁ ତାର ବ୍ୟକ୍ତିତ୍ୱ ବିଷୟରେ
ବଖାଣିଲେ ସରିବନି ତା
ତ୍ୟାଗ ବଳିଦାନ ଏହି ମୋ ଲେଖାରେ।।
କହୁଛି ତୁମକୁ ଏବେ
ମହାଦେବ ପରିବାର କାହାଣୀ
ବାପା ମା ସହିତ ତା'ର
ଅଛନ୍ତି ତିନି ଭଉଣୀ।
ଭଉଣୀମାନଙ୍କ ମଧ୍ୟେ
ସେ ସାନ ଭାଇ ଅଟଇ
ବାପା, ମା'ଙ୍କ କୁଳନନ୍ଦନ
ସେ ସଭିକୁ ଆଦର କରଇ।।
ବାପା ତାର ବୃତ୍ତିରେ
ତାର ଅଟନ୍ତି କମାର
ସ୍ୱଳ୍ପ ରୋଜଗାର ପାଞ୍ଚ ପ୍ରାଣୀଙ୍କୁ
ପୋଷନ୍ତି ନ କରି ବାଛବିଚାର।

ବାପାଙ୍କ କଷ୍ଟକୁ
ଦୂର କରିବା ପାଇଁ
ଚାକିରିର ସ୍ୱପ୍ନ ନେଇ
ଯେ ଯାଇଛି ଆଗେଇ ।
ପାଠପଢା ସମୟରେ
ସେ ଟିଉସନ କଲା
ଅଳ୍ପ କିଛି ଦରମାରେ
ତା ଆବଶ୍ୟକ ମଣ୍ଡୋଇଲା ।
କିଛି ଦିନ ପର୍ଯ୍ୟନ୍ତ ଏମିତି ଚାଲିଲା
ପାଠପଢା ଶେଷ କରି ଏକ
ବେସରକାରୀ ସ୍କୁଲରେ ରହିଲା ।
ଟ୍ୟୁଇସନ୍ ଦରମାଠୁ ଟିକେ
ଅଧିକା ପାଇଲା
ତଥାପି ତା'ର ଅଭାବ
ଆହୁରି ମଧ୍ୟ ଥିଲା ।
ଆଉ ଏକ ଅସୁବିଧା
ତା ସମ୍ମାନକୁ ଆସିଲା
ଖାଦ୍ୟପେୟ ଠିକ୍
ନହେତୁ ତା ଦେହ ଅସୁସ୍ଥ ହୋଇଲା ।
କେନ୍ଦ୍ରାପଡା ସ୍କୁଲ ଛାଡି
ଭୁବନେଶ୍ୱରକୁ ଆସିଲା ।
ସେଠାରେ ସେ ଟ୍ୟୁସନ
ସହ କେଟରିଙ୍ଗ କାମ କରିଲା ।
କିନ୍ତୁ କେନ୍ଦ୍ରାପଡା ସ୍କୁଲର ପିଲା
ତାକୁ ଏତେ ଭଲ ପାଉଥିଲେ
ମହାଦେବ ସାର୍ ବିଦ୍ୟାଳୟ
ଆସନ୍ତୁ ବୋଲି ପ୍ରିନିସିପାଲଙ୍କୁ
ଅନୁରୋଧ କଲେ ।
ପୁଣି ଥରେ ମହାଦେବ
ସ୍କୁଲରେ ଜଏନ୍ କରିଲା
ପିଲାଙ୍କ ସହ ତା
ପାଠପଢା ଜାରି ସେ ରଖିଲା ।
ବିନା କୋଚିଙ୍ଗ ଓ ତା'ର
ଇଚ୍ଛାଶକ୍ତି ବଳରେ
ମୋବାଇଲର ସଦୁପଯୋଗ
ସେ ଠିକ୍‌ରେ କଲାରେ
ବହୁ କଷ୍ଟ ଓ ଅକ୍ଲାନ୍ତ
ପରିଶ୍ରମ ସେ କରିଲା ।
ଶେଷରେ ବାଟାଲିୟନ୍ ପରୀକ୍ଷାରେ
ଉତ୍ତୀର୍ଣ୍ଣ ହୋଇଲା ।
ତାର ବାପା ମା ଭଉଣୀମାନେ
ଖୁସିରେ ଉତ୍‌ଫୁଲିତ ହେଲେ
ବାପା ମାଙ୍କ ଦୁଃଖ ସରିଗଲା ।
ବୋଲିପ୍ରଭୁଙ୍କୁ ଧନ୍ୟବାଦ ଦେଲେ ।
ଏହି ଭଳିପୁତ୍ର ସନ୍ତାନ
ଯା ଘରେ ଜନ୍ମ ହୋଇବ
ତା'ର ବାପା ମା ଛାତି
ଗର୍ବରେ କୁଣ୍ଢେମୋଟ ହେବ ।
ଏମିତି ଥିଲା କିଛି ମହାଦେବ
ସଂଘର୍ଷର କାହାଣୀ
ସେ ସମସ୍ତଙ୍କ ପାଇଁ ସାଜିଲା
ପ୍ରେରଣାର ବାଣୀ
ତା ଜୀବନୀରୁ କିଛି
ଶିକ୍ଷା ଲାଭ କରିବ ।
ଚେଷ୍ଟା ଜାରି ରଖିବା
ନିଜକୁ କେବେ ତୁଚ୍ଛନ ମଣିବ ।
କିପରି ଲାଗିଲା କହିବେ
ମହାଦେବ ଜୀବନ ସଂଜ୍ଞା
ତ୍ରୁଟି କିଛି ରହିଥିଲେ
କ୍ଷମା କରିଦେବେ ଆଜ୍ଞା
ଆଗକୁ ତା'ର ଅଛି
କିଛି ବଡ କରିବାର ଆଶା
ସୁଯୋଗ ମିଳିଲେ ପୁଣି
ଲେଖିବି ଦଉଛି ଭରସା ।

-୦-

ଗୃହିଣୀ ତଥା ସଦସ୍ୟା
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

ମୋ ଝିଅ ଶ୍ରୀ

❤ ସୋନାଲି ପ୍ରଧାନ

ଶ୍ରୀ, ତୁ ଯେବେ ହସୁ,
ମୋ ଘର ଦୀପ ଜଳେ।
ତୋ ଛୋଟ ପାଦର ଶବ୍ଦ,
ମୋ ଛାତିର ସବୁଠୁ ମିଠା ଗୀତ ବୋଲେ।

ତୋ ଆଙ୍ଗୁଠି ଧରି ଯେବେ ଚଲେ
ଲାଗେ ଯେମିତି ଦୁନିଆ ଜିତିଗଲି।
ତୋ ଅଧା କଥା, ଅଧା ବୁଝା ଭାଷା,
ମୋ ପାଇଁ ସବୁଠୁ ବଡ କବିତା ପାଲଟିଗଲା।

ଲୋକେ କହନ୍ତି ଝିଅ ପର ଘର ଧନ,
ମୁଁ କହେ ତୁ ମୋ ଜୀବନର ସ୍ପନ୍ଦନ।
ତୋ ଆଖିରେ ମୁଁ ଦେଖେ ମୋ ସ୍ୱପ୍ନ,
ତୋ ଉଡାଣରେ ମୋ ଆକାଶ ବ୍ୟାପନ।

ଡରିବୁନି କେବେ, ମୁଁ ତୋ ସାଥେ ଅଛି
ପଡିଲେ ଉଠାଇବି ହାରିଲେ ଶିଖାଇବି।
ଦୁନିଆ ଯାହା କହୁ ପଛେ ମୋ ଶ୍ରୀ
ତୁ ନିଜ ପାଇଁ ନିଜେ ଦୀପଟିଏ ହୋଇ ଜଳିବୁ।

ବାପା ହାତ ସବୁବେଳେ ପଛରେ ଥିବ,
ହେଲେ ଆଗକୁ ତୋତେ ହିଁ ଯିବାକୁ ପଡିବ।
ଶ୍ରୀ ମାନେ ଲକ୍ଷ୍ମୀ, ଶ୍ରୀମାନେ ଶକ୍ତି,
ମୋ ଝିଅ ଶ୍ରୀ, ତୁ ମୋର ସବୁଠୁ ବଡ ଭକ୍ତି।

-୦-

ବୃନ୍ଦାଦେଇପୁର ଶାସନ, ଜେନାପୁର

ଅତୀତ

❤ ସୋନମ୍ ପ୍ରିୟଦର୍ଶନୀ

ଅତୀତର ସେହି ଫର୍ଦ୍ଦ ସବୁକୁ
ଦେଖୁଲି ମୁଁ ଯେବେ ଲେଉଟାଇ
ସବୁକୁ ସାଉଁଟିବା ପାଇଁ
ବସିଗଲି ଆଉଜେଇ
ପକ୍ଷୀ ହୋଇ ଦିନେ
ଉଡିଯାଇଥିଲା ସିନା
ମୋ ପାଇଁ ସେ ସୃଷ୍ଟି
ଏବେ ବି ଚିହ୍ନା
ବେଳେ ବେଳେ ଇଚ୍ଛା
ହୁଏ ଫେରିଯିବାକୁ
ପୁରୁଣା ହସଖୁସି ସହ
ପୁରୁଣା ସମୟକୁ
ସୃଷ୍ଟିର ପ୍ରାରମ୍ଭ ପାହାଚରେ
ଇଚ୍ଛାହୁଏ ଚଢିବାକୁ
ପୁଣି ଇଚ୍ଛା ହୁଏ ଫେରିଯିବାକୁ
ସେ ଅଭୁଲା ଅତୀତକୁ
କିନ୍ତୁ, ପଥିକ ମୁଁ ସାଜିଛି ଏଇ ବାସ୍ତବତା ପଥର....
ଯେଉଁଠି ବହି ଆସୁଥିବା ଅନବରତ ନଦୀ
ନା କେତେ ଯିବ ଅତିକ୍ରମି
ନା ପୁଣି ସେହି ଢେଉ ସମୁଦ୍ରର
କେବେ ନବ ବିରତି

-୦-

ଯଖପୁରା, ଯାଜପୁର



ଧନ୍ୟ ତୁ ସାବିତ୍ରୀ ସ୍ୱାମୀର

● ପୂର୍ଣ୍ଣାନନ୍ଦ ସେଠୀ

ସ୍ୱାମୀଙ୍କ ମୃତ୍ୟୁରେ ସାବିତ୍ରୀ କାନ୍ଦିଲେ
ବୁକୁଫଟା ଥିଲା ଯନ୍ତ୍ରଣା
ସତୀତ୍ୱ ବଳରେ ସ୍ୱାମୀ ବଞ୍ଚାଇଲେ
ଯମ ହୋଇଲେ ବାଟବଣା।୧।
ସାବିତ୍ରୀ ଓଷା ମୋ ଘରଣୀ କରିବ
ଆଠଦିନ ତଳୁ କହିଛି
ଲକ୍‌ଡାଉନକୁ 'ଅମ୍ପନ' ବାତିଆ
କଅଣ କରିବି ଭାବୁଛି।୨।
ଶଙ୍ଖା ଶାଢ଼ୀ ଚୁଡି ଅଳତା ସିନ୍ଦୂର
ସାୟା ବ୍ଲାଉଜ ମୋ କିଣିବ
ମନେକରି ଧନ ଲିପ୍‌ଷ୍ଟିକ୍ ଅତର
ଭୋଗ ରାଗ ସବୁ ଆଣିବ।୩।
ଘରଣୀ ପିନ୍ଧିବ ନୂଆ ଶଙ୍ଖା ଶାଢ଼ୀ
ସାବିତ୍ରୀ ଭଳିଆ ହୋଇବ
ସ୍ୱାମୀ ମରିଗଲେ ଫେରେଇ ଆଣିବ
ଯମଙ୍କୁ ଗୁହାରି କରିବ।୪।
ଘରଣୀ ଫର୍ମାସୀ ବୁଝିବାକୁ ହେବ
ନହେଲେ ସାବିତ୍ରୀ ରାଗିବ
କାଳେ ଯମ ଆଗେ ମିଛ ସତ କହି
ମରଣ ଯନ୍ତ୍ରାକୁ ଠେଲିବ।୫।
ଏ ବେଳରେ ପୁଣି ରୋଗଜାର ନାହିଁ
କେମିତି କିଣିବି ସଜିଲି
ସାବିତ୍ରୀ ପିନ୍ଧିକି ସୁନ୍ଦର ଦିଶିବ
ଏଇ କଥା ବସି ଭାବିଲି।୬।
ମନ ଟାଣ କଲି ଉଧାର ମାଗିଲି
ଦିଅ ଭାଇ ପାଞ୍ଚ ହଜାର
ତିନି ଘରି ଜଣ ମନା କରିଦେଲେ
ଘରଣୀକୁ ମୋ' ଭାରି ଡର।୭।
ରୋକ୍‌ଠୋକ୍ ସବୁ ମନା କରିଦେଲେ
ପାଉନାହିଁ ମୋର ସାହସ
ହାତୁ ମୁଦି ଖୋଲି ବନ୍ଧା ପକେଇଲି
ବାନ୍ଧିଲି ମନରେ ବିଶ୍ୱାସ।୮।
ପାଞ୍ଚ ହଜାର ଟଙ୍କା କରଜ ଆଣିଲି
ସନ୍‌ଡେକୁ ମାର୍କେଟ୍ ଗଲୁ
ମନକୁ ଗଲାନି ଶାଢ଼ୀ ଘରଣୀର
ମନ ଦୁଃଖେ ଫେରି ଆସିଲୁ।୯।
ଅମ୍ପନ ବାତ୍ୟାକୁ ଡର ଲାଗୁଥିଲା
କ'ଣ ନାହିଁ କ'ଣ ହୋଇବ
ବହୁ ଦାମୀ ଶାଢ଼ୀ କିଣି ସାରିଥିଲା
ସତ୍ୟବାନଙ୍କୁ ସେ ପାଇବ।୧୦।
ମନ ଦୁଃଖ କରି ମୁହଁକୁ ଫୁଲେଇ
ଗାରୁ ଗାରୁ ସେ ହେଉଥିଲା
ବାଡିପଶା ବାତ୍ୟା ମରଣ ହଉନି
ଓଷାରେ ବଇରୀ ସାଜିଲା।୧୧।
ପଚରିଲି ହସି କୁହ ମୋ ପ୍ରେୟସୀ
କାହିଁକି ଏ ଓଷା କରୁଛ
ଏତେ ଅଲାଯୁକ ମଣିଷ ଯେ ତୁମେ
ଶୁଣିବ ଦି'ପଦ ଘଟୁଛ।୧୨।
ଏହି ଓଷାକୁ ମୁଁ କରୁଛି ନାଥ ହେ
ବିଧବା ହେବିନି ମୁଁ କେବେ
ତୁମେ ମୋର ପତି ମୁଁ ତୁମର ପତ୍ନୀ
ଯମ ଦେବତା ଜାଣୁ ଏବେ।୧୩।
ଏହି କଥା ଶୁଣି ସୁଯୋଗ ଉଣ୍ଡିଲି
ନିଶା ସୁଙ୍ଘି ହେଲି ବେହୋସ
ଘରଣୀ କାନ୍ଦିଲା ମୁଣ୍ଡ ବାଡେଇଲା
ମିଛରେ ଉଡାଏ ହୋଅସ।୧୪।
ସିଧା ଦଉଡିଲା ଯମକୁ ଭେଟିଲା
ବାନ୍ଧିଦେଲା ଗୋଟେ ଖୁଣ୍ଟରେ
ପନିକିରେ ତୋର ବେକକୁ କାଟିବି
ମୁଣ୍ଡ ଧରେଇବି ହାତରେ।୧୫।
ଚୁଟି ଝାଡିଦେଲା ଭାରି ରାଗିଗଲା
ପୋତିଦେଲା ପ୍ରଶ୍ନ ବାଣରେ
ଯମକୁ ଖୋଲିଲା ହସି ବୁଝେଇଲା
ଚୁମ୍ବନ ଲେସିଲା ତନୁରେ।୧୬।
ଜାବୁଡି ଧରିଲା ଯାବ ପକେଇଲା
ଯମ ହୋଇଗଲେ ବେହୋସ
ମୋବାଇଲ୍‌ରେ ସେ ଭିଡିଓ କରିଲା
ପାଣି ଛାଟି କଲା ହୋଅସ।୧୭।
ମୁଁ ସେ ସାବିତ୍ରୀ ନୁହେଁ ଆରେ ବୁଢ଼ା
ସ୍ୱାମୀ ପାଇଁ ବସି କାନ୍ଦିବି
ନେହୁରା ଆପତ୍ତି କାକୁତି ମିନତୀ
ଏସବୁ କଥା ମୁଁ କରିବି।୧୮।
ଯମ ଅନେଇଲା ଆଖି ମଳୁଥିଲା
ଥରୁଥିଲା ସେ ଗୋଟାପୁଣି
ଗୋଡତଳେ ପଡି ଭୋ ଭୋ କାନ୍ଦିଲା
ରକ୍ଷା କର ମତେ ଭଉଣୀ।୧୯।
ଯାହା ତୁ କହିବୁ ସବୁ ମୁଁ କରିବି
ତୋ ସ୍ୱାମୀକୁ ଫେରେଇ ଦେବି
ଭାଇରାଲ୍ କରନା ଭିଡିଓ ମୋର
ଲଜ୍ଜାରୁ ଟିକେ ବଞ୍ଚିଯିବି।୨୦।
ସାବିତ୍ରୀ ହସିଲା, ବର ମାଗିନେଲା
ମୋ ସ୍ୱାମୀ ରୁହନ୍ତୁ ଅମର
ଯମ ରାଜା କାନ୍ଦି ତଥାସ୍ତୁ କହିଲେ
ଧନ୍ୟ ତୁ ସାବିତ୍ରୀ ସ୍ୱାମୀର।୨୧।

—୦—

ଜନପ୍ରିୟ ପ୍ରେସ୍, ଚଣ୍ଡିଖୋଲ
ରାଧାଦେଇପୁର, ବଡ଼ଚଣା, ଯାଜପୁର
ମୋ- ୯୦୪୦୬୯୭୪୧୧

ସମୟ

● ଋତୁପୂର୍ଣ୍ଣା ମହାନ୍ତି

ସମୟକୁ ତାଳ ଦେଲ ଜୀବନରେ ଝଲ ଭାଇ
ପଛ ଦୁଃଖ ଭୁଲି ଖୁସିରେ ହସ ଭାଇ
ଲାଗୁପଛେ ଯେତେ ବାଧା ଜୀବନକୁ ଜୀଇଁ ଯା
ମୁହେଁ ଧରି ହସ କୁ ତୋ କୋହକୁ ସହି ଯା
ବଦଳିବେ ଲୋକେ ଏଠି ନିଜର ଫାଇଦା ଦେଖି
ଦୁଃଖରେ ଛାଡିବେ ସାଙ୍ଗ ତୋର ସୁଖରେ ହେଇବେ ସାଥି
ଚାରିଦିନ ଏ ଜୀବନରେ ନୁହେଁ କିଛି ସ୍ଥାୟୀ
ନିଜ କର୍ମ କରିଝଲ ସ୍ଥାୟିତ୍ୱର ଆଶା ନରଖି ଭାଇ
ଲଢିଚାଲ ଜୀବନ ଯୁଦ୍ଧରେ ବୀର ପରି ତୁହି
କହିଦେ ବିପଦକୁ ତୋ ପରାସ୍ତେ ନାହିଁ କେହି।

-୦-

ସଦସ୍ୟା, ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ



ଦୁନିଆରେ ବଡ ସେଇ

● ଗାୟତ୍ରୀ ପ୍ରଧାନ

ଜୀବନର ପଥ ଅଟେ ଅଙ୍କାବଙ୍କା
କେବେ ଖରା କେବେ ଛାଇ
ସେହି ଚଲାପଥ ଝଲିବାକୁ ହେଲେ
ସବୁ ଦୁଃଖ ଯିବା ସହି।
ଆଜି ଯିଏ ଅଛି କାଲି ସେ ନ ଥିବ
ଲୀନ ହେବ ମଶାଣିରେ
ତଥାପି ମଣିଷ ଲୋଭ କ୍ରୋଧ ହିଂସା
କେଜାଣି କାହିଁକି କରେ।
ମିଛ ମାୟା ଭରା ଏଇ ଯେ ଦୁନିଆଁ
ନିଜର ନୁହଁନ୍ତି କେହି
ମଲା ବେଳେ କେହି ଧନ ଯଉବନ
ସାଥିରେ ନେବେ କି ବୋହି ?
ଜୀବନରେ କିଛି ଦୁଃଖ ଅଛି ବୋଲି
ସୁଖକୁ ପାରୁଛେ ଜାଣି
ସତ୍ୟ ମୁଁ କହୁଛି ରାଣ ବି ଖାଉଛି
ଏଇ ଯେ ସତ୍ୟର ବାଣୀ
ଜୀବନ ବାଟରେ ଯେତେ ଦୁଃଖ ଥିଲେ
ସବୁ ଦେଖି ହସୁ ଥିବ
ଯେତେ ଲୋକ ଯେତେ କଥ ଯେ କହିଲେ
ସଦା ଚୁପ୍ ରହୁଥିବ।
ପ୍ରଭୁ ବାସୁଦେବ ପରୀକ୍ଷା ନିଅନ୍ତି
ଦୁଃଖ ପରେ ଦୁଃଖ ଦେଇ
ସବୁ ଦୁଃଖ ସହି ହସୁଥାଏ ଯିଏ
ଦୁନିଆରେ ବଡ ସେଇ।

-୦-

କଦମ୍ବପାଟଣା,
ଧର୍ମଶାଳା, ଯାଜପୁର
ମୋ-୯୭୭୭୧୩୦୧୦୪

ବାପା

● ଦମୟନ୍ତୀ ମହାନ୍ତି

ସଂସାରକୁ ଆଣି ପରିଚୟ ଦେଲ
ସହିଲ କେତେ ଯେ ଅଝଟ
ଛୋଟ ଥିଲାବେଳେ ଦୁଷ୍ଟ ହେଉଥିଲେ
କରିଥିଲ କେତେ ଯେ ଆକଟ
ଆମରି ଖୁସିକୁ ପ୍ରାଧାନ୍ୟ ଦେଇ
ସହିଛ ଅନେକ କଷ୍ଟ
ତୁମକୁ ଖୁସିରେ ରଖିବା ପାଇଁ
କରିଥିଲି ଯେ ଶପଥ
ମାଡ ଗାଳି ତୁମେ ଦେଇଥିଲ ବୋଲି
ସମ୍ମାନ ପାଉଛି ଆଜି
ତୁମ ଦେଖାଇବା ପଥେ ପଥେ ଯାଇ
ପାରିଛି ନିଜକୁ ଖୋଜି
ହଷ୍ଟେଲରୁ ଫେରି ଘରକୁ ଆସିଲେ
ଗପପେଡି ଖୋଲି ଥାଉ
ଏସବୁ ଦେଖି ବୋଉ ଆସି କହେ
ବାପ ଝିଅ ଗପ ଥାଉ
ବାପା ଶବ୍ଦଟି ଯେ ସାର୍ଥକ ହେଉଛି
ବଳିଦାନ ତ୍ୟାଗ ପାଇଁ
ତୁମ ପ୍ରତିଦାନ ଅତୁଳନୀୟ ଯେ
ଝୁରି ହୁଏ ଖାଲି ମୁହିଁ।

-୦-

ସହକାରୀ ଶିକ୍ଷିକା
ସରକାରୀ ମା' ସିନ୍ଦୁରାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ପାଖର

ସମ୍ପର୍କ- ଏକ ସମର୍ପଣର

● ସରୋଜ ଜେନା

ସମ୍ପର୍କ-
ସମ୍ପର୍କ ସେତ ଏକ ସୁନେଲି ସୂତା ଖିଅର
କେବେ ଯୋଡିହେବ ପୁଣି କେବେ ଛିଡିଯିବ,
ହେଲେ ଆମର ଏମିତି ଏକ ଅମ୍ଲାନ ସମ୍ପର୍କର ବନ୍ଧନ,
ଯାହା ସୃଷ୍ଟି ଅନ୍ତ ଯାଏ ରହିଥିବ। ॥୧॥

ଦିନେ ସମ୍ପର୍କର ହାତଟେ ବଢାଇଥିଲି ତୁମ ଆଡେ
ସବୁ ମୋର ସୃଜନ ଅନୁଭୂତିକୁ ବାଣ୍ଟିବାକୁ,
ତୁମ ହାତ ଧରି ବାଟ ଚଲୁଥିବି ଏହି ଭାବନାରେ
ପ୍ରତିଟି ପରିକଳ୍ପନାକୁ ହୃଦୟଙ୍ଗମ କରିବାକୁ ॥୨॥

ହୃଦୟର କେଉଁ ଏକ ଗଭୀରତମ ପ୍ରଦେଶରୁ
ତୁମକୁ ଆପଣେଇ ନେବା ପାଇଁ ବନ୍ଧୁ
ନିଜର ଅବ୍ୟକ୍ତ ପରିଭାଷାକୁ ବଖାଣିବାକୁ
ଆଉ ତା' ସହ ଜଡିତ ସମସ୍ତ ଚିନ୍ତା ଚେତନା ପରିବ୍ୟାପ୍ତ ପାଇଁ। ॥୩॥

ପରିଶେଷେ କରେ ଅଭିଳାଷ ମୁହିଁ ପ୍ରଭୁ,
ତୁମ ଶ୍ରୀରଙ୍ଗା ଚରଣେ କାଣିଚାଏ ସ୍ଥାନ ଦେବା ନିମନ୍ତେ
ଆଉ ସେଥିପାଇଁ ନିଜକୁ ମୁଁ କରିସାରିଛି ପୂର୍ଣ୍ଣ ସମର୍ପଣ
ବିଲୀନ ହେବାକୁ ତୁମ ଠାରେ ମୋର ସକଳ ଅସ୍ତିତ୍ୱ। ।୪॥

-୦-

ସହକାରୀ ଶିକ୍ଷକ
ସରକାରୀ ମା' ସିନ୍ଦୁରାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ପାଖର



ଦୁହିତା

● ମନୋଜ କୁମାର ନାୟକ

ବାପାଙ୍କର ସେହି ଡାକ,
ମାଆର ଆଲିଙ୍ଗନ ଭଲ ପାଇବା
ସବୁକିଛି ରହିଗଲା ପଛେ.
କେବଳ ହୃଦୟରେ ହେଲା ଘର ବନ୍ଧା।
ସମାଜ କହେ ଏହା ନିୟମ
ଝିଅ ହେଉଛି ଦୁଇ ଘରର ସେତୁ।
ସେ ନିଜେ ଭୁଲିଯାଏ ନିଜକୁ
ସେଇ ପ୍ରେମରେ ହୋଇଯାଏ ବନ୍ଧୁ।
ପିତାଘର ଆଜି ମଧ୍ୟ ତାର
ସେଠି ରହିଛି ସତ୍ୟ ପ୍ରେମ
ନୂଆ ଘରେ କର୍ତ୍ତବ୍ୟ ଅଧିକ
ତଥାପି ହୃଦୟରେ ସେଇ ପୁରୁଣା ନାମ।
ଝିଅ ମାନେ କେବଳ ଦାୟିତ୍ୱ ନୁହେଁ
ସେ ହେଉଛି ପ୍ରେମର ଅନନ୍ୟ ରୂପ,
ଦୁଇଟି ଘରକୁ ଏକାଠି କରି
ସେ ଲେଖେ ଜୀବନର ସୁନ୍ଦର ସ୍ୱରୂପ।
ପିତା ଘର ଅଗଣାରେ,
ସେ ଥିଲା ହସର ଫୁଲ
ମାଆର ଆଖିର ଆଲୋକ
ବାପରେ ହୃଦୟର ଫୁଲ।
ସେଠି ସେ ରାଜକୁମାରୀ
ସ୍ୱପ୍ନରେ ରଙ୍ଗ ଭରିଥାଏ।
ସମୟ ଆସିଲା ବିବାହର
ସମାଜ ଦେଲା ନୂଆ ନାମ
ପର ଘରର ଝିଅ କହି
ବଦଳିଗଲା ସେହି ସ୍ୱପ୍ନ ଧାମ।
ନୂଆ ଘରେ ସେ ହସେ
କିନ୍ତୁ ହସରେ ଲୁଚି ଯାଏ ବେଦନା,
ପିତାଘରର ସ୍ମୃତି ମନେ
ଦେଇଯାଏ ଅଜଣା କଥା।

-୦-

ଶିକ୍ଷକ,
ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ, ଯାଜପୁର

ବନ୍ଧୁତ୍ୱରୁ ପଦେ

● ମାନସ ରଞ୍ଜନ ପ୍ରଧାନ

ସବୁ ସଂପର୍କରେ ପୂର୍ଣ୍ଣଚ୍ଛେଦ ପଡେ
ବନ୍ଧୁତ୍ୱରେ କେବେ ପଡେନା
ହୃଦୟର ପ୍ରେମ ସରିଯାଏ ସିନା
ବନ୍ଧୁତ୍ୱର ପ୍ରେମ ମରେନା ।।୧।।
ସ୍ନେହ ପ୍ରେମ ଭରା ସଂପର୍କଟି ଇଏ
ଅଟେ ଇଶ୍ୱରଙ୍କ ବରଦାନ
ସଂପର୍କର ସେହି ଅତୁଟ ସ୍ନେହରେ
ନଥାଏ ରାଗରୁଷା ଆଉ ଅଭିମାନ ।।୨।।
ମାପି ହୁଏନାହିଁ ଏକକରେ କେବେ
ବାନ୍ଧେନାହିଁ କେଉଁ ବନ୍ଧନ
ଅନୁଭବ ଖାଲି କରିହୁଏ ପୁଣି
ଲଗାଇ ସ୍ନେହ ପ୍ରେମର ଇନ୍ଧନ ।।୩।।
ଖରାପ ସମୟ ବାହୁଡଇ ଯେବେ
ସଭିଏଁ ଘେହାଁନ୍ତି ବୁଲି
ହେଲେ ବନ୍ଧୁଟିଏ ନିକଟରେ ଥାଏ
ଆସୁ ଯେତେ ଝଡତୋଫାନରେ ରାଲି ।।୪।।
କୃଷ୍ଣ ସୁଦାମର ବନ୍ଧୁ ଗଭୀରତା ପରି
ସଦା ରହିଥାଉ ଅମର
ସବୁ ଜନ୍ମ ପରି ମିଳୁ ଏ ବନ୍ଧୁତା
ସମ୍ପର୍କ ଇଏ ଜନ୍ମ ଜନ୍ମର ।।୫।।

-୦-

ସଂପାଦକ
ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ

ମା କବିତା

● ସିଦ୍ଧିସ୍ନେହା ବିଶ୍ୱାଳ

ମା' ହାତ ରନ୍ଧା ସୁଆଦ ଭାରି
ତା' କଥାବାର୍ତ୍ତା ଅମୃତ ପରି।
ମୋ ଓଦାହାତ ଶିଙ୍ଘାଣି ଝାଳ
ମା-ପୋଛିଦିଏ ପଣତେ ତା'ର।
ଆ ଧନମଣି ଡାକିଲେ ସିଏ
ମୁଁ ଧାଇଁଗଲେ କୋଳକୁ ନିଏ।
ସେ କାଖେ ଧରି ଦେଖାଏ ଶଶୀ।
ମୋ ଗାଲ ଚୁମି ଦିଅଇ ହସି।
ଧୋ ନାନା ବାୟା ଗୀତଟି ଗାଏ।
ତା' କାନି ଢାଙ୍କି ଶୁଆଇ ଦିଏ।

-୦-

ଶ୍ରେଣୀ-ଦଶମ
ଗୁରୁକୁଳ ସରକାରୀ ହାଇସ୍କୁଲ

ମୋ ମନର କଥା

● ସ୍ୱାତିକ୍ ଭଦ୍ର

ପ୍ରଭୁ ଯଦି କିଛି ଦୁଃଖ ଦଉଛ
ତାହାଲେ କିଛି ସୁଖ ଦେବ
ତମ ପରେ ମୋର କେହି ନାହିଁ
ଏକଥା ଭୁଲି ନ ଯିବ
ସଦାସବୁବେଳେ ସବୁ ଜାଗାରେ
ସତ କହି ମୁଁ ହାରିଯାଇଛି।
ଏ ଦୁନିଆର ମୋହମାୟାରେ ମୁଁ ବନ୍ଧା ହୋଇଛି
ଯଦି ଲେଖା ହୋଇଛି ଭାଗ୍ୟରେ କଷ୍ଟ ମୋର
ତ ଖୁସି ବି ଲେଖାହୋଇଥିବ
ଭଗବାନ ତମେ ମୋର ମୋ ବିଷୟରେ
କିଛି ଭୁଲ ଲେଖି ନଥିବ।

-୦-

ଶ୍ରେଣୀ-ଦଶମ
ଗୁରୁକୁଳ ସରକାରୀ ହାଇସ୍କୁଲ

ଏମିତି ବି ହୁଏ

● ତପସ୍ୱିନୀ ବେହେରା

ଅତୀତରର ସ୍ମୃତି ଓ ଚିହ୍ନା ମୁହଁ କିଛିକ୍ଷଣ ପାଇଁ
ଲୁଚିଯାଏ କେଉଁ ଏକ ଗମ୍ଭିରୀ ଭିତରେ.....
ଆଶାର ସ୍ୱପ୍ନ ଅକ୍ଷୁର୍ଣ୍ଣ ରୁହେ
ଅହେତୁକ ଆଗ୍ରହ ହୃଦୟେ ବାନ୍ଧି
ଆଗକୁ ବଢୁଥିବା ମଣିଷଟି ହଠାତ୍ ଥକି ପଡେ.....
କେବେ ସେ ତାକୁ ଖୋଜେ
ସେହି ପୁରୁଣା ସ୍ମୃତିରେ
କେବେ ଝର୍କା ପାଖରେ...
କେବେ ତା ହାତ ରେଖାରେ...
କେବେ ନିଦୁଆ ଆଖିରେ....
କେବେ ସେ ଦେଖୁଥିବା ସ୍ୱପ୍ନ ଭିତରେ...
ଏଇ ହୃଦୟର ବେଳାଭୂମିରେ
ସେ ଏକ ଶାମୁକା ସାଜିଥାଏ
ହଠାତ୍ ଏକ ଜୁଆର ଆସି ତାକୁ ତା ଠୁ ଦୂରେଇ ନିଏ।
ଅସହ୍ୟ ବେଦନା ଆଉ ଅକୁହା ଯନ୍ତ୍ରଣା ସବୁ
ଚେଇଁ ଉଠେ ଏକ ଘୋର ନିଶାକରରେ
ହଠାତ୍ ସେ ଉଠି ପଡି ରୁହେ
ଏମିତି ବି ହୁଏ।

-୦-

ପଣସପୁର, ମାହାଙ୍ଗା, କଟକ



ମଧୁର ଆମର ଓଡିଆ ଭାଷା

● ବିଷ୍ଣୁପ୍ରିୟା ପଣ୍ଡା

ଭାଷା ତ ଭାଷା କୋଟିଏ ଭାଷା
ସବୁଠାରୁ ମିଠା ଆମ ଏ ଭାଷା
ମାତୃଭାଷା ଆମ ମହୁ ଠାରୁ ମିଠା
ସବୁ ଭାଷା ରୁ ବଢିଆ
ଅ, ଠାରୁ ଇ ଅଣଚାଶ ବର୍ଣ୍ଣ
ଏ ଭାଷା ଆମର ଶିରୀ
ଅର୍ଦ୍ଧ ମାଗଧି ରୁ ବିକଶିତ ଆଜି
ଶାସ୍ତ୍ରୀୟ ରୂପ ଆବୋରି।
ଭାଷା ପରା ନଈ ସମ ଚାଲେ ବହି
ଝଲେ ଯୁଗ ଯୁଗ ଧରି
ଭାଷା ଜନନୀର ସେବା କରି ନାବ
ଚଳେଇବା ହୋଇ ନାଉରୀ
ଏ ଭାଷାରୁ ଝରେ ମଧୁର ପାଲବନ
ଛନ୍ଦ ମୟ ସୁର ତାନ।
ପ୍ରତି ବର୍ଣ୍ଣ ମାଳା ଝରାଏ ବିଭୂତି
ଓକାରେ ଛୁଏଁ ଗଗନ।

-୦-

ସ୍ନାତକୋତ୍ତର ଛାତ୍ରୀ
କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ,
କେନ୍ଦ୍ରାପଡା

ମା' ଏକ ମୂର୍ତ୍ତିମନ୍ତ ପ୍ରତୀକ

● ଶୁଭଶ୍ରୀ ସାହୁ

ସୃଷ୍ଟିକର୍ତ୍ତାଙ୍କର କି ସୁନ୍ଦର ସର୍ଜନ।
କଳା, କାରୁକାର୍ଯ୍ୟ ଭରା ଏ ଦୁନିଆ।
ସଚରାଚର ସର୍ବ ଜୀବ କୀଟ ଆଦି
ମନୁଷ୍ୟ, ପଶୁ,ପକ୍ଷୀ, କେତେ ଜାତି ॥୧॥
ମା' ପରା ଅଟେ ସଭିଙ୍କ ଆଧାର
ତା' ବିନୁ ହୁଏ ଏ ଜୀବନ ଅସାର॥
କେତେ କଷ୍ଟ ଦୁଃଖ ସହି ଗର୍ଭ ଯନ୍ତ୍ରଣା
ଜାନୁଭଙ୍ଗ ପରି ଅସହ୍ୟ ବେଦନା ॥୨॥
ସବୁ କ୍ଲେଶ ତା'ର କ୍ରମେ ହୁଏ ମ୍ଳାନ
ସନ୍ତାନ ମୁଖକୁ କଲେକ ଦର୍ଶନ
ମାତୃତ୍ୱ ଆନନ୍ଦେ ହୁଏ ସେ ବିଭୋର
ସାନନ୍ଦେ ଲଂଘେ ସେ ଉତ୍ତାଳ ସାଗର ॥୩॥
ମାନସିକ ଝଡ ସହି ପିଇଯାଏ ଲୁହ
ନିଜ ସୁଖ ସ୍ୱାଚ୍ଛନ୍ଦର କରିଥାଏ ଦାହ
ଧୈର୍ଯ୍ୟ ସହକାରେ କଲେ ସନ୍ତାନ ସେବା
ତା'ର ତ୍ୟାଗକୁ ଅବା କି ଉପମା ଦେବା ॥୪॥
ଶିଶୁର ସରଳ ହସେ ମନ ହୁଏ ପୂର୍ଣ୍ଣ।
ଉଙ୍କିମାରେ ନୟନେ ତା' ଅସୁମାରୀ ସ୍ୱପ୍ନ।
ଭବିଷ୍ୟ ଗଢିବାକୁ ହୃଦେ ଭରେ ଉର୍ଜା
ଶକ୍ତି ଭରିବାକୁ କରେ ବିଭୁଙ୍କର ପୂଜା ॥୫॥
ନିଦ୍ରାର ପ୍ରଦୀପ ଜାଳି ଢାଳେ ରକ୍ତବିନ୍ଦୁ।
ବିନିଦ୍ର ଲୋଚନ ଖୋଜେ ପୂର୍ଣ୍ଣିମାର ଇନ୍ଦୁ।
ସନ୍ତାନ ସନ୍ତତି ସୁଖେ ମନ ତା' ବ୍ୟାକୁଳ
କଅଁଳ ପରଶେ ଥାଏ କଲ୍ୟାଣର ଜଳ ॥୬॥
ମା' ପରି କେହି ନାହିଁ ହୁଏ ବିପଦେ ସାହା
ସେଥିପାଇଁ ମା' ପରା ସଂସାରେ ଅନନ୍ୟା।
ସର୍ବଂସହା ମା" ସହେ ସକଳ ଯାତନା
ମାତୃପାଦ ବିନ୍ଦେ ସାଦା କର ହେ ବନ୍ଦନା ॥୭॥

-୦-

ଶିକ୍ଷିକା
ସରକାରୀ ମା' ସିନ୍ଦୁରାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ପାଖର

ବୋଉ

❤ ପ୍ରଗତୀ ମିଶ୍ର

ଧରିନି କେବେ ସିଲଟ ଖଡ଼ି
ଯାଇନି ଝଟଶାଳୀ
ଧରିନି ବହି ଦିଏ ଶିଖେଇ
ପାଠ ଭଳିକି ଭଳି
କୋଉ ମାସରେ କୋଉ ପରବ
ତା ଜିଭ ଅଗେ ଥାଏ।
ଭଳିକି ଭଳି ଭୋଗ ତିଆରି
ଦିଅଁଙ୍କ ଆଗେ ଥୁଏ
ଚିହ୍ନିନି ଘଣ୍ଟା ଜାଣିଚି ବେଳ
ବୈଜ୍ଞାନିକ କି ସିଏ
କେତେ ଯେ ବେଳ ହେଲାଣି ପୁଣି
ସହଜେ କହିଦିଏ
ପଢିଲା ବେଳ ଗାଧୁଆ ବେଳ
ଶୋଇବା ବେଳ ଜଣା
ଖାଇବା ବେଳେ ବଢାଇ ଦିଏ
ଘଣ୍ଟା ଚିହ୍ନିନି ଜମା
ହବକି ମେଘ କି ଉଡିଯିବ
ଦେଖିକି ଜାଣିଦିଏ
ଟାଣ ଖରାରେ ପଦାକୁ ଗଲେ
ଆକଟ କରୁଥାଏ
ରଙ୍ଗ ଦେଖିକି ନୋଅଟ ଚିହ୍ନେ
ଗଣି ଶିଖିନି ବୋଲି
କେବେ କେମିତି ଭୁଲ୍ କରେ
ବାପା ଦିଅନ୍ତି ଗାଳି
ଜଣା ହେଉକି ଅଜଣା ହେଉ
ଘରକୁ କେହି ଆସେ
ଆଦର କରି ଶୁଆଏ ତାକୁ
ପାଖରେ ଆସି ବସେ
ବରଷକରେ ଦି, ତିନି ଥର
ଭୋଜି ହୁଅଇ ଘରେ
କେଜାଣି କାହିଁ ମନ ତାହାର
ଖୁସିରେ ଭାରି ଭରେ
ବୟସ ତାର ଯାଉଛି ବଢି
ଯାଇଛି ସେଇ ବେଳ
ନାତି ନାତୁଣୀ ସଭିଏଁ ତାକୁ
ପାଆନ୍ତି ଭାରି ଭଲ
ଗାଆଁଟା ଯାକ ସଭିଏଁ ତାକୁ
ଡାକନ୍ତି ଛୁଆ ମା
ମନ ତାହାର ଭାରି ସରଳ
କଥା ତା ମନ ଛୁଆଁ
ରୋଗ ତାହାର ହୁଅଇ ଭଲ
ଘରେ ଗହଳି ହେଲେ
ଏତେ ସୁନ୍ଦର ମନଟା ତାର
ବୁଝି ହୁଏନା ତିଳେ
କିଛି ଟିକିଏ ହୋଇଲେ ଦେହ
ଛୁଆ ପରିକା ହୁଏ
ଅପରାହ୍ନ ଏ ବୟସରେ ସେ
ସଭିଙ୍କୁ ଝୁରୁଥାଏ।
ହସି ହସିକା ବାଡି ଧରି ସେ
ପାଖକୁ ଆସେ ଚାଲି
ଘରକୁ ଆମେ ପହଞ୍ଚୁ ଯେବେ
ଭାଇ ଭଉଣୀ ମିଳି
ଦାଣ୍ଡ ଦୁଆରେ ବସଇ ଯାଇ

ଧରି ତା ଆଶାବାଡି
ଘରର ମେରୁଦଣ୍ଡ ପରି ସେ
ଲାଗଇ ଆଗ ପରି
ଝଲି ଜାଣିଛି ସମୟ ସାଥେ
ଅଭିଯୋଗ ତା ନାହିଁ
ବାପାଙ୍କ ଅନ୍ତେ ସମୟ ସାଥେ
ଝଲେ ପାଦ ମିଳାଇ
ଦେଖିଲେ ତାକୁ ଲାଗେ ଯେମିତି
ଦେବୀ ପ୍ରତିମାଟିଏ
କାହା ଉପରେ ମାନ ତା ନାହିଁ
ଆଶିଷ ଢାଳି ଦିଏ
ହେ ଚଉବାହା ଗୁହାରି କରେ
ସେମିତି ହସୁଥାଉ
କିଏ ସେ ସିଏ ଜାଣିଛ କି ବା
ସିଏ ପା ଆମ ବୋଉ...

-୦-

ବୃନ୍ଦାଦେଇପୁର ଶାସନ, ଜେନାପୁର, ଯାଜପୁର

ସ୍କୁଲ ଦିନ

❤ମଧୁସ୍ମିତା ପଲାଇ

ମନେ ପଡେ ଆଜି ସେଇ ପୁରୁଣା ଦିନ
କାନ୍ଧରେ ବ୍ୟାଗ ଆଉ ଛୋଟ ଏକ ମନ
ସେଇ ଧଳା ଓ ନୀଳ ପୋଷାକ ପିନ୍ଧି
ଦୌଡୁଥିଲୁ ଆମେ ସବୁ ବନ୍ଧନକୁ ଛନ୍ଦି।
ସ୍କୁଲଗେଟ ପାଖେ ସେଇ ସାଙ୍ଗଙ୍କ ମେଳ
ପ୍ରାର୍ଥନା ସଭାରେ ସେଇ ଲୁଚକାଳି ଖେଳ।
ଶିକ୍ଷକଙ୍କ ଗାଳି ଆଉ କାନ ଧରି ଠିଆ।
ମଧ୍ୟାହ୍ନ ଭୋଜନ ବେଳେ ସମସ୍ତଙ୍କ ମିଶିକରି ଖିଆ
ବ୍ଲାକ୍ ବୋର୍ଡ ଉପରେ ସେଇ ଚକ୍ ଖଡିର ଗାର।
ଶେଷ ଘଣ୍ଟି ବାଜିଲେ ବହୁତ ଖୁସି ଆମର।
ବର୍ଷାରେ ଭିଜି ଭିଜି ଘରକୁ ସେ ଫେରିବା
କାଗଜ ଡଙ୍ଗାକୁ ସେ ପାଣିରେ ଭସାଇବା।
ଆଜି ସେଇ ସମୟ ସବୁ ସ୍ମୃତି ହୋଇଗଲା।
ବଡ ହେବା ନିଶାରେ ସବୁ ପଛରେ ରହିଗଲା।
କାଶ ପୁଣି ଥରେ ସେଇଦିନ ଫେରିଆସନ୍ତା
ସେଇ ସରଳ ପିଲାଦିନ ପୁଣି ଜୀଇଁଉଠନ୍ତା।

-୦-

ଅଷ୍ଟମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଜେନାପୁର

ଜଳ

❤ କଲ୍ୟାଣୀ ସ୍ୱାଇଁ

ଜଳ କେତେ ଅମୂଲ୍ୟ
ବୁଝ ତାର ମୂଲ୍ୟ
ଜଳ ଦିଏ ଜୀବନ ଜଳ ହିଁ ପ୍ରକୃତ ଧଳ
ଜଳ ଶୋଷ ମେଣ୍ଟାଏ।
ଜଳ ଅମୃତ ଟିଏ।
ପଶୁ ପକ୍ଷୀ ମଣିଷ। ସଭିଙ୍କୁ ସେ ଶାନ୍ତି ଦିଏ।
ନଦୀରୁ ସେ ଆସେ।
ସାଗରେ ମିଶିଯାଏ।
ବର୍ଷା ସହିତ ଆସେ। ଆମ ମନ ଜିଣିନିଏ।
ଜଳ ବଞ୍ଚାଅ ଭାଇ
କରନ୍ତୁ ନାହିଁ ନଷ୍ଟ
ଜଳ ନଥିଲେ ଆମ ଜୀବନ ରହିବା କଷ୍ଟ
ଜଳ ବଞ୍ଚେଇ ହେବ।
ବନେଇ ହେବ ନାହିଁ
ଜଳ ମାଟିର ଗର୍ବ କେହି ଭୁଲିବ ନାହିଁ।
ନ-ସଞ୍ଚିଲେ ଜଳ
ଆଉ କିଛି ନଥିବ
ଭବିଷ୍ୟତ ରେ ସବୁ ଜଳ ଜଳ ଚିଲେଇବା
ଜଳ ହିଁ ଜୀବନ।

-୦-

ଅଷ୍ଟମ ଶ୍ରେଣୀ
ସରକାରୀ ମା' ସିନ୍ଦୁରାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ପାଖର

ଉତ୍କଳ ମାଟି

❤ ଅଭୀପ୍ସା ଶତପଥୀ

ଅସ୍ମାକଂ ପ୍ରାନ୍ତଃ ଉତ୍କଳଭୂମିଃ ଅସ୍ତି।
ଏତାବତା ବୈଭବାନାମ୍ ସା ମୌନସାକ୍ଷୀ ଅସ୍ତି ।।୧।।
କୋଣାର୍କ ନଗରସ୍ୟ ତତ୍ ସୂର୍ଯ୍ୟମନ୍ଦିରମ୍।
ବୀରସ୍ୟ ଯୋଦ୍ଧାୟାଃ ଗୁଣାଃ ।।୨।।
ମନ୍ଦିର ମାଳିନୀ ଭୁବନେଶ୍ୱର
ଲିଙ୍ଗରାଜ ତଥା ଜୈନ ମନ୍ଦିର ।।୩।।
ଖଣ୍ଡଗିରି ଗୁମ୍ଫା ଭଗ୍ନାବଶେଷ।
ଖାରବେଳ କୀର୍ତ୍ତିଗୀତ ଗାୟନମ୍।୪।
ଜଗତ ନାଥଃ ଶ୍ରୀକ୍ଷେତ୍ରେ ଅସ୍ତି
ଓଡିଆଜନାନାମ୍ ସାହସମ୍ ।।୫।।
ଓଡିଆ ସଂସ୍କୃତି ତସ୍ୟାଃ ପରମ୍ପରାଃଚ
ପୁରୁବ ଗୌରବଃ ସର୍ବେଷାଂ ଜ୍ଞାୟତେ ।।୬।।
ଅୟଂ ମୃଦାପୁତ୍ରଃ ମହାପୁରୁଷଃ ଅସ୍ତି
ତସ୍ୟ ହସ୍ତସ୍ପର୍ଶେନ ନିର୍ମିତଃ ପ୍ରାନ୍ତଃ ।।୭।।

-୦-

ସ୍ନାତକୋତ୍ତର ପ୍ରଥମ ବର୍ଷୀୟା ଛାତ୍ରୀ
ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

ସମୟ

● ବିଦୁସ୍ମିତା ରାଉତ

ଆଦିମ କାଳରୁ ତୋର ଆଦେଶ
ସୂର୍ଯ୍ୟ ହୁଏ ସିନା ଅସ୍ତ ।
ଦେବତା ହେଉ କି ହେଉ ସେ ମାନବ
ସବୁ ତୋ ପାଖେ ଦାସ ।
ବିରହ ନିଆଁରେ କାହାକୁ ଜଳୁଛୁ
କାହାକୁ ଦେଉଛୁ ଶାନ୍ତି ।
ଜନ୍ମମୃତ୍ୟୁ ସବୁ ତୋରି ହାତରେ
ତୋ ବିନା ନାହିଁ ଗତି ।
ଟିକି ଟିକି ହେଇ ବାଜୁଥାଇ ସଦା
କାହାକୁ ନ କରି ଭୟ ।
ନିୟତି ନୁହେଁ ତୋର ଅପେକ୍ଷା
ସବୁଠୁ ବଡ ତୁ ସମୟ ।

-୦-

ନବମ ଶ୍ରେଣୀ
ଗୁରୁକୁଳ ଉଚ୍ଚ ବିଦ୍ୟାଳୟ, ସିଂହାପୁର



ଶିଶୁ କବିତା

● ଶ୍ରୀମତୀ ପ୍ରମିଳା ଭଂଜ

କାନ୍ଦେନା ଲୋ କାନ୍ଦେନା ଲୋ
ମୋ ସୁନା କଣ୍ଢେଇ
ସରଗ ଝନ୍ଦ ଆଣିବି ତୋଳି
ତୋ ପାଇଁ ଧନ ମୁହିଁ ।
ଆଖିରୁ ତୋର ମୁକୁତା ଧାର
ଯାଉଛି କାହିଁ ବହି
ସହି ପାରେନା ତୋ ଆଖିରେ ଲୁହ
ମା' ଲୋ ତୋର ହୋଇ
ସରଗ ତାରା ଲୋଟଣି ପାରା
ଧନ ଲୋ ମୋର ତୁହିଁ
ତୋ ମନେ କଷ୍ଟ ଦେଖିଲୋ ଧନ
ସହି ପାରେନା ମୁହିଁ ।
ତୋ ଆଖିର ଲୁହ ମୋ ମନେ କୋହ
ସାଜେ ଲୋ ତୋ ପାଇଁ
ଜୀବନ ଧନ ଜୀବଜୀବନ
ଧନ ଲୋ ମୋର ତୁହିଁ
ସରଗ ଚାନ୍ଦ ପଡିଛୁ ଖସି
ମୋ ହାତେ ଧନ ଆସି
ସାରା ଜୀବନ ତୋ ମନେ ଖୁସି
ଦେଖୁଥାଏ ମୁଁ ହସି
ଜଗତନାଥ ହେ ଜଗନ୍ନାଥ
ତୋତେ କରନ୍ତୁ ଯଶସ୍ୱୀ...

-୦-

ଚଉଷଠିପଡା ଗଡ଼, ଯାଜପୁର
୯୯୩୮୮୦୮୬୩୩

ନାରୀ

● ସୋଫିଆ ଓଝା

ନାରୀଟିଏ ଅଟେ ଦୁଃଖର ବାରିଣୀ
ପାପ ଓ ପୁଣ୍ୟ ଦୋଛକିରେ କାହାଣୀ।
ନାରୀ ନୁହେଁ କାହା ହାତର ଖେଳନା
ନାରୀ ସହ ଲାଗି ନରର ଗଢଣା।
ନାରୀ ଠାରୁ ପରା ସୃଷ୍ଟିର ଆରମ୍ଭ
ନାରୀ ବିନା ଏ ସୃଷ୍ଟି ଅସମ୍ଭବ
ଅବଳା ନୁହେଁ ସେ ଦର୍ପବାରିଣୀ
ନାରୀ ନାରାୟଣୀ ମହିଷା ମର୍ଦ୍ଦିନୀ
ସୀତା ସାବିତ୍ରୀଙ୍କ ସତୀତ୍ୱ
ଅହଲ୍ୟା ସାଜି ଅଭିଶପ୍ତ।
କେବେ ସେ ଭଉଣୀ, ପତ୍ନୀ ତ କେବେ ପୁଣି ମା'
ଅପମାନ ବେଳେ ସାଜି ସେ ପାଞ୍ଚାଳୀ ରୂପରେ ନିଆଁ।
ସେବା ମମତାର ପ୍ରତିମୂର୍ତ୍ତି ସାଜି
କାର୍ଯ୍ୟ କେତେ କରେ ନାରୀ
କେତେ ତା ଜୀବନ ହୁଏ ହୀନମାନ
ପିଲାଟି ବେଳରୁ ଭୃଣ ହତ୍ୟା ତା' ପାପ କରି।
ପୁରୁଷର ପଣବନ୍ଦୀ ହୋଇ ଆଜି
ନିର୍ଯ୍ୟାତନା ବୋଝ ବୋହି
ଆଦିମ ଯୁଗରୁ ଆବୋରି ନେଇଛି।
କାହା ପାଦତଳେ ଫୁଲର ପାଖୁଡା ହୋଇ
କଳଙ୍କିତ ଏହି ପୁରୁଷ ସମାଜ
ନାରୀ ବିନା ଏଠି ସୃଷ୍ଟି ଅସମ୍ଭବ
ଏ ସମାଜ ଆଜି ଦୁହିତା ଅଟଇ
କଳୁଷିତ ଏହି ଭାରତ ଭୂଇଁ।

-୦-

+୩ ଶେଷବର୍ଷ (ଓଡିଆ ବିଭାଗ)
ଜେନାପୁର ଡିଗ୍ରୀ ମହାବିଦ୍ୟାଳୟ,
ଜେନାପୁର, ଯାଜପୁର

ପରମାଣୁ

● ରଂଜନ କୁମାର ବେହେରା

ମୁଁ ପରମାଣୁ
ଅଣୁ ବିଘଟନରେ ସୃଷ୍ଟି
କାଳରୁ ମହାକାଳ
ସୃଷ୍ଟିରୁ ମହାପ୍ରଳୟ
ଶୂନ୍ୟରୁ ମହାଶୂନ୍ୟ ପରିବ୍ୟାପ୍ତି,
ବିନ୍ଦୁଏ ରୁ ସିନ୍ଧୁ
ଜ୍ଞାନଲବ୍ଧ ମଣିଷ
ବିଜ୍ଞାନର ଉତ୍କର୍ଷ ଉଦ୍ଭାବନ ଅପବ୍ୟବହାର
ହିରୋସିମା, ନାଗାସାକି
ଇତିହାସେ ମୂକସାକ୍ଷୀ
ବିଧ୍ୱଂସ ପାଉଁଶ ତଳେ
ମାନବ ସଭ୍ୟତାର ଅନ୍ତିମ ସ୍ପନ୍ଦନ
ମହାପ୍ରଳୟର ପଦ ଧ୍ୱନୀ
ୟୁରାନିୟମ, ଥୋରିୟମ
ରାସୟନିକ ବିକିରଣ
ବିଚ୍ଛୁରିତ ତେଜ ପୁଞ୍ଜ
କପୋରନିକ୍ସରୁ ଡାଲଟନ
ଗାଲିଲିଓ ରୁ ଆଇନଷ୍ଟାଇନ
ମହାଜାଗତିକ
ବିଶ୍ୱରୂପ ଦର୍ଶନ ଆଭାସ
ଆତ୍ମପ୍ରଲୁବ୍ଧ ମଣିଷ
ଜୀବନ କଣିକା ସଂଧାନେ
ବିଶ୍ୱ ଅନ୍ତସ୍ଥଳ ଚିରି
ବିଜ୍ଞାନର ପରୀକ୍ଷା ନିରୀକ୍ଷା
ଭୌତିକତା ମହାସମରେ
ଜୀବନ ମହାଯାତ୍ରାରେ
ବିନାଶର ଅନ୍ତିମ ଦର୍ଶନ।

-୦-

କୁନ୍ଦୁରା, କୋରାପୁଟ, ପିନ୍-୭୬୪୦୦୨

ମୁଁ ତୁମ ଜୀବନ ସାଥୀ

● ସମିନା ଲେଙ୍କା

ବନ୍ଧୁ ରୂପରେ ମୁଁ ପାଇଲି ଯାହାଙ୍କୁ
ସିଏ ମୋ ଜୀବନ ସାଥି
ସାଥେ ଚଲୁଚଲୁ ଛାଡିଦେଲେ ହାତ
ଝୁରୁଥିବି ଦିନ ରାତି
ଚାହିଁ ବସିଛି ମୁଁ ତୁମରି ବାଟକୁ
କେବେ ଆସି ପହଞ୍ଚିବ।
ସାତ ନଇ ତେର ଦରିଆ ଡେଇଁରେ
ମତେ ଆସି ନେଇ ଯିବ।
ଭଲ ପାଉଛି ମୁଁ ତୁମକୁ ସାଥିରେ
ଦେବ ନାହିଁ କେବେ ଧୋକା
କେତେ ସ୍ୱପ୍ନ ବସି ଦେଖୁଛି ସାଥିରେ
କରିବନି କେବେ ଏକା।
ଭଲ ପାଉଛି ମୁଁ ଭଲ ପାଉଥିବି
ଭୁଲିଯିବି ନାହିଁ କେବେ
ତୁମ କଥା ମାନି ଚଲୁଥିବି ବାଟ
ଯାହା କୋହୁଥିବ ଯେବେ।
ମୁଁ ଜାଣିଛି ତୁମେ ଟିକେ ଅମାନିଆଁ
ଟିକିଏ ଅବୁଝା ସତେ
ଜାଣିଶୁଣି ତାଙ୍କୁ ରଗାଉ ଥାଏ ମୁଁ
ମଜା ଲାଗୁଥାଏ କେତେ।
କଟୁକଥା କେବେ କହିବନି ସାଥୀ
ସହି ପାରିବିନି ଜମା
ଯେତେ ଭୁଲ କଲେ କହିବନି କିଛି
କହି ଦେଉଥିବା କ୍ଷମା।
ବାପା-ବୋଉ ଭାଇ, ଭଉଣୀଙ୍କ ଠାରୁ
ନଥିଲେ କେହି ନିଜର
ତୁମକୁ ପାଇମୁଁ ଜାଣିଗାଲି ସାଥି
ତୁମେ ମୋର ଆପଣାର।
କଥା ଦିଅ ସାଥି ମୋ ବାପା ଭାଇଙ୍କୁ
ତୁମେ ଯେ ମନେଇ ନବ,
ରାଜି ନ ହେଲେ ସେ ବାହା ମୁଁ ହେବିନି
ମୋ ମଲା ମୁହଁ ଦେଖିବ।
ନୁହେଁ ମୁଁ ଅପସରା ନୁହେଁ ମୁଁ ମୋହିନୀ
ନୁହେଁ ମୁଁ ରମ୍ଭା-ମେନକା
ତୁମ ବାଟ ଚାହିଁ ବସିଛି ହେ ସାଥି
ମୁଁ ଯେ ତୁମର ପ୍ରେମିକା
ବିବାହ ବନ୍ଧନେ ବାନ୍ଧି ହେବା ପରେ
ଗଢିବା ସୁନା ସଂସାର
ହସି ହସି ଲାଜେ କହି ଯାଉଥିବି
ତୁମେ ମୋର ମୁଁ ତୁମର।
ତୁମ ହାତ ଧରି ଚଲୁଥିବି ବାଟ
ଦିନ ହେଉ ଅବା ରାତି
ସାତ ଜନ୍ମ ଯାଏଁ ତୁମ ସାଥେ ଥିବି
ମୁଁ ତୁମ ଜୀବନ ସାଥି
ହଁ ମୁଁ ତୁମ ଜୀବନ ସାଥି।

-୦-

+୩ ୨ୟବର୍ଷ
ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟ
ବଳରାମପୁର, ଯାଜପୁର

ବେଇମାନୀ ପ୍ରିୟତମା

● ରଂଜନ କୁମାର ରାଉତ

ଭୁଲିଗଲ ତୁମେ ଭୁଲି ମୁଁ ପାରୁନି
ଭାବୁଛି ତମରି କଥା,
କେମିତି ପାରିଲ ଭୁଲି ତୁମେ ପ୍ରିୟା
ସବୁ ସ୍ମୃତି ସବୁ କଥା ।।୧।।
ଭଲ ପାଉଥିଲି ହୃଦୟ ଦେଇ ମୁଁ
ଭୁଲି ନାହିଁ କିଛି କଥା
ଧରିନେଲ ତୁମେ ଆଉ କାହା ହାତ
ଚାଲୁଛି ମୁଁ ଏକା ଏକା ।।୨।।
କଥା ଦେଇଥିଲ ସାଥୀ ହେବା ଆମେ
ପ୍ରେମ ରହିଥିବା ସଦା
ରହିଗଲା ପ୍ରେମ ଅଧା ଅଧୁରା ଲେ।
ହେଲା ନାହିଁ ଶେଷ ଦେଖା ।୩।
ଆଉ କାହା ହାତ କେମିତି ଧରିଲ
ଥରେ କାହା ହାତ କେମିତି ଧରିଲ
ଥରେ ଚାହିଁଲନି ବୁଲି
ସରିଗଲା ଦିନ ପାହି ଗଲା ରାତି
ତୁମ କଥା ଭାବି ଭାବି ।। ୪।।
ଚାଲିଗଲ ତୁମେ ଆଉ କାହା ସହ
ହୃଦୟକୁ ମୋର ଭାଙ୍ଗି
ଏକା ଏକା ମୁଁ ତୁମ ସ୍ମୃତି ପଥେ
ବୁଜିଦେଲି ମୋର ଆଖି ।।୫।।
କଥା ଦେଉଥିଲ ରହିବ ମୋ ସାଥେ
କରିବନି କେବେ ଏକା ।
ଗୋଲାପ ଫୁଲରେ ତୁମ ଶେଯ ସଜା
କଣ୍ଟା କୋକେଇ ମୋ ସଜା
କଣ୍ଟା କୋକେଇ ମୋ ସଜା ।।୬।।
ଭୁଲିଗଲ ତୁମେ ଭୁଲି ମୁଁ ପାରୁନି
ଭାବୁଛି ତମରି କଥା, ଭାବୁଛି ତମରି କଥା ।

-୦-

ଶ୍ୟାମସୁନ୍ଦରପୁର, ଯାଜପୁର

ଅଧୁରା କବିତାଟିଏ ଜୀବନ

● ପ୍ରଣିତା ପଣ୍ଡା

ଅଧୁରା ଲେଖା ଏ କବିତା
ମଣିଷ ଜୀବନର ଗାଥା
କିଛି ପଦ ଲେଖାଯାଇଛି
କିଛି ଅଧୁରା ରହି ଯାଇଛି ।
ଜୀବନର ପ୍ରଥମ ପୃଷ୍ଠାରେ
ନିର୍ମଳ ଶବ୍ଦର ହସ
ଶିଶୁ କାଳର ସରଳତା
ଯହିଁରେ ନଥାଏ କିଛି ରୋଷ
ସମୟ ଯେବେ ବଢେ ।
ପଦରେ ଆସେ ସଂଶୋଧନ
କିଛି ଶବ୍ଦ କଟିଯାଏ ।
କିଛି ଭାବନା ରହିଯାଏ ଅକ୍ଷୁର୍ଣ୍ଣ
ଆଶା ହେଉଛି ଅଧାଲେଖା ପଙ୍କ୍ତି
ଅଧୁରା ଅନୁଚ୍ଛେଦ ଅଟେ ସପନ
ଚେଷ୍ଟା କରେ କରିବାକୁ ପୂରଣ
ପ୍ରତିଦିନ, ପ୍ରତିକ୍ଷଣ
କେବେ ହସରେ ଶବ୍ଦ ମିଳେ
କେବେ ଲୁହରେ ଅର୍ଥ ଖୋଜିବାକୁ ପଡେ
କେବେ ଆମେ ନିଜେ ଲେଖକ
ସଫଳତା ତାର ସୁନ୍ଦର ଉପମା
ଛାନ୍ଦ ହେଉଛି ତ୍ରୁଟି
ବିଫଳତା ତାର ଅନ୍ଧାର ରାଗ
ପଦରେ ନିଏ ସାଉଁଟି
ଅଦୃଶ୍ୟ ରହିଯାଏ କବିତା
ଆରମ୍ଭ ହୁଏ ଆଉ ଏକ ଗାଥା

-୦-

ଧର୍ମଶାଳା, ଯାଜପୁର
୭୮୫୮୮୦୨୭୫

ପରଖି ନିଅ

● ପ୍ରଫୁଲ୍ଲ କୁମାର ଦାଶ

ରାତି ନ ପାହୁଣୁ ଛାଡିବ ଶେଯ
ସକାଳ କାମ ସାରିବ ନିଜ
ପୁରୁବ ଦିଗକୁ ମୁହଁ କରିବ, ହାତ ଯୋଡିବ, ସୁରୁଜ ଦେବଙ୍କୁ 'ନମ' କରିବ।
ନିଶ୍ଚେ ପାରିବ, ଗାୟତ୍ରୀ ମନ୍ତ୍ରକୁ କିଛି ଜପିବ
ଗୁରୁଜନ ପାଦ ସ୍ପର୍ଶ କରିବ
ଗତକାଲି କଲା ଭୁଲ ଠିକ୍ ଧୀରେ ମାନିବ ଅଳ୍ପ ଚାଲିବ।
ଯାହା ଘରେ ଥିବ ତାକୁ ଖାଇବ
ବହି ପତରରୁ ସଜାଇ ଧରି ସ୍କୁଲ ଚାଲିବ
ଗୁରୁ ଗୁରୁମା'ଙ୍କୁ ପ୍ରଣାମ ଜଣାଇ ପ୍ରାର୍ଥନା କରି ପାଠ ପଢିବ।
ମନଦେଇ ସବୁ ମନେରଖିବ
ବୁଝି ନ ପାରିଲେ ପଚାରି ନେବ
ଖେଳ କଉତୁଳ ସବୁ କରିବ, ଶୃଙ୍ଖଳା ମାନିଲେ ସବୁ ପାରିବ।
ଘରକୁ ଆସି, ମା'ଙ୍କ ପାଖରେ ଟିକିଏ ବସି
ପଢା ଯାହାହେଲା କ'ଣ ଶିଖିଲ ଅଳପ ହସି
ସବୁ କହିବ ନିଜେ ବାଢିଆଣି ନିଜେ ଖାଇବ, ବାସନକୁସନ ନିଜେ ଧୋଇବ।।
ଉପରବେଳା ବାଡ଼ିକୁ ଯିବ
ଫୁଲ ବଗିଚାରେ ପାଣି ବି ଦେବ
ଯେଉଁ ମଞ୍ଜି ଥିବ ମାଟି ଖୋଳି ପୋତି କିମିତି ବଢୁଛି ନିତି ଦେଖିବ।
ସଞ୍ଜ ହେଲେ ମା' ସରସ୍ୱତୀ
ଗଣେଶ ଠାକୁରେ ଲଗାଇ ମତି
କହିବ ଠାକୁରେ, ମୁଁ ପିଲା ଲୋକ କିଛି ଜାଣି ନାହିଁ ଚପଳ ମତି।
ଦିଅ ଆଶିଷ, ହେବି ଭବିଷ୍ୟତେ ଭଲ ମଣିଷ
ରଖିବି ଦେଶ ନ ଧରିବି ମନେ କାହାର ରୋଷ
ମୁହଁରେ ଫୁଟାଅ ଚିର ହରସ, ଅନ୍ତରେ ଭର ସତ୍ ସାହାସ୍।
ଆମେ ପିଲାମାନେ ସରଗ ଶଶୀ
ବିଦେଶୀ ଶତ୍ରୁଙ୍କୁ ଯିବାକୁ ଖସି
ଆମ ମାଟି ପାଣି ଗୀତା ଭାଗବତ ସବୁ ଦିନେ ପଢି ଭାବିବୁ ବସି।
ଆମେ ପୁଅ ଝିଅ ସବୁ ସନ୍ତାନ
ଗୋଟିଏ ଦେଶର ସବୁ ଯବାନ
ମରିବୁ ପଛକେ, ପଛ ଘୁଞ୍ଚା ନାହିଁ ଦେଶ ଯଶ ପାଇଁ କରିଛୁ ପଣ।

-୦-

ଗ୍ରାମ-ଭୁବନ, ପୋଷ୍ଟ-ଧର୍ମଶାଳା, ଜି-ଯାଜପୁର
ମୋ-୮୬୬୩୧୧୫୫୯୬

ଏକ ଉତ୍ତପ୍ତ ମଧ୍ୟାହ୍ନର ସରଳାର୍ଥ

● ଡକ୍ଟର ଅରୁଣ କୁମାର ଦାଶ

ରାସ୍ତାଟା ବତୁରୁ ଥିଲା
ଗରମ ତାତିରେ
ଏଇ ଏଇ ସ୍ୱେଦସ୍ନାନ
ଅସହ୍ୟ ଗ୍ରୀଷ୍ମର
ଉତ୍ତାପରେ
ଯୋଉଠି ଏବେ ସୂର୍ଯ୍ୟ
କିରଣ ନୁହେଁ ଅଗ୍ନିର
ଦହନରେ ସେକି ହେଉଛନ୍ତି ।
ଚଉଡା ରାସ୍ତାର ପିଠି
ଏବେ ଗଛମାନେ
ମୃଦାର ମଣିଷ ପାଇଁ
ଆଉ ନା ଲାଗୁଛି ବୃକ୍ଷ
ନା ଯତ୍ନ ନେଉଛି ମଣିଷ
ସମସ୍ତେ ଏକ କୃତ୍ରିମ
ମାୟା ଜାଲରେ ବନ୍ଧା
ଗଛ ପାଇଁ
କେହି କଣ ଲୁହ ଗଡଉଛି
ମଧ୍ୟାହ୍ନର ଭୟାନକ ଗଣ
ମୋ ଛାତି ଭିତରେ
ଦଲକାଏ ଗରମ ପବନ
ଓଃ ଏବେ
ମଧ୍ୟାହ୍ନର ଆହୁରି ଭୟାଙ୍କର ରୂପ
ତାତିଲା କଡେଇରେ
ପଚା ମାଛର ଦୁର୍ଗନ୍ଧ ପରି
ମଣିଷର ପଚା ଗନ୍ଧ
ମଣିଷ ବି ଛଟପଟ
ରାସ୍ତା ବଢୁଛି
ଧୂଆଁର ଘେରା ବି
ସହରର ପେଟ ଫୁଲୁଛି
ମଣିଷ ଅଣ ନିଃଶ୍ୱାସୀ
ମଣିଷ ଅବିଶ୍ୱାସୀ
ମଣିଷର ପଟୁଆର
ମରଣ ପାଇଁ
ଏଇ ଏବେ ରୋଗରେ
ଗ୍ରୀଷ୍ମ ଦାହରେ
ଅଂଶୁଘାତରେ
ନିଶ୍ୱାସର ଧୋକାରେ
ଗୁଡାଏ ବିଷର ପ୍ରକ୍ରିୟାକରଣରେ
ଟଙ୍କା କଣ ଏହା ବୁଝେ
କଂକ୍ରିଟ ସହରର
କଣ ହୃଦୟ ଅଛି
ହୃଦୟତ ମଣିଷର
ବେଳେ ବେଳେ
ହୃଦୟ ଗଛ ପାଖରେ ଥାଏ
ଫୁଲ ଦେଇ ହସୁ ଥାଏ
ଛାଇ ଦେଇ ତୃପ୍ତି ପାଏ
ପତ୍ରରେ ସଂତୃପ୍ତି ଥାଏ
ସାହାରାରେ ତ୍ୟାଗ
ମହନୀୟତା
ମଣିଷ କ'ଣ ବୁଝି ପାରେନା
ଏବେ ମଧ୍ୟାହ୍ନର
କଡ ଲେଉଟା ବେଳ
ଆତ୍ମାକୁ ଛୁଇଁଲା
ଚିଲିକା କୁଳିଆ ଗାଁ ମୋର
ମାଟିରେ ଚନ୍ଦନ ଭାବ

ପବନ ଅମୃତ
ମଧ୍ୟାହ୍ନର ସରଳାର୍ଥରେ
ଜୀବନ କବିତା
ଏଇ କେଇ ଅଂଶ...
ବାଇଆ ମନ ତୁଚ୍ଛାଟାରେ
କରୁଛୁ ନାଟ
କି ଘେନି ଯିବୁ ଧନ

ଛୁଟିଲେ ଘଟ
ହାଡ଼ ମାଉଁସ ଦେହେ
କରୁ ବଡ଼ାଇ
ଛାଡି ଗଲେ ପିଣ୍ଡୁ ପ୍ରାଣ
ମଶାଣୀରେ ବାଇ ମନ
ଦେବେ ଗଡାଇ

-୦-

ଜବାହାର ନବୋଦୟ ବିଦ୍ୟାଳୟ
ପାଣିକୋଇଲି, ଯାଜପୁର

ମନ ତଳର ନିଆଁ

● ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

ହାରିବିନି ଜୀବନରେ ପଣ କରିଥିଲି
ତା ମୋ ସମ୍ପର୍କରେ ବାର ବାର ହାରିଲି
ନଈ କ'ଣ ସମୁଦ୍ରଠେ ପଣ କରିପାରେ
ଗଢି ହେବା ନିଶା ମୋତେ
ବାର ବାର ଭାଙ୍ଗେ ॥
ଲୁହ କେବେ ବୋହିବନି ରାଣ ଦେଇଥିଲି
ସମୁଦ୍ର କୂଳରେ ଯିଏ ଘରଟିଏ ଗଢେ
ଲୁଣି ପାଣି ପିଇ ସିଏ ଶୋଷ ତା' ମେଣ୍ଟାଏ ॥
ଭାବିଥିଲି ପ୍ରେମ ମୋର ବାଲିଘର ନୁହେଁ
ବାଲିଘର ଠାରୁ ଆଜି ଅଧିକ ଯେ ଭାଙ୍ଗେ ॥
ସବୁ ସ୍ୱପ୍ନ ସତ ହେବ
ମନେ ଭାବୁଥିଲି
ସ୍ୱପ୍ନ ସବୁ ଭାଙ୍ଗିଗଲା
ସତକୁ ଧରାଇ ।
ହସ ମୋର ଭାରି ପ୍ରିୟ
ପିଲାଟି ଦିନରୁ
ବଡ ହେଲା ପରେ ଆଉ
ଭେଟିନି ହସକୁ ।

ଭଙ୍ଗା ମନ ଗଢି ହେବା
ସହଜ ନୁହଁଇ
ଭାଙ୍ଗିଥିବା ସମାଜ ଯେ
ଆଜି ଗଢିବା ଶିଖାଏ ।
ପାଦ ଆଜି ଟଳମଳ
ସ୍ୱପ୍ନ ସବୁ ଅଧା
ମନମୋର ଜଳିବାକୁ
ପାଉନି ସୁବିଧା ।
ତୁମ ପ୍ରେମ ସ୍ମୃତି ହୋଇ
ମତରେ ଭାସୁଛି
ବାର ବାର ଚାହିଁକି ବି
ଭୁଲି ମୁଁ ପାରୁନି ।
ବସା ବିନା ପକ୍ଷୀର ଯେ
ପରିଚୟ ଅଧା
ନିଆଁର ପଞ୍ଜୁରୀରେ
ମନ ମୋରବନ୍ଧା

-୦-

ସାହାସପୁର (ତୁରଙ୍ଗ)ଯାଜପୁର,
ମୋ-୬୩୭ ୧୯୩୭୮୮୪


ବାପା

● ଦେବେନ୍ଦ୍ର ପ୍ରସାଦ ବଳ

ଏଇ ତ ଏବେ ଏବେ
ଆକାଶରୁ ଝରି ପଡିଛି
କେଇ ବୁନ୍ଦା ଲୁହ
କେହିଦେଖିବା ପୂର୍ବରୁ
ଶୁଖିଯାଇଛି ସେ ପୃଥିବୀର
ଉତ୍ତପ୍ତ ବକ୍ଷରେ
ଛାଡି ଯାଇଛି କିଛି ଚିହ୍ନ
ତ୍ୟାଗ ଆଉ ବଳିଦାନ ର
ଚାହିଁ ଦେଖିଲି ଆକାଶକୁ
ଚିକ୍ ମିକ୍ ମାରୁଥିବା ବିଜୁଳି ଭିତରେ
ବାପାଙ୍କର ମଳିନ ମୁଖକୁ
ମୁଁ ଏବେ ବାପା ହେଲା ପରେ
ବୁଝି ପାରୁଥିଲି
ତାଙ୍କର କୋହକୁ ତ୍ୟାଗ କୁ
କେବେ ବି ପ୍ରକାଶ କରୁ ନଥିବା ଭଲ ପାଇବାକୁ
ଆଉ ଦେଖି ପାରୁଥିଲି
ଘନ ଅନ୍ଧାର ଭିତରେ
ସନ୍ତାନମାନଙ୍କ ପାଇଁ
ବାପାଙ୍କ ଆଖିର ଲୁହ କୁ

-୦-

ଓଡିଶା ପ୍ରଶାସନିକ ସେବା



ପ୍ରେମ ଏକ ଅଦୃଶ୍ୟ ସୂତା

● ସୁଜିତ କୁମାର ନାଏକ

ମୁଁ ଏକ ନିରବ ଦୀପ
ତୁମେ ଚଗଲା ପବନ
ମୋ ଜ୍ୱାଳାକୁ ଛୁଇଁ
କେବେ କମ୍ପାଅ, କେବେ ରକ୍ଷା କର।
ତୁମେ ହେଉଛି ଏକ ନଦୀ
ମୁଁ ତାର ଶୂନ୍ୟ କୂଳ
ତୁମ ସ୍ପର୍ଶରେ ମୋ ନିର୍ଜନତା
ପାଏ ଜୀବନର ଫୁଲ।
ତୁମେ ଏକ ଆକାଶ
ମୁଁ ଏକ ଉଡୁଥିବା ପକ୍ଷୀ
ତୁମ ଅସୀମତାରେ ମୋ ସ୍ୱପ୍ନ
ପାଏ ତାର ମୁକ୍ତ ଦିଗନ୍ତର ଦିଶି।
କେବେ ତୁମେ ଝଡ
ମୁଁ ଭାଙ୍ଗୁଥିବା ଶାଖା
ତଥାପି ସେଇ ବିୟୋଗରେ ମଧ୍ୟ
ଲୁଚିଥାଏ ନୂଆ ଆଶା।
ପ୍ରେମ ହେଉଛି
ନା ଦୀପ, ନା ପବନ
ନା ନଦୀ, ନା କୂଳ
ଏହା ସେଇ ଅଦୃଶ୍ୟ ସୂତା
ଯାହା ବାନ୍ଧି ରଖେ ଦୁଇଟି ଆତ୍ମାକୁ
ନିରବ, ଅନନ୍ତ ଓ ଅକ୍ଷୟ ଭାବରେ।

-୦-

ଭୁବନପୁର, ଢେଙ୍କାନାଳ

ଧାନ କେଣ୍ଡାର ସ୍ୱପ୍ନ

● ସୁହାନୀ ରାଉତ

ବାଳ ସୂର୍ଯ୍ୟ ପ୍ରାୟ ସ୍ୱର୍ଣ୍ଣିମ ଦେହକୁ
ବହି ଝୁଲୁଥାଏ ଚାଷୀ ନିଃଶ୍ୱାସେ
ଦିନେ ବଞ୍ଚାଇବ ଚାଷୀ ଜୀବନ
ବଢୁଥାଏ ରହି ସେହି ବିଶ୍ୱାସେ ।।୧।।
ଧାନ କେଣ୍ଡା ହୋଇ ଜନମ ଲଭିଛି
ହୃଦୟ ମନୁଷ୍ୟ ଠାରୁ ଯେ ବଳୀ
ସ୍ୱପ୍ନ ସେ ଦେଖୁଛି ପୁଣି ରାମରାଜ୍ୟ
ଭୁଲିଯାଇଛି ଯେ ଯୁଗ ଏ କଳି ।।୨।।
ଦେଖୁ ନାହିଁ ସିଏ ସାଥୀ ଧାନ ଗଣ
ଦେଖୁଛି ଲକ୍ଷ ଲକ୍ଷ ଚାଷୀ ଶବ,
ଯଦି ବଢିବାରେ ଅନ୍ୟାୟ ଏପରି
ଅନ୍ନ ବିନୁ ଶବେ ପୂରିବ ଭବ ।।୩।।
ନିଜ ଦେହ ବିକି ଦେବାକୁ ପ୍ରସ୍ତୁତ
ଶୁଝିବାକୁ ସିଏ ଚାଷୀର ଋଣ
ହେଲେ ଜାଣେନା ସେ ପାପୀମାନଙ୍କର
ବଜାରରେ ଚାଲେ କାମ ଯେ ଘୁଣ୍ୟ ।।୪।।
ଇଚ୍ଛା ତାର ଖାଲି ନ କାନ୍ଦୁ କେହି
ଧରି ହାତେ ତାର ଶରୀର ଖଣ୍ଡ
କଳାବଜାରୀଙ୍କ ବିଚାର ଯେ ହେଉ
ପାଉ ଅସଲ ଦୋଷୀ ଯେ ଦଣ୍ଡ ।।୫।।



ପ୍ରଶ୍ନ କରେ ସିଏ ପ୍ରତି ଓଡିଆଙ୍କୁ
କହୁଛ ପରା ମୋତେରେ ସ୍ୱର୍ଣ୍ଣ ।
ମୋ ଜୀବନ କାରଣ ଆଜି ମ୍ରିୟମାଣ
ହତ୍ୟା ହୁଏ ତାର ହୋଇ ଅଧିକାର ଛିନ୍ନ ।।୬।।
ସ୍ୱପ୍ନ ତା ଏତିକି ପାଉ ସେ ଶକତି
ଚାଷୀ ବି ବଞ୍ଚନ୍ତୁ ତା ପାଇଁ ସୁଖେ
କରି ତାକୁ ସୃଷ୍ଟି କରି ଅଳ୍ପ ବୃଷ୍ଟି
ଚାଷୀ ନ ଶୁଣୁ ଗରିବ କାହା ମୁଖେ ।।୭।।
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଗୀତ ହୋଇ ଖାଲି ନ ପାଉ ସ୍ଥାନ
ପ୍ରାଣ ଯିଏ ଦିଏ ଗରିବ ସେ ହୁଏ
କଳାବଜାରୀ ଠୁଁ ହଟାଅ ମନ ।।୮।।
ସପନ ପୂରିବ ଦିନେ ସେ ଦେଖିବ
ଚାଷୀ ବି ସାଜିବ ଯେ ବଡ ଲୋକ
କୃପା ଦେବେ ପ୍ରଭୁ ଲୁଚାଏ ଯେ ସବୁ
ପର ପେଟ ଭରେ ମାରି ଭୋକ ।।୯।।
ଧାନ କେଣ୍ଡା ନୁହେଁ ଚଷୀଭାଇର ଯେ
ସନ୍ତାନ ସାଜି ସେ କରେ ଗୁହାରି
ସପନ ତାହାର ନ ହେଉ ଯେ ଦୂର
ମତି ସୁଧାରନ୍ତୁ ପ୍ରଭୁ ସବୁରି ।।୧୦।।

-୦-

କେଶପୁର ବଜାର
କେନ୍ଦ୍ରାପଡା

ଯୁଦ୍ଧ କାହିଁକି ?

● ହେମଲତା ଜେନା

ପରିବେଶ ଜୁର ଦୁର୍ବିସହ ଜୀବ
ବସ୍ତୁବାଦ ହରେ ମଣିଷ ସ୍ୱଭାବ
ଯୁଦ୍ଧମୁହାଁ ଏବେ ମାନବର ନୀତି
ସର୍ବଜୀବଙ୍କର ନଥାଏ ସମ୍ମତି
ମଣିଷ ମଡ଼କ ଗଣା ହେଉଅଛି
ମୂକଙ୍କର ଶବ କେହି ନ ଦେଖୁଛି
ବଂଶ, ବାସହରା ସେ ହେଉଛନ୍ତି
ସଭ୍ୟମାନବ କି ପାରେ ଏହା ଚିନ୍ତି ?
ବଣ ପାହାଡ ଓ ନଦନଦୀ ଧାର
ନ ନିଏ ମାନବ ଅନୁମତି କା'ର
ହିସାବ ରଖିଛୁ ଉଦ୍‌ଜାନ ବୋମାର
ଗଣତିନ ହୁଏ ନିରସ୍ତ୍ର ଜୀବର।
ନଦୀ ପକ୍ଷୀ ଏଠି ଭଲ ସମ୍ପର୍କରେ
ଦେଶାନ୍ତର ବହେ ପବନ ଖୁସିରେ।
ମଣିଷ ମଣିଷ ସମ୍ପର୍କେ ତିକ୍ତତା
ଏତ ଦିଏ ନାହିଁ ଶ୍ରେଷ୍ଠତ୍ୱର ବାର୍ତ୍ତା।
ବିବେକ ଶୂନ୍ୟ ସେ ବିଜ୍ଞାନ ଟା ପାଇଁ
ସର୍ବଜୀବ ଚିନ୍ତା ମାନବର ନାହିଁ।
ଧର୍ମ ଧୂସରଙ୍କ ଉଗ୍ର ରାଜନୀତି
ଆକାଶ ପାତାଳ ମାଟି ଯେ ସଢନ୍ତି।
ଯୁଗ ପରେ ଯୁଗ ବିତି ତ ଗଲାଣି
କେତେ ଆସି କେତେ ବିଦାୟ ନେଲେଣି।
ତଥାପି ଯୁଦ୍ଧରେ ସ୍ପୃହା କ'ଣ ପାଇଁ
ଯୁଦ୍ଧ କି ପାରଇ କାହାକୁ ହସାଇ ?

-୦-

କମାଗଡ, ଅଣ୍ଡିଆ, ଯାଜପୁର-୭୫୫୦୨୩
ମୋ-୯୫୮୩୮୭୩୮୬୭


ଶାନ୍ତିର ନିଳୟ ମୋ ଓଳାଶୁଣି

● ଦୀପ୍ତିପ୍ରଜ୍ଞା ମହାପାତ୍ର

ରତ୍ନଗିରି ପାଶେ ପାହାଡ ଉପରେ ଓଳାଶୁଣି ଗୁମ୍ଫା ସାଜେ
ଶାନ୍ତିର ବାର୍ତ୍ତା ବାଣ୍ଟି ଦିଏ ସିଏ ଭକ୍ତିର ବଂଶୀ ବାଜେ।
ମହାପୁରୁଷ ସେ ଅରକ୍ଷିତ ଦାସ, ତପସ୍ୟାର ଏଇ ସ୍ଥଳ
ଯାଜପୁର ମାଟି ଧନ୍ୟ ହୋଇଅଛି ପାଇ ତାଙ୍କ ପଦଜଳ।
ଗୁମ୍ଫା ଭିତରର ନିଶବ୍ଦ ଶାନ୍ତି ମନକୁ କରଇ ଶୁଦ୍ଧ
ଭକ୍ତି ଭାବରେ ଡାକିଲେ ତାଙ୍କୁ, ଦୂରେ ସବୁ ଅବରୁଦ୍ଧ।
ମାଘ କୃଷ୍ଣ ପକ୍ଷ ଏକାଦଶୀ ତିଥି, ମେଳାର ସେ ଭିଡ ଜମେ,
ଶ୍ରଦ୍ଧାଳୁ ଆସନ୍ତି ଦୂର ଦୂରାନ୍ତରୁ ଦୁଃଖ ଯାଏ ସବୁ କମେ।
କାଞ୍ଚି ପଣା ଆଉ ସୁଖୁଆର ଭୋଗ, ନିଆରା ଏଠାରେ ରୀତି
ଜାତି ଅଜାତିର ଭେଦଭାବ ନାହିଁ ଭାଇଚାରା ଏହି ପ୍ରୀତି।
ପ୍ରକୃତି କୋଳରେ ସୁନ୍ଦର ପାହାଡ, ସୁଲୁସୁଲୁ ବହେ ବାଆ
ମନ ଖୋଜୁଥିଲେ ଶାନ୍ତି ଟିକିଏ ଓଳାଶୁଣୀ ଥରେ ଯାଅ।

-୦-

ପାରିପଲେଇ, ପଣସୁଧା, ଯାଜପୁର



ଶକ୍ତି

● ଧମେନ୍ଦ୍ର ଚୁହାନ

ସବୁଠି ଯୁଦ୍ଧ
ଶକ୍ତି ସାମର୍ଥ୍ୟର ପରିଚୟ ରକ୍ତ, ବୀର୍ଯ୍ୟ, ଧୂଆଁ, ଧୂଳି ।
ଜଙ୍ଗଲଠୁ ଜନ୍ତୁ, ଝରଣାରୁ ଝରିପୋକ, ମଶାଣିରୁ ମଣିଷ
ବଳବାନର ରକ୍ତରେ ନିଆଁ, ବିସ୍ଫୋରକ, ତୋପ
ଧ୍ୱଂସ ଧ୍ୱଂସ ପୃଥ୍ୱୀ
ପ୍ରତ୍ୟହ ପ୍ରାର୍ଥନାରେ ମଗ୍ନ।
ଯୁଦ୍ଧ କ'ଣ ଜାଣିନଥିବା ଅବୋଧ କଅଁଳ ଦୁବ ଘାସଟି
ଶୁଖିଯାଏ ଅକାଳରେ
ତାର ରକ୍ତଛିଟାରେ ଭିଜା ବସ୍ତାନିରେ
ଇଂରାଜୀ ବହିର ମଝିପୃଷ୍ଠାକୁ ଅପହରଣ କରି
ଚିରକାଳ ଉହ୍ୟ ଅଚିହ୍ନା ନାୟକ।
ଦେବ-ଦାରୁ ଭେଦକରେ ଅପ୍ରମିତ ଦୁଃଖ
ଯୁଦ୍ଧ ଖୋରକୁ ଶୁଭେନି ତାର ଉଁ କି ଚୁଁ
ପ୍ରାଣୀଙ୍କ ଆରତ।
ରକ୍ତ ନଈ କହେ ନାହିଁ ଶତ୍ରୁ କି ମିତ୍ରର.... !
କେତେ ହାନି କେତେ ଲାଭ ?
କେତେ ଦାମରେ ବିକ୍ରିହୁଏ ମାନବିକତା
ମଣିଷ, ମଣିଷ ଭିତରେ ମଣିଷତ୍ୱ ଖୋଜେନି
କେତେ ଶସ୍ତା ନୃଶଂସତା କେହି ପଚାରନ୍ତିନି... ?
ଯୁଦ୍ଧମୁଖୀ ଦେଶରେ
ଅବଶ୍ୟ ବିକ୍ରି ହୁଏନି ଶାନ୍ତିର ବାର୍ତ୍ତା ରାସ୍ତା କଡରେ
ଲୁହ, ଝାଳ ପାଣି ପରି
ପ୍ରଭେଦ ଦିଶେନି ରକ୍ତ ରକ୍ତ ଭିତରେ
ସବୁକିଛି ସରିଯାଏ
ଉଦ୍‌ଘୋଷଣା ହୁଏ ଯୁଦ୍ଧର ସୂର୍ଯ୍ୟାସ୍ତେ
ଯା ଦେଖି ଜାଣିବେ ଜଗତ ସମସ୍ତେ
ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ।

-୦-

ଅଧ୍ୟାପକ, ସୁରଜମଲ ମହାବିଦ୍ୟାଳୟ,
ରମ୍ଭେଲା, ରେଙ୍ଗାଲି।

ସାହାଡା ସୁନ୍ଦରୀ

● ଦିପୁନ୍ ପୁହାଣ

ଷଡଯନ୍ତ୍ରଟିଏ ପଦ୍ମ ହେଇ ଫୁଟିଛି ପାଣିରେ।
ଓ ନାଡକୁ ତା'ର ପାଟିରେ କାମୁଡି
ଜଗି ବସିଛି କୁମ୍ଭୀର
ବାପ ତ ତୋର ସତ୍ୟ କରିଛି
ପରମ୍ପରା ଓ ପରିବାରର ଦାୟରେ
ପୁଅକୁ ରଖିବ ପାଖରେ
ଝିଅକୁ ଉଜେଇଁ ଦେବ ପାଣିରେ
ମାଆ ତ ତୋର ନିଜେ ଦିନେ
ଲୋଭେଇ ଥିଲା ପଦ୍ମକୁ
ଓ ପଶିଥିଲା ପାଣିରେ
ପଡିଥିଲା କୁମ୍ଭୀର ଫାଶରେ
ଏଇ ପଦ୍ମ ଆଉ କୁମ୍ଭୀରର ଚାଲ
ସମୟ ସହ କଡ ଲେଉଟାଏ ଝିଅ।
ବାପାଟି ନୀରିହ
ମା' ନିର୍ବିକାର
ସଭିଙ୍କ ଜାଣତରେ
ସଭିଙ୍କ ଆଖି ଆଗରେ
ଟାଣି ନିଏ କୁମ୍ଭୀର
ଖସି ପଳେଇବାର ଯଦି
ଏତେ ଟିକେ ବି
ସୁଯୋଗ ଅଛି ପାଖରେ
ଯୁଆଡେ ପାରୁଚୁ ଯା
ପଳେଇ ଯା
ସଂଚରି ଯା
ବିସ୍ତରି ଯା ଝିଅ।
ନହେଲେ ପାରୁଚୁ ଯଦି ଯା
ପଶିଯା ସାହାଡା ଗର୍ଭରେ....

-୦-

ଆମ୍ବୋର, କଳିଙ୍ଗନଗର
ଯାଜପୁର-୭୫୮୦୨୫

ମୋ ବୋଉ ପରି କିଏ ହେବ

● ଗୌତମ ସାମଲ

ମୋ ବୋଉ ପରି କିଏ ସେ ହବ
ଅଝଟ ହେଲେ ବୁଝାଉଥିବ।
ବାପା ମାରିଲେ କୋଳକୁ ନେବ
ଅଳି ଲାଗିଲେ ପାଟି କରିବ
ମତେ ମାରି ସେ ନିଜେ କାନ୍ଦିବ
ମୋ ବୋଉ ପରି କିଏ ସେ ହବ।

ଠାକୁରଙ୍କ ପାଖେ ଅଧିଆ ପଡି
କଣ ମୋ ପାଇଁ ମନାସୁଥିବ
ସକାଳେ ସଂଜେ ମୁଣ୍ଡ ପିଟିବ
ମୋ ମୁଣ୍ଡ ପୁଣି ଆଉଁସୁ ଥିବ
ମୋ ବୋଉ ପରି କିଏ ସେ ହବ।

ନିଜେ ନ ଖାଇ ନାହିଁ ରହିବ
କଲେଜରୁ ଗଲେ ମତେ ଖୋଇବ
ଟିକେ ଡେରି ହେଲେ ମନ ତା ମାନେନା
ବାରମ୍ବାର କଲ କରିବ
ମୋ ବୋଉ ପରି କିଏ ସେ ହବ।

ସାଇତି ଥିବ ଖାଇ ନଥିବ
ମୋ ସାଙ୍ଗେ ସେ ତ ଖାଇବସିବ
ଭଲ ଜିନିଷକୁ ମୋର ପାଖେ ଆଡେଇ
ପେଟ ପୁରିଗଲା ବୋଲି ମିଛି କହିବ
ମୋ ବୋଉ ପରି କିଏ ସେ ହବ।



ପଢି ବସିଲେ ଅନେଇ ଥିବ
ଯାହା ଦରକାର କ୍ଷଣେ ଥୋଇବ
ପରୀକ୍ଷାରେ ଯଦି ଭଲ କରିଥିବ
ସାହି ପଡିଶାରେ ବୁଲି କହିବ
ମୋ ବୋଉ ପରି କିଏ ସେ ହବ।

ନିଜ ଖଳ କଥା କାନେ ଶୁଣିବ
କିଛିନ କହି ଛଳିଆସିବ
ଯଦି କେହି କହେ ତୋ ପୁଅ ଖରାପ
ବାଘୁଣୀ ପରି ଝାମ୍ପି ପଡିବ
ମୋ ବୋଉ ପରି କିଏ ସେ ହବ।

ଦେହ ଖରାପ ହେଲେ ପାଖେବସିଥିବ
ରାତି ରାତି ବସି ଆଉଁଶୁଥିବ
ଗୋଡ ହାତେ ତେଲ ଲଗାଇ ଦେବ
ଜ୍ୱର ଆସିଲେ ପାଖରେ ବସି ପାଣି କନା ପକାଉଥିବ
ମୋ ବୋଉ ପରି କିଏ ସେ ହବ।

କଲେଜରୁ ଗଲେ ବିଞ୍ଚି ବସିବ
ମୋ ବହି ପତ୍ର ସଜାଡୁଥିବ
ମୋ ଡ୍ରେସ ପ୍ୟାଣ୍ଟ ମୁଁ ପାଏ
ନି ମୋତେ ଆଣି ସେ ଖୋଜିକି ଦେବ
ମୋ ବୋଉ ପରି କିଏ ସେ ହବ।

-୦-

ଯାଜପୁର
ମୋ: ୭୭୮୮୯୨୬୧୩୫

କହ ଜଗା....

● ପ୍ରଭାତୀ ପାଣିଗ୍ରାହୀ

ଜଗାରେ...
ଜାଣିଥିଲି ପୁରାଣ ପୃଷ୍ଠାରୁ
ଦିନେ ରୋହିଣୀ ମାତାଙ୍କ ଠାରୁ
ଶୁଣୁଥିଲେ ବ୍ରଜଲୀଳା ଦ୍ୱାରିକାର ରାଣୀ
ଭିତରେ ପ୍ରବେଶ ଥିବାରୁ ନିଷେଧ
ରୁଦ୍ଧଦ୍ୱାର ପାଶେ ହୋଇ ଉଭା
ଶୁଣୁଥିଲୁ ଡେରି କର୍ଣ୍ଣ।
ଭାବାବେଶେ ବିସ୍ତାରିତ ହେଲା ତୋ ନୟନ
ଉଭେଇଗଲା ପଲକ ଚକ୍ଷୁରୁ ତୋହର
ହେଲେ ଧନ, ମିଛକି ସେ କଥା
ଯାହା ମୁଁ ଦେଖିଲି ସେଦିନ
ମୋର ଲହୁଭିଜା ଆଶ୍ଚର୍ଯ୍ୟ ଚକ୍ଷୁରେ।
ଅୟୁତ ଯୁଗର ପ୍ରତୀକ୍ଷାରେ ବିସ୍ତାରିତ ତୋ ନୟନ।
ବ୍ୟାକୁଳିତ, ବ୍ୟସ୍ତ ଓ ବିବ୍ରତ
ମନ୍ଦିର ବାହାରେ ଅପେକ୍ଷାରତ
ତୋ ଭକତ ନିମିତ୍ତ
ପୁଣି ତୋ ସୁନ୍ଦର ଆଖିରେ
ଆନନ୍ଦର ଢେଉ।
ମିଳନର ଅନିର୍ବଚନୀୟ ଆନନ୍ଦର ଆଭା।
ସବୁ ଦୁଃଖ ହରିନେବାର ପ୍ରତିଶ୍ରୁତି।
ସବୁ ଭଲ ପାଇବା ବଦଳରେ
ହଜାର ଗୁଣରେ ଅଜସ୍ର ଭଲ ପାଇବାର
ଭାବାଗେବର ଝଲକ
ଅଶ୍ୱସ୍ତି ଭରା ତୋ ପଲକହୀନ ଚକାଆଖି
ଦେଖିଛି ପୁଣି ତୋ ଆଖିର ଭୟ
ପଲକ ମାତ୍ରକେ କାଳେ ତୋ ଭକତ କେହି
ବଞ୍ଚିତ ହୋଇଯିବ ତୋ କରୁଣା ସିନ୍ଧୁରୁ
ସଭିଙ୍କୁ ଆନନ୍ଦର ନିଦ ଦେଇ
ତୁ ଅନିଦ୍ରା ରହିଛୁ ତା ଜଗା
କହ ଧନ, ମିଛ କି ସେ ଥିଲା
ଯାହା ଦେଖିଲା ମୋ ଆଖି
ରତନ ବେଦୀରେ।

-୦-

ଶିକ୍ଷୟିତ୍ରୀ,
ବଡକଇଁଚି ପ୍ରାଥମିକ ବିଦ୍ୟାଳୟ
ମଧୁବନ ହାଟ, ଯାଜପୁର



ସହର ରାସ୍ତା ଆଉ ମୁଁ

● ସଙ୍ଗୀତା ପଣ୍ଡା

ନିଃଶବ୍ଦ ରାତିରେ ଶୋଇପଡ଼ିଛି ସହର
କିନ୍ତୁ ଜଗିରହିଛି ରାସ୍ତା କଡ଼ର ସେଇ ନିଅନ୍ ଆଲୁଅ।
ଯନ୍ତ୍ରଣାର କୋଳାହଳ ଭିତରେ
ମୁଁ ଖୋଜୁଛି ମୋର ହଜିଯାଇଥିବା ଠିକଣା,
ଯାହା କେବେ ମାଟିର ଗନ୍ଧରେ ମହକୁଥିଲା।
ଏଠି ସମୟ କାହା ପାଇଁ ଅଟକେ ନାହିଁ,
ପ୍ରତିଟି ମୁହୂର୍ତ୍ତ ଏକ ପ୍ରତିଯୋଗିତା,
କଂକ୍ରିଟ୍ ଜଙ୍ଗଲରେ ବୁଢ଼ିଆଣୀ ଜାଲରେ
ଛନ୍ଦି ହୋଇପଡ଼ିଛି ଆମର ସ୍ୱପ୍ନ ଓ ସମ୍ପର୍କ।
ଲୋକଙ୍କ ଭିଡ଼ ଭିତରେ ବି ମୁଁ ଏକା
ସ୍ମାର୍ଟଫୋନ୍‌ର ପରଦାରେ ଖୋଜୁଛି ଆତ୍ମୀୟତା।
କିନ୍ତୁ କାନ୍ଥ ବାହାରେ ଥିବା ସେଇ ପକ୍ଷୀର ଗୀତ
ମନେ ପକାଇ ଦିଏ, ଜୀବନ ଏବେ ବି ସୁନ୍ଦର
ଯଦି ଆମେ ଟିକେ ରହିଯାଇ ନିଜକୁ ଚିହ୍ନନ୍ତେ।

—୦—

+୩ ତୃତୀୟ ବର୍ଷ କଳା
ସାହାସପୁର ମହାବିଦ୍ୟାଳୟ
ବାଲିଚନ୍ଦ୍ରପୁର, ଯାଜପୁର



ଆମ ଯାଜପୁର

● ସୂର୍ଯ୍ୟଶିଖା ଖୁଣ୍ଟିଆ

ଯାଜପୁର ଭଳି ଐତିହ୍ୟ ସ୍ଥାନଟେ
ନାହିଁ ଆମ ଓଡ଼ିଶାରେ
ଆମ ଜିଲ୍ଲା ବୋଲି ଗର୍ବିତ ଓ ଆମେ
ପୂର୍ଣ୍ଣ ଅଟେ ସୁନ୍ଦରତାରେ।
ଲୌହ ଖଣିଜର ଏହା ଗନ୍ତାଘର
ଅଛି କେତେ ପୁଣ୍ୟପୀଠ,
ସେ ସବୁ ପୀଠରୁ ଅନ୍ୟତମ ପରା
ଦଶାଶ୍ୱମେଧର ଘାଟ।
ମା' ବିରଜାଙ୍କ ସ୍ଥାନ ଏହା ପରା
ପ୍ରକୃତିର ଗନ୍ତାଘର,
ଭିଡ଼ ଲାଗିଥାଏ ପର୍ଯ୍ୟଟକଙ୍କର
ଦେଖିବାକୁ ଯାଜପୁର।
ପାହାଡ଼, ଜଙ୍ଗଲ, ଝରଣା ସହିତ
ଅଛି କେତେ କେତେ ମନ୍ଦିର,
ପ୍ରତିଦିନକ କେତେ ପର୍ଯ୍ୟଟକ ଆସି
ଦେଖନ୍ତି ତ ସବୁ ମଜାର।
କେତେ ଇତିହାସ ଅଛି ଯାଜପୁରେ
ପୂର୍ବେ ଥିଲା ରାଜଧାନୀ,
ଲେଖା ହୋଇଅଛି କେତେ ପୁଣ୍ୟ ଗ୍ରନ୍ଥେ
ଯାଜପୁରର ତ ନାମ ପୁଣି।
ଗର୍ବ କରୁ ଆମେ ଯାଜପୁର ପାଇଁ
ଆମେ ତ ବାସିନ୍ଦା ଏଠି,
ଯାଜପୁର ଭଳି ସୁନ୍ଦର ସ୍ଥାନଟେ
ମିଳିବନି କେବେ କେଉଁଠି।

—୦—

ଦେଉଳିପାଳ, ଜାରକା, ଯାଜପୁର



ଭାରତର ଶିକ୍ଷା ବ୍ୟବସ୍ଥା ଓ ସାଂସ୍କୃତିକ ଚେତନା

● ଡ. ମନୋରଞ୍ଜନ ଶତପଥୀ

ଅତୀତରେ ଭାରତର ଶିକ୍ଷା ବ୍ୟବସ୍ଥା ସାଂସ୍କୃତିକ ଚେତନା ଉପରେ ପର୍ଯ୍ୟବେସିତ ଥିଲା। ସଂସ୍କୃତିର ବିକାଶ ବିନା ଶିକ୍ଷାର ବିକାଶ ଅସମ୍ଭବ ଯଦିବା ଜଣେ ଡିଗ୍ରୀଧାରୀ ବ୍ୟକ୍ତିଙ୍କୁ ଆମେ ଶିକ୍ଷିତ ବର୍ଗରେ ଗଣନା କରନ୍ତି, ତଥାପି ଯଦି ତାଙ୍କ ଭିତରେ ସଂସ୍କାର ଓ ସଂସ୍କୃତି ମିଳିତ ଭାବେ ବିକଶିତ ହୋଇ ନଥାଏ ତେବେ ସେ ପ୍ରକୃତରେ ଶିକ୍ଷିତ ନୁହଁନ୍ତି। ଶିକ୍ଷା ଯେତେବେଳେ ସାମଗ୍ରିକ ଭାବେ ବ୍ୟକ୍ତିର ମୂଲ୍ୟବୋଧ ଚରିତ୍ର ଗଠନ, ସକାରାତ୍ମକ ଭାବେ ବୌଦ୍ଧିକ ବିକାଶ, ମାର୍ଜିତ ବ୍ୟବହାରରେ ରୂପାନ୍ତରିତ ହୋଇଥାଏ, ତା'ର କର୍ତ୍ତବ୍ୟବୋଧର ଜ୍ଞାନ ଆସିନଥାଏ। ତେଣୁ ଯେତେ ଉଚ୍ଚ ଶିକ୍ଷିତ ହେଲେ ବି ସେ ଉପଯୁକ୍ତ ସଂସ୍କାର ଓ ସଂସ୍କୃତ ଅଭାବ ଯୋଗୁଁ ଠିକ୍‌ରୂପେ ନିଜର କର୍ତ୍ତବ୍ୟ କରିପାରେ ନାହିଁ। ସେବା ପରାୟଣତା ମନରେ ଆସେନାହିଁ। ପରିବାର ପ୍ରତି ନିଜର କର୍ତ୍ତବ୍ୟ କରିପାରେ ନାହିଁ। କୌଣସି ପରିବାର ଅନ୍ୟାୟ, ଅସାଧୁ ଉପାୟରେ ଧନ ଉପାର୍ଜନ କରି ବଞ୍ଚିବାକୁ ଚାହେଁନାହିଁ। ଗୋଟିଏ ପରିବାର ସମ୍ମାନର ସହିତ, ସାମାଜିକ ମର୍ଯ୍ୟାଦାର ସହିତ ବଞ୍ଚିବାକୁ ଚାହାନ୍ତି। ଏହା ଆମ ଭାରତର ହଜାର ହଜାର ବର୍ଷର ସଂସ୍କାର ଓ ସାଂସ୍କୃତିକ ଚେତନା।

ମୁଁ ପିଲାବେଳେ ମୋ ମାଆଙ୍କଠାରୁ "ବାଲ୍ମିକୀଙ୍କ" ବିଷୟରେ ଗୋଟିଏ ଗପ ଶୁଣିଥିଲି। ଏହି ଗପଟି ମଧ୍ୟ ଆମର ତୃତୀୟ ଶ୍ରେଣୀରେ ପଢ଼ାହେଉଥିଲା। ପ୍ରାୟ ୧୯୬୦ ମସିହାରେ ଆମେ ତୃତୀୟ ଶ୍ରେଣୀରେ ଗୋଟିଏ ଗଳ୍ପ ସଙ୍କଳନ ବହି ପଢୁଥିଲୁ। ଏଥିରେ ଯେଉଁ ଗଳ୍ପଗୁଡ଼ିକ ଥିଲା, ସେଥିରୁ କେତେକ ମୋ ମନରେ ଏବେ ସୁଦ୍ଧାଅଛି। ସେଗୁଡ଼ିକ ହେଲା- "ଦାନୀ ହରିଶ୍ଚନ୍ଦ୍ର", "ରାମାୟଣ", "ମହାଭାରତ", "ବାଲ୍ମିକୀ", "ଧ୍ରୁବ", "ପ୍ରହଲ୍ଲାଦ", "ଗୌତମ ବୁଦ୍ଧ", "ମହାକବି", "କାଳିଦାସ", "ଝାନ୍‌ସୀରାଣୀ ଲକ୍ଷ୍ମୀବାଇକ", "ରାଣୀ ଅହଲ୍ୟାବାଇ", "ପୁରୀରାଜା ଗଜପତି ମୁକୁନ୍ଦଦେବ", ପ୍ରଭୃତି। ଏଗୁଡ଼ିକ ପ୍ରାଥମିକ ଶିକ୍ଷାନୁଷ୍ଠାନରେ ଶିକ୍ଷକମାନଙ୍କଠାରୁ ପରିବାରଠୁ ପାଇଥିବା ସଂସ୍କାର ସହିତ ମିଶି ପିଲାବେଳର ଛାତ୍ରଛାତ୍ରୀମାନଙ୍କ ମନରେ ଯେଉଁ ମୂଲ୍ୟବୋଧ ସୃଷ୍ଟି କରୁଥିଲା, ତାହା ଏବେ ଦେଖିବାକୁ ମିଳୁନାହିଁ। ତେଣୁ ପିଲାଟି ଉପଯୁକ୍ତ ମୂଲ୍ୟବୋଧର ଅଭାବରେ ଯେଉଁ ଶିକ୍ଷାଲାଭ କରେ ତାହା ଆମ ଭାରତୀୟ ସଂସ୍କାର ଓ ସଂସ୍କୃତିର ପରିବାହକ ନୁହେଁ।

ଏକଥା ଠିକ୍ ନୁହେଁ ଯେ, ଏହା ସାଧାରଣ ଭାବେ ପ୍ରଯୁଜ୍ୟ। ଦେଶରେ ହଜାର ହଜାର ପରିବାର ଅଛନ୍ତି, ଯେଉଁମାନଙ୍କର ପିତାମାତା, ଜେଜେବାପା, ଜେଜେମା ସେମାନଙ୍କ ପିଲାମାନଙ୍କୁ ଏହିସବୁ ଗପ ମାଧ୍ୟମରେ ଉପଯୁକ୍ତ ମୂଲ୍ୟବୋଧ, ବ୍ୟବହାରିକ ଜ୍ଞାନ ଦେଇ ପୂର୍ଣ୍ଣାଙ୍ଗ ଶିକ୍ଷା ପାଇବାରେ ସହାୟକ ହୋଇଥାନ୍ତି। ସେଥିପାଇଁ ଅନେକ କ୍ଷେତ୍ରରେ ଆମ ଦେଶର ଶିକ୍ଷିତ ଯୁବକ ଯୁବତୀମାନେ କର୍ତ୍ତବ୍ୟପରାୟଣ ଓ ନିଃସ୍ୱାର୍ଥପର ସେବା ପ୍ରଦାନ କରି ଉଚ୍ଚ ପ୍ରଶଂସିତ ହେଉଛନ୍ତି। କିନ୍ତୁ ଏହା ଆମ ଜନସଂଖ୍ୟାକୁ ଦେଖିଲେ ଖୁବ୍ ନଗଣ୍ୟ ପରି ମନେହୁଏ।

ଆମ ଦେଶରେ ଅଧିକାଂଶ ମଧ୍ୟବିତ୍ତ ପରିବାର ପ୍ରାୟ ୩୦କୋଟିରୁ ଅଧିକ ସେମାନଙ୍କର ପିଲାମାନଙ୍କୁ ବ୍ୟୟ ବହୁଳ

ପ୍ରାଇଭେଟ୍ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଇଥାନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୮୦ ରୁ ୯୦% ପରିବାରର ପିଲାମାନେ ଗୋଟିଏ ସନ୍ତାନ କିମ୍ବା ଅତି ବେଶିରେ ଦୁଇଟି ସନ୍ତାନ ମଧ୍ୟରେ ସେମାନଙ୍କ ପରିବାରକୁ ସୀମିତ ରଖିଛନ୍ତି । ଏହା ନିଶ୍ଚିତ ରୂପେ ଆଗାମି ଦୁଇ ଦଶନ୍ଧି ମଧ୍ୟରେ ଆମର ମାନବ ସମ୍ବଳ ଉପରେ ଉପଯୁକ୍ତ ଭାରସାମ୍ୟ ରଖିପାରିବ ନାହିଁ । ଏହି ମଧ୍ୟବିତ୍ତ ପରିବାରର ପିତା ମାତାମାନେ ପ୍ରିଡ଼-ସ୍କୁଲ ବେଳରୁ ହାଇସ୍କୁଲ ପର୍ଯ୍ୟନ୍ତ ପିଲାମାନେ କିପରି ଅଧିକ ନମ୍ବର ରଖିବେ କେବଳ ତା'ରି ପଛରେ ଗୋଡ଼ାଉଥାନ୍ତି । ପ୍ରଥମରେ ପ୍ରାଇଭେଟ୍ ସ୍କୁଲ ବ୍ୟୟବହୁଳ, ଦ୍ୱିତୀୟରେ ପିଲାମାନଙ୍କ ପଛରେ ଅଜସ୍ର ଟଙ୍କା ଖର୍ଚ୍ଚ କରନ୍ତି କୋଚିଂ ସେଣ୍ଟରଗୁଡ଼ିକୁ ପଠାଇ ।

ସରକାରୀ ସ୍କୁଲ ଗୁଡ଼ିକ କଥା ନିଆଯାଉ । ସାରା ଭାରତରେ ଗାଁ ଗହଳରେ, ସହରରେ ଲକ୍ଷଲକ୍ଷ ସଂଖ୍ୟାରେ ସରକାରୀ ସ୍କୁଲ । ପିଲାମାନେ ବିନା ଖର୍ଚ୍ଚରେ ପାଠ ପଢୁଛନ୍ତି । ମାସକୁ ମାସ ପିଲାମାନଙ୍କଠାରୁ ଦରମା ବାବଦରେ କିଛି ଦେବାକୁ ପଡ଼େ ନାହିଁ । ମୁକ୍ତଶିକ୍ଷା, ଖାଦ୍ୟପେୟ ଠାରୁ ଆରମ୍ଭ କରି ବହିପତ୍ର ପର୍ଯ୍ୟନ୍ତ ସବୁ ଯୋଗାଇଦିଆଯାଏ । ଏବେ ସ୍କୁଲଘର ଗୁଡ଼ିକ, ଶ୍ରେଣୀ ଗୃହ, ପାଠାଗାର, ସବୁ ଯୋଗାଇ ଦିଆଯାଉଛି । ଶିକ୍ଷକମାନେ ପୂର୍ବପରି ଆଉ ସ୍ୱଳ୍ପ ବେତନ ଭୋଗି ନୁହଁନ୍ତି । ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଖୁବ୍ ବେଶୀ । କିନ୍ତୁ ଅଧିକାଂଶ ଶିକ୍ଷକଙ୍କର ସେହି କେବଳ କାଗଜ ଯୋଗ୍ୟତା । କିଛି ଶିକ୍ଷକଙ୍କୁ ଛାଡ଼ିଦେଲେ ପ୍ରାୟ ସମସ୍ତଙ୍କର ସଂସ୍କାର, ସଂସ୍କୃତି, ଶିକ୍ଷାଗତ ଯୋଗ୍ୟତା ସାଙ୍ଗରେ ମିଶିକରି ନାହିଁ । ତେଣୁ ସେମାନଙ୍କର ପାଠପଢ଼ାଇବା ପାଇଁ ଯେଉଁ ଉତ୍ସର୍ଗୀକୃତ ଇଚ୍ଛାଶକ୍ତିର ଆବଶ୍ୟକତା ଦରକାର ତାହାର ଅଭାବ ପରିଲକ୍ଷିତ ହେଉଛି । ପରିବାରର ସଂସ୍କାର ସୀମିତଭାବେ କାଁ ଭାଁ ଦେଖିବାକୁ ମିଳେ । ସଂସ୍କାରଧର୍ମୀ ପରିବେଶ ଦିନକୁ ଦିନ ଖରାପ ହେବାରେ ଲାଗିଛି । ଶିକ୍ଷକମାନେ ଯେଉଁ ପାରିବାରିକ, ସାମାଜିକ ସଂସ୍କାର ପାଇ ଶିକ୍ଷା ଅର୍ଜନ କରିଥାନ୍ତି । ତା'ର ପ୍ରତିଫଳନ ଶିକ୍ଷାନୁଷ୍ଠାନ ମାନଙ୍କରେ ହୁଏ । ଅଧିକାଂଶ ଶିକ୍ଷକ ମାନଙ୍କ ମନରେ ଯେଉଁ ମୂଲ୍ୟବୋଧର ଆବଶ୍ୟକତା ଦରକାର, ତାହା ନାହିଁ । ଉତ୍ସର୍ଗୀକୃତ ଶିକ୍ଷକଙ୍କ ସଂଖ୍ୟା ଖୁବ୍ ନଗନ୍ୟ । ତେଣୁ ପ୍ରଚୁର ସମ୍ବଳ ବିନିଯୋଗ ହେଲେ ମଧ୍ୟ ଆଖିଦୃଶିଆ ପରିବର୍ତ୍ତନ ହେଉନାହିଁ ।

ପ୍ରତି ଗାଁରେ, ସହରରେ ଏକ ଅନିଶ୍ଚିତଭରା ପରିବେଶ । ଯୁବକ ଯୁବତୀମାନେ ସତ୍ୟ, ନିଷ୍ଠା, ଶୃଙ୍ଖଳା, ସାଧନା ପଥରୁ ବିଚ୍ୟୁତ ହେବାରେ ଲାଗିଛନ୍ତିକ । ଗାଁ ଗାଁରେ ମଦ, ନିଶାଦ୍ରବ୍ୟର ସେବନ ଏକ ମହାବ୍ୟାଧି ରୂପେ ବ୍ୟାପିଗଲାଣି । ଏହା ଯୁବକମାନଙ୍କର ନୈରାଶ୍ୟଭରା ଜୀବନର ସଙ୍କେତ ଦେଉଛି । ସହରରେ ଯୁବକମାନେ ମଦ, ବ୍ରାଉନ୍‌ସୁଗାର ପ୍ରଭୃତି ନିଶା ଦ୍ରବ୍ୟ ସେବନରେ ଆଶକ୍ତ । ସେମାନଙ୍କ ମନରେ ନୈରାଶ୍ୟର ଛାପ ଦେଖିବାକୁ ମିଳୁଛି । ବେକାରି ଜୀବନ ବଡ଼ ଦୁର୍ବିସହ । ଏହଶର ମୁଖ୍ୟ କାରଣ ଶିକ୍ଷା ସହିତ ସଂସ୍କାର ଧର୍ମୀ ଚେତନାର ଅଭାବ । ନିଷ୍ଠା, ସାଧନା, ଶୃଙ୍ଖଳା, ଆଚରଣ, ସତ୍ୟନିଷ୍ଠା, ବୟସ୍କ ମାନଙ୍କୁ ସମ୍ମାନ, କର୍ତ୍ତବ୍ୟନିଷ୍ଠା, ଆତ୍ମବିଶ୍ୱାସ, ଉତ୍ସର୍ଗୀକୃତ ମନୋଭାବ, ସେବାପରାୟଣତାର ଭାବନା ଅନ୍ତର୍ନିହିତ ମୂଲ୍ୟବୋଧଭାବେ ଶିକ୍ଷାରେ ପରିପୃଷ୍ଟ ହେଲେ, ଜଣେ ଯୁବକ କେବେହେଲେ ପଥଭ୍ରଷ୍ଟ ହେବନାହିଁ ।

ପିଲାବେଳର ଶିକ୍ଷା ସହିତ, ସଂସ୍କାର ଓ ସାଂସ୍କୃତିକ ଚେତନା ଯୋଡ଼ି ହୋଇଗଲେ ସବୁ ସମସ୍ୟାରକ ସମାଧାନ ହୋଇପାରିବ । ଶିଶୁ ଅବସ୍ଥାରୁ ଗୋଟିଏ ଛାତ୍ର ମନରେ ସାଧୁ ସଚ୍ଚୋଟତାର ସହ କର୍ମ ପ୍ରବଣତା ଜାଗ୍ରତ ହେବ । ଆମ ଦେଶରେ କର୍ମ କରି ସ୍ୱାବଲମ୍ବୀ ହେବା ପାଇଁ ପଶସ୍ତ କ୍ଷେତ୍ର ରହିଛି । ଋଷକୁ ଶିଳ୍ପ ରୂପେ ଗ୍ରହଣ କରି ବିଭିନ୍ନ ପ୍ରକାର ଶସ୍ୟ, ଡାଲି, ତୈଳବୀଜ, ପନିପରିବା, ଆଖୁ, ତୁଳା, ଚିନାବାଦାମ, ଋ, କଫି, ଛତୁ, ଫଳଋଷ, ଗୋପାଳନ, ଛେଳି, ମେଣ୍ଢା, କୁକୁଡ଼ା, ମାଛ, ଔଷଧିୟ ବୃକ୍ଷ, ଫୁଲ ଋଷ ପ୍ରଭୃତିରେ ଆମେ କାମ କରିପାରିବା । ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଦକ୍ଷିଣଭାରତର ବହୁ ଉଦ୍ୟୋଗୀ ସମସଗ୍ର କୋରାପୁଟ ଓ ମାଲ୍‌କାନାଗିରି ଅଞ୍ଚଳକୁ ଲଜ୍‌ରେ ନେଇ କଫି ଋଷ କରୁଛନ୍ତି । ଆମେ ଖାଦ୍ୟ ଉତ୍ପାଦନ, ପ୍ରକ୍ରିୟା କରଣ, ସଂରକ୍ଷଣ ଠାରୁ ଆରମ୍ଭ କରି ବଜାରରେ ବିକିବା ପର୍ଯ୍ୟନ୍ତ । ବିସ୍ତୃତ କ୍ଷେତ୍ର ରହିଣି କର୍ମ କ୍ଷେତ୍ରର ଅଭାବ ନାହିଁ । କର୍ମ କରିବାରେ ଆଗ୍ରହ ଓ ଇଚ୍ଛାଶକ୍ତି ନାହିଁ । ଡ୍ରେସ୍ ମ୍ୟାଟେରିଆଲ୍ ଠାରୁ ଆରମ୍ଭ କରି ପିଲାଙ୍କ ଖେଳନା, ହାଣ୍ଡଲୁମ୍, ହାଣ୍ଡିକ୍ରାଫ୍‌ଟ, ମୁଁ ଏବେ ମୋର ଜଣେ ସାଙ୍ଗ ଘରକୁ ଯାଇଥିଲା । ତାଙ୍କର ଗୋଟିଏ ପୁଅ ଷ୍ଟାଣ୍ଡାର୍ଡ ୱାନ୍‌ରେ ପଢୁଛି ।

ସେମାନେ ତା ପାଇଁ ଗୋଟିଏ ସ୍କୁଲ ବ୍ୟାଗ୍ ଅନ୍‌ଲାଇନରେ ମଗାଇଥାନ୍ତି । ସେ ବ୍ୟାଗ୍‌ଟି ତାଙ୍କ ଡ୍ରଇଁରୁମ୍‌ରେ ଥୁଆହୋଇଥିଲା । ମୁଁ ସେଇଟିକୁ କୌତୁକହଳ ବସତଃ ଦେଖିଲି । ବ୍ୟାଗ୍‌ଟି ବହୁତ ସୁନ୍ଦର ହୋଇଥାଏ । ଦାମ୍ ୩୦୦୦ଟଙ୍କା କିନ୍ତୁ ଯେତେବେଳେ ଦେଖିଲି ବ୍ୟାଗ୍‌ଟି ବାଙ୍ଗଲାଦେଶରେ ତିଆରି ମୋ ମନ ଖରାପ୍ ହୋଇଗଲା ।

କ'ଣ ପାଇଁ ଆମ ଦେଶରେ ଏପରି ସୁନ୍ଦର ବ୍ୟାଗ୍ ତିଆରି ହୋଇ ପାରୁନାହିଁ। ଆଜିକାଲି ଟଙ୍କାର ଅଭାବ ନାହିଁ। ଉଚ୍ଚ ଶିକ୍ଷା ପାଇଁ ଷ୍ଟଡ଼ି ଲୋନ୍, କୃଷକାର୍ଯ୍ୟ ପାଇଁ ଋଣ, ଗୋପାଳନ ପାଇଁ ଋଣ, କାର୍ଯ୍ୟକୌଶଳତା ଶିକ୍ଷାଲାଭ ପାଇଁ ଋଣ। ଉଦ୍ୟୋଗୀ ହେବା ପାଇଁ ଋଣ, କ୍ଷୁଦ୍ର ବ୍ରବସାୟୀ ହେବା ପାଇଁ ଋଣ, ଜୋତା ସିଲେଇ ଠାରୁ ପୋଷାକ ତିଆରି, ଋଣ ଓ ଆନୁସଙ୍ଗିକ ବ୍ୟବସାୟ ପାଇଁ ଋଣ। ଆଜିକାଲି ଭଲ ବ୍ରାହ୍ମ ପୂଜାପାଠ କରିବା ପାଇଁ ମିଳୁନାହାନ୍ତି। ପିଲାମାନେ କୌଳିକ କର୍ମପନ୍ଥା ଆଉ ଗ୍ରହଣ କରୁନାହାନ୍ତି। କର୍ମ କରି ରୋଜଗାରକ୍ଷମ ହେବା ପାଇଁକ ସବୁ ପ୍ରକାର ସାହାଯ୍ୟ ସହଯୋଗ ଚାରିଆଡ଼େ ପରିବ୍ୟାପ୍ତ। କିନ୍ତୁ ଶିକ୍ଷା ସହିତ, ମୂଲ୍ୟବୋଧ, ଭଲ ସଂସ୍କାର, ସ୍ୱାବଲମ୍ବନଶୀଳତା, ଆତ୍ମନିର୍ଭରଶୀଳତା, କର୍ତ୍ତବ୍ୟନିଷ୍ଠା, ବ୍ୟକ୍ତିତ୍ୱ ଗଠନ, ଚରିତ୍ର ଗଠନ ନମ୍ର ସ୍ୱଭାବ ଆଦି ଗୁଣାବଳୀ ଟଙ୍କା ଖର୍ଚ୍ଚ କଲେ ମିଳିବ ନାହିଁ। କୁମ୍ଭାର ମାଟିହାଣ୍ଡି ଗଢ଼ିବା ପରି, ଏସବୁ ସଂସ୍କାର ଓ ସଂସ୍କୃତି ପିଲାବେଳୁ ଶିକ୍ଷା ଭିତରେ ଭରି ରହିବା ଆବଶ୍ୟକ।

—୦—

ବୃନ୍ଦାଦେଇପୁର ଶାସନ, ଜେନାପୁର, ଯାଜପୁର

ଛାତ୍ର ଜୀବନରେ ସମୟର ମୂଲ୍ୟ

● ଜ୍ୟୋତିଷ୍ମାନ୍ ଶତପଥୀ

ଲୋକମାନେ,

କଥାରେ କୁହନ୍ତି Time and tide wait for none. ଅର୍ଥାତ୍ ସମୟ କାହାକୁ ଅପେକ୍ଷା କରେ ନାହିଁ। ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ, ପାଣିସୁଅ ବହିଗଲା ପରି ସମୟ ସୁଅ ବହି ଚାଲିଛି। ଯେଉଁ ସମୟରେ ଥରେ ଚାଲିଯାଇଥାଏ ସେ ସମୟ ଜୀବନ ପଥରେ ଆଉ କେବେ ଫେରିବ ନାହିଁ। ତେଣୁ ସମୟ ଅତ୍ୟନ୍ତ ମୂଲ୍ୟବାନ ଅଟେ।

ସମୟର ଗତି ପ୍ରଖର କେବେ ତାହା ସହିତ ତାଳଦେଇ କାମ କରିବା ଆମର କର୍ତ୍ତବ୍ୟ। ପ୍ରତ୍ୟେକ ସମୟରେ ଯାହା କରିବା କଥା ତାହା 'ନ'କଲେ ଆମେ କେବେ ସଫଳ ହୋଇପାରିବା ନାହିଁ। ବିଶ୍ୱରେ ଅନେକ ଲୋକ ସମୟର ମୂଲ୍ୟକୁ ନବୁଝି ଆଳସ୍ୟରେ ଅତିବାହିତ କରି ଦେଇଥାନ୍ତି। ଯେପରି - କୃଷକ ଯେଉଁ ସମୟରେ ଧାନ ବୁଣିବା କଥା, ଯଦି ନ ବୁଣେ ତା'ହେଲେ ତା'ର ଫସଲ ବିଫଳ ହୁଏ। ସେହିପରି ଶିକ୍ଷା ଲାଭ କରିବା ଛାତ୍ର ଜୀବନର ପ୍ରଧାନ କାର୍ଯ୍ୟ। ଛାତ୍ରମାନେ ଶିକ୍ଷାଲାଭ ନକଲେ ତାଙ୍କ ଜୀବନ ପଥରେ ଅନେକ ବାଧାବିଘ୍ନ ଓ ଅସଫଳ ଦେଖାଦେବ। ଅନେକ ଛାତ୍ର ଏହା ବୁଝିନପାରି ହସ ଖୁସି ଓ ଖେଳରେ ସମୟକୁ ଅତିବାହିତ କରିଦିଅନ୍ତି। ସେମାନେ ଜୀବନରେ କେବେ ଲକ୍ଷ୍ୟ ହାସଲ କରିପାରନ୍ତି ନାହିଁ। ଭବିଷ୍ୟତରେ ସେ କୌଣସି କାର୍ଯ୍ୟ ସାଧନ କରିପାରନ୍ତି ନାହିଁ। ତେବେ ସମୟରେ କାହାକୁ ଅପେକ୍ଷା କରିନଥାଏ। ତେଣୁ ଆମକୁ ସମୟ ସହିତ ତାଳମିଳାଇ ଚାଲିବାକୁ ହେବ। ତା ନହେଲେ ଜୀବନ ମୂଲ୍ୟହୀନ ହୋଇଯିବ।

ବର୍ତ୍ତମାନ ବିଜ୍ଞାନର ଅଗ୍ରଗତି ଫଳରେ ସମୟକୁ ଜାଣିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ସାଧନ ଭରି ରହିଛି। କିନ୍ତୁ ଦୁଃଖର କଥା, ସବୁଠାରେ ସମୟର ସଦୁପଯୋଗ ହୋଇପାରେ ନାହିଁ। ତେଣୁ ସମୟର ମୂଲ୍ୟ ବୁଝି ଦେଶ ତଥା ନିଜ ଜୀବନରେ ଉନ୍ନତି କରିବା ପ୍ରତ୍ୟେକ ବ୍ୟକ୍ତିର ଏକାନ୍ତ କାମ୍ୟ ହେବା ଉଚିତ୍।

—୦—

ନବମ ଶ୍ରେଣୀ

ଓଡ଼ିଆ ପର୍ବପର୍ବାଣୀ: ସମ୍ପର୍କର ସୂତା, ସମନ୍ୱୟର ସୃଷ୍ଟି

● ନିର୍ମାଲ୍ୟ କୁମାର ପ୍ରଧାନ

ଓଡ଼ିଶାର ସଂସ୍କୃତି ଏକ ସଜୀବ ଐତିହ୍ୟ, ଯାହାର ମୂଳରେ ରହିଛି ପର୍ବପର୍ବାଣୀର ଅବିଚ୍ଛିନ୍ନ ପ୍ରବାହ। ଏହି ପର୍ବମାନେ କେବଳ ଆନନ୍ଦ ଓ ଉଲ୍ଲାସର ଅବସର ନୁହେଁ ବରଂ ସେମାନେ ଓଡ଼ିଆ ଜୀବନର ଆତ୍ମା, ଯେଉଁମାନେ ସମ୍ପର୍କକୁ ଗାଢ଼ କରନ୍ତି, ସମାଜରେ ଶାନ୍ତି ଓ ସମନ୍ୱୟର ପରିବେଶ ସୃଷ୍ଟି କରନ୍ତି। ଆଜିର ବ୍ୟସ୍ତ ଓ ଯାନ୍ତ୍ରିକ ଜୀବନରେ, ଯେଉଁଠାରେ ମନୁଷ୍ୟ ନିଜର ସୀମିତ ହୋଇ ପଡୁଛି, ସେଠାରେ ପର୍ବପର୍ବାଣୀ ହେଉଛି ସେହି ସୁନ୍ଦର ଅବସର, ଯାହା ମନୁଷ୍ୟକୁ ମନୁଷ୍ୟଙ୍କ ସହିତ ଆହୁରି ନିକଟତର କରେ।

ସାଧାରଣତଃ କେତେକ ଲୋକ ପନର୍ବପର୍ବାଣୀକୁ ଅର୍ଥନୈତିକ ଭାର ବୋଲି ମନେ କରନ୍ତି। ସେମାନଙ୍କ ଧାରଣା ହେଉଛି, ଏହି ସମୟରେ ଅଧିକ ଖର୍ଚ୍ଚ ହୁଏ ଓ ଜୀବନରେ ଅନାବଶ୍ୟକ ଚାପ ସୃଷ୍ଟି ହୁଏ। କିନ୍ତୁ ଏହି ଧାରଣା ଆମ ପାରମ୍ପରିକ ମୂଲ୍ୟବୋଧ ସହ ସଙ୍ଗତି ରଖେନାହିଁ। ବାସ୍ତବରେ ଓଡ଼ିଆ ପର୍ବମାନେ କୌଣସି ଭାର ନୁହେଁ, ବରଂ ଏହା ହେଉଛି ସମ୍ପର୍କର ନିର୍ବାହ ଓ ସାମାଜିକ କର୍ତ୍ତବ୍ୟର ଏକ ଅଂଶ। ଏହା ଆମକୁ ଶିଖାଏ ଯେ ମନୁଷ୍ୟ ଜୀବନରେ ସମ୍ପର୍କ ଅର୍ଥରୁ ଅଧିକ ମୂଲ୍ୟବାନ।

ଓଡ଼ିଆ ପର୍ବମାନଙ୍କ ମଧ୍ୟରେ ରଜ ପର୍ବ ଏକ ଅତ୍ୟନ୍ତ ଲୋକପ୍ରିୟ ଓ ଆନନ୍ଦମୟ ଉତ୍ସବ। ଏହା ମାଟି ମାଆଙ୍କ ପ୍ରତି ସମ୍ମାନ ଓ ନାରୀତ୍ୱର ପବିତ୍ରତାକୁ ଉତ୍ସବର ରୂପ ଦେଇଥାଏ। ତିନିଦିନ ଧରି ପାଳିତ ଏହି ପର୍ବରେ ଘରେ ଘରେ ପିଠାପଣା ପ୍ରସ୍ତୁତ କରାଯାଏ, ଝୁଲା ଖେଳ ହୁଏ ଓ ଆନନ୍ଦର ଅବସର ସୃଷ୍ଟି ହୁଏ। ଏହି ସମୟରେ ପରିବାରର ସମସ୍ତେ ଏକାଠି ହୋଇ ଆନନ୍ଦ ବାଣ୍ଟନ୍ତି। ବିଶେଷତଃ ରଜ ଅବସରରେ ମାତାପିତା ନିଜ ଝିଅଙ୍କ ଘରକୁ "ଭାର" ନେଇ ଯାଆନ୍ତି-ଫଳ, ପିଠା, ମିଠା, ବସ୍ତ୍ର ବିଭିନ୍ନ ଉପହାର ସହିତ। ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ଏହା ଝିଅ ପ୍ରତି ଅଭିନ୍ନ ସ୍ନେହ ଓ ମମତାର ପ୍ରକାଶ। ଏହା ମାଧ୍ୟମରେ ବାପଘର ଓ ଶାଶୁଘର ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ିଭୂତ ହୁଏ।

ତେଣୁ ଅଷ୍ଟମୀ ପର୍ବ, ଯାହାରେ ହଳଦୀ ପତ୍ରରେ ପିଠା ପ୍ରସ୍ତୁତ କରାଯାଏ, ଓଡ଼ିଆ ଘରୋଇ ପରମ୍ପରାର ଏକ ସୁନ୍ଦର ଚିତ୍ର ପ୍ରଦର୍ଶନ କରେ। ଏହି ଦିନରେ ଘରେ ଘରେ ପିଠା ପ୍ରସ୍ତୁତ କରାଯାଏ ଓ ପରିବାର ସଦସ୍ୟମାନେ ଏକାଠି ବସି ତାହାର ସ୍ୱାଦ ନିଅନ୍ତି। ଏହା ଆନନ୍ଦର ସହିତ ସମ୍ପର୍କକୁ ଗାଢ଼ କରିବାର ଏକ ମାଧ୍ୟମ। ଏହି ଅବସରରେ ମଧ୍ୟ ପିତାମାତା ନିଜ ଝିଅଙ୍କ ଘରକୁ "ଭାର" ନେଇ ଯାଆନ୍ତି। ଏହି ସାଧାରଣ ଦେଖାଯାଉଥିବା ପରମ୍ପରାରେ ଲୁଚି ରହିଛି ଗଭୀର ସାମାଜିକ ମୂଲ୍ୟ-ଏହା ଆମକୁ ଶିଖାଏ ଯେ ସମ୍ପର୍କକୁ ଜୀବନ୍ତ ରଖିବା ପାଇଁ ଆଦାନ-ପ୍ରଦାନ ଓ ସମ୍ପର୍କର ପୋଷଣ ଅତ୍ୟାବଶ୍ୟକ।

ସାବିତ୍ରୀ ବ୍ରତ ଓଡ଼ିଆ ପରମ୍ପରାର ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ପର୍ବ। ଏହା ଦାମ୍ପତ୍ୟ ଜୀବନର ପବିତ୍ରତା ଓ ନିଷ୍ଠାର ପ୍ରତୀକ। ବିବାହିତ ନାରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ ଓ ସୁଖ-ସମୃଦ୍ଧି ପାଇଁ ଉପବାସ ରଖନ୍ତି। ଏହି ଦିନରେ ମଧ୍ୟ ମାତାପିତା ନିଜ ଝିଅଙ୍କ ଘରକୁ "ଭାର" ପଠାନ୍ତି କିମ୍ବା ନେଇଯାଆନ୍ତି- ଫଳ, ଖାଦ୍ୟ, ବସ୍ତ୍ର ଓ ବିଭିନ୍ନ ଉପହାର ସହିତ। ଏହା କେବଳ ଏକ ଆଚାର ନୁହେଁ, ଏହା ଝିଅ ପ୍ରତି ସ୍ନେହ, ଦାୟିତ୍ୱ ଓ ସମ୍ପର୍କର ଅବିଚ୍ଛିନ୍ନତାର ପ୍ରତୀକ। ଏହା ମାଧ୍ୟମରେ ଦୁଇ ପରିବାର ମଧ୍ୟରେ ସମ୍ମାନ ଓ ଭରସା ବଢ଼ିଥାଏ।

ଏହି ସମସ୍ତ ପର୍ବରେ "ଭାର" ନେବା କିମ୍ବା ପଠାଇବାର ପରମ୍ପରା ଆମକୁ ଏକ ମୂଳ ସତ୍ୟ-ସମ୍ପର୍କ କେବଳ ଭାବନାରେ ନୁହେଁ, କାର୍ଯ୍ୟରେ ମଧ୍ୟ ଜୀବନ୍ତ ରହେ। ସାଧାରଣ ଭାବେ ନେଇଥିବା ଫଳ କିମ୍ବା ପିଠା ମଧ୍ୟ ଅସୀମ ସ୍ନେହର ଭାଷା କହେ। ତେଣୁ ଏହାକୁ ଅର୍ଥନୈତିକ ଭାର ବୋଲି ନୁହେଁ, ବରଂ ସମ୍ପର୍କର ନିର୍ବାହ ଓ ସାମାଜିକ ଦାୟିତ୍ୱର ଅଂଶ ଭାବେ ଦେଖିବା ଉଚିତ।

ପର୍ବପର୍ବାଣୀ ମନୁଷ୍ୟଙ୍କୁ ନିକଟତର କରେ, ମନୋମାଳିନ୍ୟକୁ ଦୂର କରେ ଓ ସମ୍ପର୍କରେ ନୂତନ ପ୍ରାଣ ସଞ୍ଚାର କରେ। ଏହି ପର୍ବମାନେ ଆମକୁ ଶିଖାଏ ଯେ ସମ୍ପର୍କ ହେଉଛି

ଜୀବନର ସର୍ବପ୍ରଧାନ ସମ୍ପଦ, ଯାହାକୁ ସ୍ନେହ, ସମ୍ମାନ ଓ ଆଦର ସହିତ ରକ୍ଷା କରିବା ଆମର କର୍ତ୍ତବ୍ୟ। ଆଜିର ଆଧୁନିକ ସମାଜରେ ଯେଉଁଠାରେ ବ୍ୟକ୍ତିବାଦ ବଢୁଛି, ସେଠାରେ ଏହି ପର୍ବମାନେ ଆମକୁ ସମୂହବାଦ, ସହଯୋଗ ଓ ସମନ୍ୱୟର ମୂଲ୍ୟ ବୁଝାଏ।

ଶେଷରେ କୁହାଯାଏ, ଓଡ଼ିଆ ପର୍ବପର୍ବାଣୀ କେବଳ ଉତ୍ସବ ନୁହେଁ, ଏହା ହେଉଛି ସମ୍ପର୍କର ସେତୁ, ସମନ୍ୱୟର ଆଧାର ଓ ଶାନ୍ତିର ପଥପ୍ରଦର୍ଶକ। ଏହି ପର୍ବମାନେ ଆମକୁ ଏକ ସରଳ କିନ୍ତୁ ଗଭୀର ସନ୍ଦେଶ ଦେଇଥାଏ- ସମ୍ପର୍କକୁ ଜୀବନ୍ତ ରଖ, ଭଲପାଇବାକୁ ବଢ଼ାଅ ଓ ସମାଜରେ ସମନ୍ୱୟ ସ୍ଥାପନ କର। ତେଣୁ ଆମେ ସମସ୍ତେ ଏହି ପର୍ବପର୍ବାଣୀ ମାନଙ୍କୁ ହୃଦୟର ସହିତ ପାଳନ କରି, ସମ୍ପର୍କର ଏହି ସୁନ୍ଦର ସୂତା ଆହୁରି ଦୃଢ଼ କରିବା ଉଚିତ୍।

—୦—

ଉପସଭାପତି,
ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ

ସ୍ମାର୍ଟଫୋନ୍‌ର ବୃଦ୍ଧିଶୀଳ ପ୍ରଭାବ ଓ ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତି କମୁଥିବା ଆଗ୍ରହ

● ଡକ୍ଟର ଜୟଦେବ ଶତପଥୀ

ଆଜିର ଆଧୁନିକ ଯୁଗକୁ ବିଜ୍ଞାନ ଓ ପ୍ରଯୁକ୍ତିର ଯୁଗ ବୋଲି କୁହାଯାଏ। ସ୍ମାର୍ଟଫୋନ୍ ଆମ ଜୀବନକୁ ବହୁତ ସହଜ ଓ ଦ୍ରୁତ କରିଦେଇଛି। ସଂଯୋଗ, ଶିକ୍ଷା, ମନୋରଂଜନ, ବ୍ୟବସାୟ ପ୍ରାୟ ସମସ୍ତ କାମ ଆଜି ଏକ ଛୋଟ ମୋବାଇଲ୍ ଫୋନ୍ ମାଧ୍ୟମରେ ସମ୍ଭବ ହେଉଛି। କିନ୍ତୁ ଏହି ସୁବିଧା ସହ ଏକ ଗୁରୁତର ସାମାଜିକ ସମସ୍ୟା ମଧ୍ୟ ଦେଖାଦେଇଛି। ଆଜିର ଯୁବପିଢ଼ି ଧୀରେଧୀରେ ଖେଳକୁଦ ଓ ଶାରୀରିକ କ୍ରିୟାକଳାପରୁ ଦୂରେଇ ସ୍ମାର୍ଟଫୋନ୍ ଓ ସୋସିଆଲ ମିଡ଼ିଆରେ ଅଧିକ ସମୟ ବ୍ୟୟ କରୁଛନ୍ତି। ଏହା କେବଳ ତାଙ୍କର ଶାରୀରିକ ସ୍ୱାସ୍ଥ୍ୟକୁ ନୁହେଁ, ମାନସିକ ଓ ସାମାଜିକ ଜୀବନକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରୁଛି।

ପୂର୍ବରୁ ଛୁଆମାନେ ସ୍କୁଲ ଶେଷ ହେଲେ ସିଧାସଳଖ ଖେଳପଡ଼ିଆକୁ ଯାଉଥିଲେ। କ୍ରିକେଟ୍, ଫୁଟବଲ୍, କବାଡ଼ି, ଖୋ-ଖୋ, ଭଲିବଲ ପରି ଖେଳରେ ସେମାନେ ଘଣ୍ଟା ଘଣ୍ଟା ଧରି ମଜା କରୁଥିଲେ। ସନ୍ଧ୍ୟା ସମୟରେ ଗାଁ ଓ ସହରର ଖେଳପଡ଼ିଆ ଯୁବମାନଙ୍କ ହସ, ଉତ୍ସାହ ଓ କ୍ରୀଡ଼ା ଚେତନାରେ ମୁଖରିତ ରହୁଥିଲା। ଖେଳକୁଦ କେବଳ ମନୋରଞ୍ଜନ ନୁହେଁ, ଏହା ଶାରୀରିକ ଶକ୍ତି, ମାନସିକ ସତେଜତା ଓ ସାମାଜିକ ଏକତାର ମାଧ୍ୟମ ଥିଲା। କିନ୍ତୁ ଆଜି ସେହି ଚିତ୍ର ପୂରାପୂରି ବଦଳିଯାଇଛି। ଖେଳପଡ଼ିଆ ଖାଲି ପଡ଼ିରହୁଛି ଏବଂ ଯୁବମାନଙ୍କ ହାତରେ ସବୁବେଳେ ସ୍ମାର୍ଟଫୋନ୍ ଦେଖାଯାଉଛି।

ବର୍ତ୍ତମାନର ଯୁବପିଢ଼ି ଅଧିକ ସମୟ ସୋସିଆଲ୍ ମିଡ଼ିଆ, ଅନ୍‌ଲାଇନ୍ ଗେମ୍, ଭିଡ଼ିଓ ଓ ବିଭିନ୍ନ ମୋବାଇଲ୍ ଆପ୍ଲିକେସନରେ ବ୍ୟସ୍ତ ରହୁଛନ୍ତି। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଓ ମୋବାଇଲ୍ ଗେମ୍ ସେମାନଙ୍କୁ ଏତେ ଆକର୍ଷିତ କରୁଛି ଯେ ସେମାନେ ବାହାରେ ଖେଳିବାର ଆବଶ୍ୟକତାକୁ ମଧ୍ୟ ଭୁଲିଯାଉଛନ୍ତି। ସ୍ମାର୍ଟଫୋନ୍ ମନୋରଂଜନକୁ ହାତର ମୁଠିରେ ଆଣିଦେଇଥିବାରୁ ଯୁବମାନେ ଘର ଭିତରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି। ଫଳରେ ଶାରୀରିକ କ୍ରିୟାକଳାପ କମିଯାଉଛି ଓ ଖେଳକୁଦ ପ୍ରତି ଆଗ୍ରହ ଧୀରେଧୀରେ ହ୍ରାସ ପାଉଛି।

ଏହି ସମସ୍ୟାର ଏକ ପ୍ରମୁଖ କାରଣ ହେଉଛି ସ୍ମାର୍ଟଫୋନ୍‌ର ସହଜ ଉପଲବ୍ଧତା। ଆଜି ପ୍ରାୟ ପ୍ରତ୍ୟେକ ଯୁବକଙ୍କ ହାତରେ ଏକ ଆଣ୍ଡ୍ରଏଡ୍ ଫୋନ୍ ରହିଛି। ଶସ୍ତା ଇଣ୍ଟରନେଟ୍ ସେବା ଓ ଅସୀମିତ ଡାଟା ଯୋଗୁଁ ସେମାନେ ଘଣ୍ଟା ଘଣ୍ଟା ଧରି ଅନ୍‌ଲାଇନ୍‌ରେ ସମୟ ବ୍ୟତୀତ କରୁଛନ୍ତି। ଏହା ସହିତ ପଢ଼ାର ଚାପ ମଧ୍ୟ ଯୁବମାନଙ୍କୁ ଖେଳକୁଦରୁ ଦୂରେଇ ଦେଉଛି। ଅନେକ ଅଭିଭାବକ କେବଳ ପଢ଼ା ଓ ରୋକିଠିକୁ ଗୁରୁତ୍ୱ ଦେଇ ଖେଳକୁ ସମୟର ଅପଚୟ ବୋଲି ଭାବୁଛନ୍ତି। ଏହା ଫଳରେ ପିଲାମାନେ ମଧ୍ୟ ଖେଳପଡ଼ିଆ ପ୍ରତି ଆଗ୍ରହ ହରାଇବାକୁ ଲାଗୁଛନ୍ତି।

ସହରାଞ୍ଚଳରେ ଯେପରି ଏହି ସମସ୍ୟା ବଢୁଛି, ଗ୍ରାମାଞ୍ଚଳରେ

ମଧ୍ୟ ସେହି ପରିସ୍ଥିତି ଦେଖାଯାଉଛି । ପୂର୍ବରୁ ଗାଁର ଖେଳପଡ଼ିଆ ଗୁଡ଼ିକ ସଦା ଯୁବମାନଙ୍କର କ୍ରୀଡ଼ା କୋଳାହଳରେ ମୁଖରିତ ରହୁଥିଲା । ସକାଳ ଓ ସନ୍ଧ୍ୟାବେଳେ ଛୋଟ ପିଲାଠାରୁ ଯୁବକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ମିଶି ଖେଳୁଥିଲେ । ଗ୍ରାମ ଜୀବନର ଏକ ସ୍ୱାଭାବିକ ଅଂଶ ଥିଲା ଖେଳକୁଦ । ଖେଳପଡ଼ିଆ କେବଳ ମନୋରଞ୍ଜନର ସ୍ଥାନ ନୁହେଁ, ଏହା ମିତ୍ରତା, ଏକତା ଓ ସାମାଜିକ ସମ୍ପର୍କର କେନ୍ଦ୍ରସ୍ଥଳ ଥିଲା । କିନ୍ତୁ ଆଜି ସେହି ଖେଳପଡ଼ିଆ ଧୀରେଧୀରେ ଶୂନ୍ୟ ହୋଇଯାଇଛି । ଯେଉଁଠାରେ ପୂର୍ବେ ଯୁବକମାନଙ୍କର ହସ ଓ ଉତ୍ସାହ ଶୁଣିବାକୁ ମିଳୁଥିଲା, ସେଠାରେ ଆଜି ନିରବତା ଦେଖାଯାଉଛି ।

ଗ୍ରାମାଞ୍ଚଳରେ ମଧ୍ୟ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍‌ର ଦ୍ରୁତ ପ୍ରସାର ଏହି ସମସ୍ୟାକୁ ଅଧିକ ଗଭୀର କରିଛି । ଆଗରୁ ଗାଁରେ ମୋବାଇଲ୍ ଫୋନ୍‌ର ବ୍ୟବହାର ସୀମିତ ଥିଲା କିନ୍ତୁ ବର୍ତ୍ତମାନ ପ୍ରାୟ ପ୍ରତ୍ୟେକ ଯୁବକଙ୍କ ହାତରେ ସ୍ମାର୍ଟଫୋନ୍ ରହିଛି । ଶସ୍ତା ଇଣ୍ଟରନେଟ୍ ସେବା ଯୁବମାନଙ୍କୁ ଫୋନ୍ ପ୍ରତି ଅଧିକ ଆକର୍ଷିତ କରୁଛି । ସେମାନେ ଘଣ୍ଟା ଘଣ୍ଟା ଧରି ରିଲ୍ସ ଦେଖୁଛନ୍ତି, ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି ଓ ଭର୍ଚୁଆଲ୍ ଜଗତରେ ମଗ୍ନ ରହୁଛନ୍ତି । ଏହାର ଫଳରେ ସେମାନଙ୍କର ଖେଳପଡ଼ିଆ ପ୍ରତି ଆଗ୍ରହ କମିଯାଉଛି ।

ସ୍ମାର୍ଟଫୋନ୍‌ର ଅତ୍ୟଧିକ ବ୍ୟବହାର ଯୁବମାନଙ୍କ ଶାରୀରିକ ସ୍ୱାସ୍ଥ୍ୟକୁ ଗଭୀର ଭାବେ ପ୍ରଭାବିତ କରୁଛି । ସେମାନେ ଅଳସୁଆ ହୋଇଯାଉଛନ୍ତି ଓ ଶାରୀରିକ କ୍ଷମତା କମିଯାଉଛି । ଦୀର୍ଘ ସମୟ ଫୋନ୍ ବ୍ୟବହାର କରିବାରୁ ଚକ୍ଷୁର ସମସ୍ୟା, ମୁଣ୍ଡବ୍ୟଥା, ମୋଟାପଣ ଓ ମାନସିକ ଚାପପରି ବିଭିନ୍ନ ସମସ୍ୟା ଦେଖାଯାଉଛି । ଖେଳକୁଦ ଶରୀରକୁ ସୁସ୍ଥ ଓ ସେଚତନ ରଖିଥାଏ, କିନ୍ତୁ ସ୍ମାର୍ଟଫୋନ୍ ମଣିଷକୁ ନିଷ୍କ୍ରିୟ କରିଦେଉଛି । ଅନେକ ଯୁବକ ଏବେ ଅଳ୍ପ ବୟସରୁ ଦୁର୍ବଳତା ଓ ମାନସିକ ଅସ୍ଥିରତାର ସମସ୍ୟା ଭୋଗୁଛନ୍ତି ।

ଏହାର ମାନସିକ ପ୍ରଭାବ ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ । ସୋସିଆଲ୍ ମିଡ଼ିଆରେ ଅଧିକ ସମୟ କାଟିବାରୁ ଅନେକ ଯୁବକଯୁବତୀ ଚିନ୍ତା, ଏକାକୀପଣ ଓ ଅବସାଦରେ ପଡୁଛନ୍ତି । ଅନ୍‌ଲାଇନ୍ ଗେମ୍‌ର ନିଶା ସେମାନଙ୍କର ପଢ଼ା ଓ ଭବିଷ୍ୟତକୁ ପ୍ରଭାବିତ କରୁଛି । କିଛି ଯୁବକ ଏତେ ଅଧିକ ଫୋନ୍‌ରେ ମଗ୍ନ ହୋଇଯାନ୍ତି ଯେ ପରିବାର ସଦସ୍ୟଙ୍କ ସହ କଥା ହେବା ପାଇଁ ମଧ୍ୟ ସମୟ ମିଳୁନାହିଁ । ଏହା ସାମାଜିକ ସମ୍ପର୍କକୁ ଦୁର୍ବଳ କରୁଛି ଓ ମାନବୀୟ ମୂଲ୍ୟବୋଧକୁ କ୍ଷତିଗ୍ରସ୍ତ କରୁଛି । ଖେଳକୁଦ ମାନବ ଜୀବନର ଏକ ଅବିଭାଜ୍ୟ ଅଂଶ । ଏହା କେବଳ ଶରୀରକୁ ସୁସ୍ଥ ରଖେନାହିଁ ବରଂ ଶିଷ୍ଟାଚାର, ନେତୃତ୍ୱ ଦଳୀୟ ଭାବନା ଓ ଆତ୍ମବିଶ୍ୱାସ ଶିଖାଏ । ଯେଉଁ ଯୁବପିଢ଼ିମାନେ ନିୟମିତ ଖେଳକୁଦରେ ଭାଗ ନିଅନ୍ତି, ସେମାନେ ସାଧାରଣତଃ ଅଧିକ ସୁସ୍ଥ, ସକରାତ୍ମକ ଓ ଆତ୍ମନିର୍ଭର ହୋଇଥାନ୍ତି । ଖେଳ ମନକୁ ଚାପମୁକ୍ତ କରେ ଓ ଜୀବନରେ ନୂତନ ଉତ୍ସାହ ଆଣେ । ଏହା ସହ ଖେଳ ଯୁବପିଢ଼ିମାନଙ୍କୁ ମଦ୍ୟପାନ, ନିଶା ଓ ଅନ୍ୟାନ୍ୟ ଖରାପ ଅଭ୍ୟାସରୁ ଦୂରେଇ ରଖେ ।

ଗ୍ରାମ ସମାଜରେ ଖେଳପଡ଼ିଆ ଖାଲି ହେବାର ଫଳରେ ସାମାଜିକ ଏକତା ମଧ୍ୟ କମିଯାଉଛି । ପୂର୍ବରୁ ଖେଳ ମାଧ୍ୟମରେ ଯୁବମାନେ ଏକତା, ଭାଇଚାରା ଓ ସହଯୋଗ ଶିକ୍ଷା ପାଉଥିଲେ । ଖେଳ ସେମାନଙ୍କୁ ସହନଶୀଳତା ଓ ସମ୍ମାନର ମୂଲ୍ୟ ଶିଖାଉଥିଲା । ଏବେ ମୋବାଇଲ୍‌ରେ ବ୍ୟସ୍ତ ରହିବାରୁ ସାମାଜିକ ମିଳନ କମିଯାଉଛି । ଅନେକ ଯୁବକ ଏକାକୀ ଓ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଉଛନ୍ତି । ଏହା ଗ୍ରାମୀଣ ସାମାଜିକ ଜୀବନର ସ୍ୱାଭାବିକ ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି । ଏହି ସମସ୍ୟାର ଦୀର୍ଘମିଆଦି ପ୍ରଭାବ ମଧ୍ୟ ଗଭୀର ହୋଇପାରେ । ଯଦି ଯୁବପିଢ଼ି ଖେଳକୁଦରୁ ଦୂରେଇ ଯାଏ, ତେବେ ଭବିଷ୍ୟତରେ ଭଲ କ୍ରୀଡାବିତ୍ ମିଳିବା କଷ୍ଟକର ହେବ । ଗ୍ରାମାଞ୍ଚଳରୁ ଅନେକ ପ୍ରତିଭାଶାଳୀ ଖେଳାଳି ଦେଶକୁ ଗୌରବାନ୍ୱିତ କରିଛନ୍ତି । କିନ୍ତୁ ଏଭଳି ପରିସ୍ଥିତି ଚାଲିଥିଲେ ଗ୍ରାମର ଲୁକ୍କାୟିତ ପ୍ରତିଭା ନଷ୍ଟ ହୋଇଯିବ । ଏହା ସହ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ମଧ୍ୟ ଅଧିକ ଚାପ ପଡ଼ିପାରେ, କାରଣ ଅସୁସ୍ଥ ଯୁବପିଢ଼ି କୌଣସି ଦେଶ ପାଇଁ ଭଲ ସଙ୍କେତ ନୁହେଁ ।

ଏହି ସମସ୍ୟାର ସମାଧାନ ପାଇଁ ସମସ୍ତଙ୍କୁ ସଚେତନ ହେବା ଦରକାର । ପ୍ରଥମେ, ଅଭିଭାବକମାନେ ଶିଶୁମାନଙ୍କର ସ୍ମାର୍ଟଫୋନ୍ ବ୍ୟବହାରରେ ସୀମା ନିର୍ଦ୍ଧାରଣ କରିବା ଉଚିତ୍ । ସେମାନଙ୍କୁ ଖେଳକୁଦ ଓ ବାହାର କାର୍ଯ୍ୟକଳାପ ପ୍ରତି ଉତ୍ସାହିତ କରିବା ଆବଶ୍ୟକତା ସ୍କୁଲ ଓ କଲେଜରେ ନିୟମିତ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯିବା ଦରକାର । ସରକାର ମଧ୍ୟ ପ୍ରତ୍ୟେକ ଗ୍ରାମ ଓ ସହରରେ ଖେଳପଡ଼ିଆ ସୁରକ୍ଷା ଓ ଉନ୍ନତି କରିବା ଉଚିତ । ଗ୍ରାମସ୍ତରରେ କ୍ରୀଡ଼ା ଟୁର୍ଣ୍ଣାମେଣ୍ଟ ଆୟୋଜନ କଲେ ଯୁବପିଢ଼ିମାନଙ୍କ ମନରେ ପୁଣିଥରେ ଖେଳ ପ୍ରତି ଆଗ୍ରହ ବଢ଼ିପାରେ ।

ଯୁବପିଢ଼ିମାନେ ନିଜେ ମଧ୍ୟ ବୁଝିବା ଦରକାର ଯେ ସ୍ମାର୍ଟଫୋନ୍ ଜୀବନର ଏକ ଅଂଶ ମାତ୍ର ସମଗ୍ର ଜୀବନ ନୁହେଁ । ପ୍ରଯୁକ୍ତିକୁ ସଠିକ୍

ଭାବରେ ବ୍ୟବହାର କରିବା ଦରକାର, କିନ୍ତୁ ତାହାର ଦାସ ହୋଇଯିବା ଉଚିତ୍ ନୁହେଁ। ଦିନର କିଛି ସମୟ ଖେଳକୁଦ, ବ୍ୟାୟାମ୍ ଓ ବାହାର କାର୍ଯ୍ୟକଳାପ ପାଇଁ ରଖିବା ଆବଶ୍ୟକ। ଯଦି ଯୁବପିଢ଼ି ପୁଣିଥରେ ଖେଳପଡ଼ିଆକୁ ଫେରିବେ, ତେବେ ସେମାନଙ୍କ ଶରୀର ସୁସ୍ଥ ହେବ, ମନ ପ୍ରସନ୍ନ ରହିବ ଓ ସମାଜ ଅଧିକ ସକ୍ରିୟ ହେଇଉଠିବ।

ଶେଷରେ କୁହାଯାଇପାରେ ଯେ ସ୍ମାର୍ଟଫୋନ୍ ଆମ ପାଇଁ ଉପକାରୀ ହେଲେ ମଧ୍ୟକ ଏହାର ଅତ୍ୟଧିକ ବ୍ୟବହାର ଯୁବପିଢ଼ିଙ୍କୁ ଖେଳକୁଦ ଓସୁସ୍ଥ ଜୀବନରୁ ଦୂରେଇ ଦେଉଛି। ଆଜି ଗାଁ ଓ ସହରର ଅନେକ ଖେଳପଡ଼ିଆ ଖାଲି ପଡ଼ିରହିଛି, ଯାହା ସମାଜ ପାଇଁ ଚିନ୍ତାଜନକ ଚିତ୍ର। ତେଣୁ ପ୍ରଯୁକ୍ତି ଓ ଖେଳକୁଦ ମଧ୍ୟରେ ସନ୍ତୁଳନ ରଖିବା ଆବଶ୍ୟକ। ଯୁବମାନେ ଯଦି ପୁଣିଥରେ ଖେଳପଡ଼ିଆକୁ ଫେରନ୍ତି, ତେବେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ଓ ଦେଶ ଏକ ସୁସ୍ଥ ଓ ସଶକ୍ତ ଯୁବପିଢ଼ି ପାଇବ।

—୦—

ସଭାପତି
ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ

ନାରୀର ଜୀବନ

● ସଙ୍ଗୀତା ସେଠୀ

ଝିଅଟିଏ ନିଜ ବାପାଙ୍କୁ ପଚାରିଲା- ବାପା, ଘର ଭିତରେ ଥିବା ଫୁଲଗଛକୁ ନେଇ ବାହାର ବଗିଚାରେ ଲଗାଇଲେ କେମିତି ହୁଅନ୍ତା। ବାପା ଚିନ୍ତାକରି କହିଲେ- ମାଆଲୋ, ଗଛ ପରା ଚାରିବର୍ଷର ହେଇଗଲାଣି... ସେ କ'ଣ ନୂଆ ମାଟିରେ ଏବେ ବଢ଼ି ପାରିବ, ଢଳି ଜୀବନି... ବାପା ଆଉ ଗୋଟେ ଫୁଲଗଛ ୨୨ ବର୍ଷ ହେଲା ତୁମ ବଗିଚାରେ ବଢୁଛି। ତାକୁ କେମିତି ପର ଘରକୁ ଠେଲି ଦେଉଛ। ନୂଆ ମାଟିରେ ସେ ଢଳି ଜୀବନି... ବାପା କିଛି ସମୟ ଚିନ୍ତାକରି କହିଲେ, "ମାଆରେ ପୂରା ସଂସାରରେ ଭଗବାନ ଏହି କଠିନ ଶକ୍ତି କେବଳ ନାରୀକୁ ଦେଇଛନ୍ତି ନାରୀ କଳ୍ପବୃକ୍ଷ ସଦୃଶ ନିଜେ ସେ ନୂଆ ପରିସ୍ଥିତିରେ ନିଜକୁ ଢଳେଇ ଅନ୍ୟର ସେବା କରି ଚାଲିଥାଏ। ସ୍ନେହ, ମମତାର ଡୋରି ଲଗେଇ ଜୀବନସାରା ଅନ୍ୟ ପାଇଁ ବଞ୍ଚିଥାଏ। ତେଣୁ ନାରୀକୁ ଦେବୀଙ୍କ ସହିତ ତୁଳନା କରାଯାଇଛି।

—୦—

ଦଶମଶ୍ରେଣୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ
ସିଂହାପୁର, ଯାଜପୁର

ଶିକ୍ଷା

❤ ଉଷାରାଣୀ ରାଉତ

ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ। ସମୟ ପ୍ରାଣୀ ମାନଙ୍କ ଠାରୁ ପୃଥକ। ମନୁଷ୍ୟର ମନ ଓ ଚେତନା ଶକ୍ତି ତାକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛି। ସ୍ରଷ୍ଟାଙ୍କର କ୍ରମବିକାଶ ଧାରାରେ ମନୁଷ୍ୟର ଚେତନା ଶକ୍ତିର ବିକାଶ ପ୍ରତି ମୁହୂର୍ତ୍ତରେ ଘଟିଛି। ଏହି ବିକାଶରେ ଶିକ୍ଷା ବା ବିଦ୍ୟା ସହାୟକ ହୋଇଥାଏ ମାନବ ଶିଶୁ ଜନ୍ମ ଲାଭ କରିବା ସଙ୍ଗେ ସଙ୍ଗେ ତା'ର ଶିକ୍ଷା ଆରମ୍ଭ ହୋଇଯାଏ। ସେ ତା'ର ମା'କୁ ପ୍ରଥମେ ଚିହ୍ନେ। ତାର ଆଦର, ଯତ୍ନ ତାର ଅଜାଣତରେ ଅନୁଭବ କରେ। ମା'ର ଆଚରଣ ତାକୁ ପ୍ରଭାବିତ କରେ। ପରବର୍ତ୍ତୀ ସମୟରେ ପିତା, ଭାଇ, ଭଉଣୀ, ସାଙ୍ଗସାଥୀ ଓ ଅନ୍ୟମାନଙ୍କ ସଂପର୍କରେ ଆସେ। ସେମାନଙ୍କ ଠାରୁ ଶିକ୍ଷାଲୋକରେ ଆଲୋକିତ ହୁଏ। ପରବର୍ତ୍ତୀ ସମୟରେ ଶିକ୍ଷାନୁଷ୍ଠାନକୁ ବିଦ୍ୟାଧ୍ୟୟନ ନିମନ୍ତେ ଯାଏ। ମାନବ ଶିଶୁର ଏକ ଅପରିହାର୍ଯ୍ୟ କାର୍ଯ୍ୟ ଶିକ୍ଷା। ଏହି ଶିକ୍ଷା କେବଳ ବିଦ୍ୟାଳୟ ମାନଙ୍କରେ ପ୍ରାୟ ହୁଏ ନାହିଁ। ଶିକ୍ଷା ପ୍ରାପ୍ତ ହୁଏ ସବୁ କ୍ଷେତ୍ରରେ। ସବୁ ସମୟରେ। ବିଦ୍ୟାଧ୍ୟୟନ କରିବାର କ୍ଷେତ୍ର ବ୍ୟାପକ। ପ୍ରତ୍ୟେକ ସ୍ଥାନ, ବସ୍ତୁ ପ୍ରାଣୀଙ୍କ ଠାରୁ ଶିକ୍ଷା ପାଇବା ପାଇଁ ଯଥେଷ୍ଟ ଉପାଦାନ ରହିଛି। ଶ୍ରୀମଦଭାଗବତରେ ଅବଧୂତ ମୁନିଙ୍କର ୨୪ ଜଣ ଗୁରୁଥିଲେ। ବୃକ୍ଷ, ସର୍ପ, କପୋତ, ପକ୍ଷୀଥିଲେ। ଅଧୁନା ଶିକ୍ଷାପ୍ରଦାନ ପାଇଁ ଶହ ଶହ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି। ଶିକ୍ଷକ ବା ଅଧ୍ୟାପକ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ବିଷୟରେ ଶିକ୍ଷା ବା ତାଲିମ୍ ପ୍ରଦାନ କରିଥାନ୍ତି। ଶିକ୍ଷା ପ୍ରାପ୍ତିର ପ୍ରମାଣ ସ୍ୱରୂପ ପ୍ରମାଣ ପତ୍ର ବା ସାର୍ଟିଫିକେଟ୍ ଛାତ୍ରଛାତ୍ରୀ ଲାଭ କରିଥାନ୍ତି। ଏହି ପ୍ରମାଣ ବଳରେ ସେ ବିଭିନ୍ନ ବୃତ୍ତି ବା ଚାକିରିରେ ଯୋଗଦାନ କରି ଧନ ଅର୍ଜନ କରିଥାନ୍ତି ଏବଂ ସୁଖରେ ଜୀବନଯାପନ କରିବାକୁ ପ୍ରୟାସ କରେ। ତେଣୁ ଏହି ପ୍ରମାଣପତ୍ର ହାସଲ କରିବା ତା'ର ଲକ୍ଷ୍ୟ ହୋଇଯାଏ। ଛାତ୍ରଟି କଠିନ ପ୍ରରିଶ୍ରମ ବିନା ଏହା କିପରି ଲାଭ କରିବ ସେଥିପାଇଁ ସେ ଅସତ୍ ଉପାୟରେ ସାହାରା ନିଏ। ଏଥିପାଇଁ ତା'ର ପିତାମାତା ଅଭିଭାବକ ଯଥେଷ୍ଟ ସାହାଯ୍ୟ କରିଥାନ୍ତି। ଶିକ୍ଷକଟି ମଧ୍ୟ ଏହି କାର୍ଯ୍ୟରେ ସଂପୃକ୍ତ ହୋଇଥାନ୍ତି। ମନ ପୂର୍ଣ୍ଣ ଜ୍ଞାନ ଓ ଅନ୍ତର ଆତ୍ମା ବିଶୁଦ୍ଧ ତଥା ଯଥାର୍ଥ ପ୍ରେମର ବାହକ ହେବେ।

—୦—

ଦଶମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ଜେନାପୁର, ଯାଜପୁର

ସଂଘର୍ଷମୟ ଜୀବନ

● ସଂଯୁକ୍ତା ପାତ୍ର

ଜୀବନର ସଂଘର୍ଷ ପ୍ରତ୍ୟେକ ଲୋକଙ୍କ ପାଇଁ ଅଲଗା ହେଉଥିଲେ ମଧ୍ୟ ସମସ୍ତଙ୍କ ଜୀବନରେ ଏକ ଅଂଶ ଅଟେ। କେତେବେଳେ ଆମେ ଯେପରି ଭାବୁଥାଉ ସେପରି କିଛି ହୋଇନଥାଏ। ପ୍ରୟାସ ବ୍ୟର୍ଥ ଲାଗେ। ବିଫଳତା ପଛୁଆଇ ରହେ ଏବଂ ଭବିଷ୍ୟତ ଅନିଶ୍ଚିତ ଲାଗେ। ସେହି ସମୟରେ ମନ ଭାଙ୍ଗିଯାଏ ଏବଂ ଲାଗେ ଯେ ସବୁ କିଛି ବୋଝ ହୋଇଗଲା। କିନ୍ତୁ ସଂଘର୍ଷ କେବଳ କଷ୍ଟ ନୁହେଁ। ଏହା ଆମକୁ ଶକ୍ତିଶାଳୀ, ଧୈର୍ଯ୍ୟଶୀଳ ଏବଂ ବୁଦ୍ଧିମାନ କରେ ପ୍ରତ୍ୟେକ ସମସ୍ୟା ଆମକୁ କିଛି ନା କିଛି ଶିଖାଏ। ଯଦିଓ ସେଥିରୁ ଶିକ୍ଷା ସତେଜ ଭାବେ ଦେଖାଯାଏ ନାହିଁ। ବିପଦରେ ମଧ୍ୟ ଯେଉଁମାନେ ଆଗକୁ ବଢ଼ନ୍ତି। ସେମାନେ ନିଜର ଭିତରର ଶକ୍ତିକୁ ଚିହ୍ନିପାରନ୍ତି। ଶେଷରେ ସଂଘର୍ଷ ହେଉଛି ସେହି ଅନୁଭବ ଯାହା ସଫଳତାକୁ ମୂଲ୍ୟବାନ୍ କରେ। ଯଦି ସଂଘର୍ଷ ନଥାନ୍ତା, ତେବେ ସଫଳତାର ଆନନ୍ଦ ମଧ୍ୟ ଅନୁଭବ ହୋଇନଥାଆନ୍ତା। ଯଦିଓ ଏହା କେବେ କେବେ ବେଦନାଦାୟକ ଏବଂ କ୍ଲାନ୍ତିକର ହୁଏ ତଥାପି ଏହା ଆମକୁ ଭଲ ଦିନ ପାଇଁ ପ୍ରସ୍ତୁତ କରେ।

—o—

ଦଶମଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଜେନାପୁର, ଯାଜପୁର

ନିଜ ଜୀବନ ନିଜ ହାତରେ

● ସ୍ୱାଧୀନ ବାରିକ

ସମସ୍ତ ପିଲା ନିଜର ବାଲ୍ୟ କାଳରୁ ନିଜ ଜୀବନ ପାଇଁ ଏକ ସ୍ୱପ୍ନ ଦେଖିଥାନ୍ତି। ଯେମିତିକି କହନ୍ତି ମୁଁ ଡାକ୍ତର ହେବି। ଇଞ୍ଜିନିୟର ହେବି, ଆଇ.ପି.ଏସ୍. ଓ ଆଇ.ଏ.ଏସ୍. ହେବି। ସମସ୍ତ ପିଲା ଏହିପରି କୁହନ୍ତି, ସେହିପରି ଜଣେ ପିଲା ଥିଲା 'ରାଜୁ'। ରାଜୁ ପିଲାବେଳେ ବହୁତ ଭଲ ପାଠ ପଢ଼େ ଏବଂ ଶ୍ରେଣୀର ପ୍ରଥମ ସ୍ଥାନ ମଧ୍ୟ ଅଧିକାର କରେ। ତାର ମଧ୍ୟ ଏକ ସ୍ୱପ୍ନ ଥିଲା ରାଜୁକୁ ଯିଏ ବି ପଚାରେ ତୁ ଭବିଷ୍ୟତରେ କ'ଣ କରିବାକୁ ଚାହୁଁ? ସେ କହେ ମୁଁ "ପୋଲିସ୍" ହେବି। ଧୀରେ ଧୀରେ ସମୟର ଚକ ଗଡ଼େ। ରାଜୁ ତାର ଯୌବନ ସମୟରେ ପହଞ୍ଚେ ଏବଂ ସେତ ଭେଟ କରେ ତା'ର ନୂତନ ସାଙ୍ଗ। ସାଙ୍ଗ ଯେ କି ଜୀବନରେ ସଫଳ ହେବାରେ ସାହାଯ୍ୟ କରେ ଏବଂ ସାଙ୍ଗ ଯେକି ଜୀବନକୁ ଧୂଳିସାତ୍, ନଷ୍ଟ ମଧ୍ୟ କରିପାରେ ରାଜୁ ଏହିପରି ସାଙ୍ଗକୁ ଭେଟେ। ତାଙ୍କ ସହ ମିଶି ସେ ମଧ୍ୟ ଖରାପ ରାସ୍ତାକୁ ଗତି କରେ ସିଗାରେଟ୍ ଟାଣେ ଫିଲ୍ମ ଦେଖିଯାଏ। ଏହିପରି ଭାବରେ ସମୟ ଅତିବାହିତ କରେ ଏବଂ ତାର ଲକ୍ଷ୍ୟ ଠାରୁ ଦୂରକୁ ଗତି କରେ। ଯେ କୌଣସି ସମୟରେ ସେ ତାର ସଫଳତା ପାଇଁ ଚେଷ୍ଟା କରେ। ସେଥିରେ ବିଫଳ ହୁଏ ଏବଂ ତାର ବୟସ ସରିଯାଏ। ସେ ତାର ଲକ୍ଷ୍ୟ ବା ସ୍ୱପ୍ନକୁ ପୂର୍ଣ୍ଣ କରିପାରେ ନାହିଁ। ଯେତେବେଳେ ସେ ସବୁକିଛି ବୁଝିପାରେ ନିଜକୁ ଓ ତାର ସାଙ୍ଗ ସ୍ୱରୂପ ଶତ୍ରୁକୁ ଧିକ୍କାର କରି ହୁଏ।

ଉପାୟ:- ରାଜୁ ଯଦି ସେହି ସମୟରେ ଠିକ୍ ସାଙ୍ଗ ଚୟନ କରିଥାନ୍ତା ତେବେ ନିଜ ମସ୍ତିଷ୍କକୁ ସ୍ଥିର କରି ନିଜ ଲକ୍ଷ୍ୟପଛରେ ଯାଇଥାନ୍ତା ତେବେ ସେ ତାର ଜୀବନକୁ ସାର୍ଥକ କରିପାରିଥାନ୍ତା ଏବଂ ଏକ ସଫଳ ନାଗରିକ ଭାବରେ ସମାଜରେ ପରିଗଣିତ ହୋଇଥାନ୍ତା।

ଶିକ୍ଷା:- ସମସ୍ତ ପିଲାଙ୍କୁ ନିଜର ବାଲ୍ୟ କାଳରୁ ଏକ ଲକ୍ଷ୍ୟ ରଖିବା ଆବଶ୍ୟକ। ସେ ସ୍ୱପ୍ନକୁ ଯେ କୌଣସି ପରିସ୍ଥିତିରେ ମଧ୍ୟ ହାସଲ କରିବା ଦରକାର। ସମୟ ସହିତ ନିଜକୁ ଚଳାଇବା ଆବଶ୍ୟକ ଏବଂ ସାଙ୍ଗ ଯାହା ଏକ ପବିତ୍ର ବନ୍ଧନ ତାକୁ କଳୁଷିତ କରିବା ସଠିକ୍ କାର୍ଯ୍ୟ ନୁହେଁ।

—o—

ଛାତ୍ର
କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ
କବାଟବନ୍ଧ, ଯାଜପୁର

ସମୟ

● ମାମାଲି ବାରିକ

ସମୟର ତାଳରେ ଜୀବନର ଚକ ଗତିକରି ଚଲିଥାଏ । ସମୟ କେବେ କାହାକୁ ଅପେକ୍ଷା କରିନଥାଏ ସେ ତା'ର ନିଜ ଗତିରେ ଚଲିଥାଏ । କେବେ କାହାର ଖରାପ ସମୟତ କେବେ କାହାର ଭଲ ସମୟ ଚଲିଥାଏ । ଆଜିକାଲି ବ୍ୟସ୍ତ ବହୁଳ ଜୀବନରେ ସମୟ ଅତ୍ୟଧିକ ମୂଲ୍ୟବାନ୍ ଅଟେ ସମୟକୁ ଯିଏ ସଠିକ୍ ଭାବରେ ଉପଯୋଗ କରିନଥାଏ । ସେ ତା'ର ଜୀବନ ଯୁଦ୍ଧରେ କେବେବି ସଫଳ ହୋଇ ନଥାଏ । ଆଉ ସମୟ ସହିତ ତାଳ ଦେଇ ଚଲିପାରି ନଥାଏ । ସଫଳତା ତା'ଠାରୁ ବହୁ ଦୂରରେ ଥାଏ ତାକୁ କେବେ ସଫଳତା ମିଳିନଥାଏ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଜର କାର୍ଯ୍ୟ ସମାପନ କରିବା ହିଁ ସମାୟାନୁବର୍ତ୍ତିତା । ମୂଲ୍ୟବାନ ସମୟର ସଦ୍ ବ୍ୟବହାର ପାଇଁ ପ୍ରତ୍ୟେକ ଯତ୍ନବାନ୍ ହେବା ଉଚିତ୍ । ସମୟ କେବେ କାହାପାଇଁ ଅପେକ୍ଷା କରିନଥାଏ ସେ ତାର ନିଜ ଗତିରେ ହିଁ ଚଲିଥାଏ ।

ପୃଥିବୀ ପୃଷ୍ଠରେ ମନୁଷ୍ୟ ଜନ୍ମ ହେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା'ର ଜୀବନ କାଳ ମଧ୍ୟରେ ସମୟଠାରୁ ଅନେକ କିଛି ଶିକ୍ଷାଲାଭ କରାଯାଇଥାଏ । ସୂର୍ଯ୍ୟ ଚନ୍ଦ୍ରର ଉଦୟ ଅସ୍ତ ଠାରୁ ଋତୁ ଚକ୍ରର ଆବର୍ତ୍ତନ ସବୁ ଓ ନିୟମରେ ବନ୍ଧା । ମୂର୍ଖ ବା ଅଜ୍ଞାନ ସମୟର ମୂଲ୍ୟ ବୁଝେନାହିଁ । ଆଳସ୍ୟରେ ସମୟ ଅତିବାହିତ କରିଥାଏ । ମାତ୍ର ସମୟ ନଷ୍ଟ କରି ସେ ଯେଉଁ ଭୁଲ୍ କରି ବସେ ତା'ର ଆଉ ସଂଶୋଧନ ପରବର୍ତ୍ତୀ ସମୟରେ ହୋଇ ପାରିନଥାଏ । ସମୟର ମୂଲ୍ୟ ସେହି କେବଳ ବୁଝି ପାରିବ ଯେ ଠିକ୍ ସମୟରେ ଏକାଗ୍ରତାରେ ନ ପହଞ୍ଚିପାରିବ ଫଳରେ ଗତି ଫେଲ୍ ହୋଇଯାଇଥାଏ ।

ଆଜିର ଦ୍ରୁତ ବିକାଶଶୀଳ ପୃଥିବୀରେ ମନୁଷ୍ୟ ପାଖରେ ସବୁକିଛି ଅଛି ହେଲେ ସମୟର ଘୋର ଅଭାବ ରହିଛି । ସମୟ ବହୁତ ମୂଲ୍ୟବାନ ସମୟକୁ ସଦାସର୍ବଦା ଗୁରୁତ୍ୱ ଦେବା ଉଚିତ୍ ।

—o—

ସଦସ୍ୟା
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

"ସତ୍ୟ ମେବ ଜୟତେ"

● ପ୍ରିୟଙ୍କା ପ୍ରିୟଦର୍ଶିନୀ ଶତପଥୀ

ପୃଥିବୀ ସର୍ଜ୍ଜନା ହେବା ଦିନଠାରୁ ମାନବ ସମାଜ ତେଲ ଲୁଣ ଦୁନିଆରେ ଦୁଃଖେ ସୁଖେ ଚଳି ଆସୁଅଛି। ପ୍ରତ୍ୟେକ ଜୀବ ଜଗତ ପ୍ରକୃତିର ନିୟମାନୁଯାୟୀ ଅଦ୍ୟାବଧି ଦୈନିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ପୃଥିବୀରେ ଯେତେ ଗୁଡ଼ିଏ ପ୍ରାଣୀ ଅଛନ୍ତି। ମାନବ ସବୁଠାରୁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ବୁଦ୍ଧି, ବିବେକ, ଜ୍ଞାନ ଇତ୍ୟାଦି ସଂପୂର୍ଣ୍ଣ ଭିନ୍ନ। ସେଥିପାଇଁ ଭାଗବତରେ ଉଲ୍ଲିଖିତ ଅଛି-

"ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ
ଦେଖି ସନ୍ତୋଷ ଭଗବାନ।"

ବେଦ, ବେଦାନ୍ତ, ଉପନିଷଦ, ସଂହିତା, ପୁରାଣ, କାବ୍ୟ ଇତ୍ୟାଦିରେ ଜ୍ଞାନାଲୋକ ଏ ମାନବ ସମାଜକୁ ସତ୍‌ମାର୍ଗରେ ସମସ୍ତ କାର୍ଯ୍ୟକୁ ଲିପ୍ତ କରିବାକୁ କେତେକ ଉକ୍ତି ପତ୍ୟୁକ୍ତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି। ଦୁନିଆର ଦୁଇପାଖରେ ନିଆଁରେ ରହି ଆମ୍ଭେ ସମସ୍ତେ କାଳାତିପାତ କରୁଅଛୁ। କାଳକବଳ ଏ ଜଗତକର ଲୋକେ ନିଜର ଭୂମିକାରେ ଅବତୀର୍ଣ୍ଣ ହୋଇ ରଙ୍ଗମଞ୍ଚରେ ଗୋଟିଏ ଗୋଟିଏ କଳାକାର। ମିଛ ସତ ଦୁନିଆଁରେ ବାଲ୍ୟାବସ୍ଥା ରୁ ଅଦ୍ୟାବଧି ସତ୍ ପଥରେ କାର୍ଯ୍ୟ ସମାପ୍ତ ପାଇଁ ଉକ୍ତି ପ୍ରଦାନ କରାଯାଇଛି "ସତ୍ୟମେବ ଜୟତେ"। ପ୍ରତ୍ୟେକ ଗୁରୁକୁଳାଶ୍ରମ ଟଟଶାଳୀ ଠାରୁ ଆରମ୍ଭ କରି ନ୍ୟାୟାଳୟ ଗୃହ ମନ୍ଦିର ଅଟ୍ଟାଳିକାରେ ଉକ୍ତ ସଂଶ୍ଳିଷ୍ଟ ଉକ୍ତିଟି ଲିଖିତ କରାଯାଇଛି। ଶପଥ ମନେ କରି ସବୁଦିନ ସତ୍‌ମାର୍ଗରେ କାର୍ଯ୍ୟାଦି ଶେଷରେ ଏହି ଉକ୍ତିର ଜ୍ୱଳନ୍ତ ପ୍ରମାଣ। ବର୍ତ୍ତମାନ ଯୁଗରେ "ମିଛ ପାଖରେ ସତ ବନ୍ଧା ପଡ଼ିଛି" "ହାୟରେ ସତ ଗଲୁ କୁଆଡ଼େ"। ଗୁରୁଜନ ଓ ସାଧୁଜନଙ୍କର ମହତ୍ ବାଣୀକୁ କର୍ଣ୍ଣପାତ କରାଯାଉନାହିଁ। ସମସ୍ତେ ମାୟାର ସୁବର୍ଣ୍ଣ ହରିଣୀ ପଛରେ କାହିଁକି ଅବମାନନା କରୁଛନ୍ତି ଏହାହିଁ ସେମାନଙ୍କୁ ଜଣା। "ସତ କହି ପଛେ ମଲେ ମରିବି ମିଛ କହିବାକୁ କିଆଁ ଡରିବି।" ଏହା ଭାବିବାକୁ ପଡୁନାହିଁ। ଧନ୍ୟରେ ସଂସାର ସତ୍ୟ ପଥେ ଧର୍ମ ପଥେ ଘେନିଯାଅ ମତେ। ଭସାଅ ପରାଣ ତୋର ପ୍ରେମ ଭକତ ସ୍ରୋତରେ। କଳିରେ ସତ୍ୟର ଭାଗ ଶତକଡ଼ା ୨୫% ଓ ମିଛର ଭାଗ ଶତକଡ଼ା ୭୫% କିନ୍ତୁ ସତ୍ୟ, ତ୍ରେତୟା, ଦ୍ୱାପର ଯୁଗର ରାଜା ମହାରାଜା ସତ୍ୟ ଇତ୍ୟାଦି, 'ସତ୍ୟମ୍ ଶରଣଂ ଗଚ୍ଛାମି'ରର ଅନୁସନ୍ଧାନରେ କାଳାତିପାତ କରିଯାଇଛନ୍ତି ସେମାନଙ୍କର ମହତ କାର୍ଯ୍ୟକୁ ଆମ୍ଭମାନଙ୍କୁ ପୁରାଣ ମାନଙ୍କରୁ ଶୁଣିବାକୁ ମିଳେ। କିନ୍ତୁ ଆମେ କେତେକାଂଶରେ ବଞ୍ଚିତ।

"ଯୁଗକୁ ଯୁଗ ଏହି ମତେ
ପରମାନନ୍ଦ ଏ ଜଗତେ।"

ପ୍ରଭୁ ପରମେଶ୍ୱର ବିଶ୍ୱବାସୀଙ୍କୁ ଉତ୍ତମ ପଥ ସତ୍ୟର ଅନୁସନ୍ଧାନ ପାଇଁ ଜ୍ଞାନ ଦିଅନ୍ତୁ। ମା' ବାଗ୍‌ଦେବୀ କଣ୍ଠରେ ରହି ଉତ୍ତମ ବାଣୀ ଶୁଣାନ୍ତୁ। ମିଛର କଳାବଜାର ସଂପୂର୍ଣ୍ଣ ନଷ୍ଟ ହେଉ ଏହାହିଁ ମୋର ଶେଷ ଅନୁରୋଧ। ସମସ୍ତ ଦେଶ, ଜାତି, ଛାତ୍ର ସମାଜର ମଙ୍ଗଳ ହେବ।

"ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟ।"

—୦—

ଦଶମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ଜେନାପୁର, ଯାଜପୁର

ଭୋକ

● ଦମୟନ୍ତୀ ପ୍ରଧାନ

ମନୁଷ୍ୟର ଆଦିମ ପ୍ରବୃତ୍ତି ମଧ୍ୟରୁ କ୍ଷୁଧା ହେଉଛି ଅନ୍ୟତମ। ଏହା ଅନିବାର୍ଯ୍ୟ। ସୃଷ୍ଟିର ଆରମ୍ଭ ମୂଳରେ ଏହି କ୍ଷୁଧା ବିଦ୍ୟମାନ। ସୃଷ୍ଟିର ବିନାଶ ମଧ୍ୟ ଏହା ଯୋଗୁଁ ହେବା ଅବଶ୍ୟମ୍ଭାବୀ। ସୃଷ୍ଟିକର୍ତ୍ତା ବ୍ରହ୍ମା ଆଦିଶକ୍ତିଙ୍କ ସହିତ ମିଳିତ ହେବା ପରେ ସଂସାରର ସୃଷ୍ଟି ହୋଇଥିଲା। ସାଂପ୍ରତିକ ସମୟରେ ବିଶ୍ୱରେ ସଂଘଟିତ ହେଉଥିବା ପ୍ରଳୟଙ୍କରୀ ଯୁଦ୍ଧ ଯୋଗୁ ସୃଷ୍ଟିର ବିନାଶ ହେବା ନିଶ୍ଚିତ ମନେହୁଏ।

କ୍ଷୁଧା ଦ୍ୱିବିଧ। ଶାରୀରିକ ଓ ମାନସିକ କ୍ଷୁଧା। ଶାରୀରିକ କ୍ଷୁଧା ଖାଦ୍ୟ ଖାଇବା ଫଳରେ ଖୁବ୍ ଶୀଘ୍ର ମେଣ୍ଟିଯାଏ କିନ୍ତୁ ମାନସିକ କ୍ଷୁଧା ଚିର ଅତୃପ୍ତ। ସଂସାରର ଯାବତୀୟ ଉନ୍ନତି ଓ ଅବନତିର ମୂଳରେ ଏହି ମାନସିକ କ୍ଷୁଧା ଏକ ଅଦୃଶ୍ୟ ଶକ୍ତି ଭାବରେ କାର୍ଯ୍ୟ କରିଥାଏ। ବିଭିନ୍ନ ପ୍ରକାର ଯନ୍ତ୍ରପାତି ନିର୍ମାଣ ପ୍ରଯୁକ୍ତି ବିଦ୍ୟା, କଳା, ସାହିତ୍ୟ, ବିଜ୍ଞାନ, ବାଣିଜ୍ୟ ବ୍ୟବସାୟ ସଂସାରର ଉନ୍ନତି ପାଇଁ ବୋଧହୁଏ ଷ୍ଟିଭ୍ ଜବସ କହିଥିଲେ– 'Stay Hungry', Stay Foolish', ଏହି ଭୋକିଲାପଣ ମାନବଜାତିର ଉନ୍ନତି ପଥରେ କାର୍ଯ୍ୟ କରୁ ବୋଲି ସେ ଆହ୍ୱାନ ଦେଇଥିଲେ। ଏହି ଉନ୍ନତି ଦ୍ୱାରା ଗୋଟିଏ ଦେଶ ତଥା ଜାତି ସମଗ୍ର ବିଶ୍ୱରେ ପରିଚୟ ପାଏ ଓ ଗର୍ବିତ ହୁଏ।

ଅନ୍ୟ ପକ୍ଷରେ ସଂପ୍ରତ୍ତି ବିଶ୍ୱରେ ଦୃଶ୍ୟମାନ ହେଉଥିବା ଯୁଦ୍ଧ ମଧ୍ୟ ମାନସିକ କ୍ଷୁଧାର ଏକ ପରିଣତି। ଏହି କ୍ଷୁଧା ମନୁଷ୍ୟର ଅହଂକାରର ପ୍ରତୀକ। ସାମ୍ରାଜ୍ୟବାଦୀ ଚିନ୍ତାଧାରାର ପ୍ରତୀକ ଓ ଅନ୍ୟକୁ ରସାତଳଗାମୀ କରି ନିଜର ଅହଂକୁ ପ୍ରତିଷ୍ଠା ଦେବାର ଖିଆଲିପଣ। ଏହା ମାନବ ସଭ୍ୟତାର ବିନାଶ ପାଇଁ ଅଭିପ୍ରେତ। ଏହି କ୍ଷୁଧା ଏକାନ୍ତ ବର୍ଜନୀୟ।

ସାଂପ୍ରତିକ ଜଗତୀକରଣ ଯୁଗରେ ଗୋଟିଏ ଦେଶ ଅନ୍ୟ ଦେଶମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବାରୁ ସମଗ୍ର ବିଶ୍ୱର ଏହା ନୈତିକ କର୍ତ୍ତବ୍ୟ ଯେ ସମସ୍ତେ ଏହାକୁ ବିରୋଧ କରି ନିଜ ନିଜ ଦେଶର ଉନ୍ନତି ପଥରେ କାର୍ଯ୍ୟ କରିବା ଆବଶ୍ୟକ। ସାମ୍ରାଜ୍ୟ ବିସ୍ତାର କରି ଅନ୍ୟ ଦେଶ ଉପରେ ଆଧିପତ୍ୟ ବିସ୍ତାର କଲେ ମଧ୍ୟ ତାହା କ୍ଷଣିକ ପାଇଁ ଖୁସି ଦିଏ। ଏହା ଚିରନ୍ତନ ଖୁସି ଦିଏ ନାହିଁ। ଆଲେକ୍‌ଜାଣ୍ଡାର ବିଶ୍ୱବିଜୟୀ ହୋଇଥିଲେ। ନିଜର ମୃତ୍ୟୁ ସମୟରେ ସେ ଜଗତକୁ ଚିରନ୍ତନୀ ବାର୍ତ୍ତା ପ୍ରଦାନ କରିଥିଲେ। ଆଲେକ୍‌ଜାଣ୍ଡାର କହିଥିଲେ –

"ଏ ପ୍ରାଣ ଗଲେ ପିଣ୍ଡ ଛାଡ଼ି
ନେବ ଯେବେ ମତେ କୋକେଇରେ କାଢ଼ି
ଦେଇଥିବ ତହିଁ ମୋ ଶବ ଶୁଆଇ
ବେନି ପାଶେ ବେନି କରକୁ ଝୁଲାଇ
ଯା' ଦେଖି ଜାଣିବେ ଜଗତେ ସମସ୍ତେ
ଆସିଥିଲି ଫେରିଗଲି ଶୂନ୍ୟହସ୍ତେ।" (ଦରବାର, ରାଧାନାଥ ରାୟ)

ମନୁଷ୍ୟ ଖାଲି ହାତରେ , ସଂସାରକୁ ଆସିଛି ଓ ଦିନେ ଖାଲି ହାତରେ ଓ ସଂସାରରୁ ବିଦାୟ ନେବ। ତେଣୁ ଦି'ଦିନର ଓ ଜୀବନ ଭିତରେ ଅନ୍ୟକୁ ଦୁଃଖ, କଷ୍ଟ, ହିଂସା ପ୍ରଣୋଦିତ ଆଚରଣ ଦେଖାଇବା ପରିବର୍ତ୍ତେ ସମସ୍ତେ ଶାନ୍ତିପୂର୍ଣ୍ଣ ଭାବରେ ଜୀବନଯାପନ କରିବା ଉଚିତ୍। ସେହିପରି ଚକ୍ରବର୍ତ୍ତୀ ସମ୍ରାଟ୍ ଅଶୋକଙ୍କ ଜୀବନରୁ ମଧ୍ୟ ଏହି ସମାନ ବାର୍ତ୍ତା ମିଳେ। ବହୁ ରାଜ୍ୟର ଅଧୀଶ୍ୱର ହୋଇଥିଲେ ମଧ୍ୟ କଳିଙ୍ଗ ଯୁଦ୍ଧ ହିଁ ତାଙ୍କୁ ଜୀବନକୁ ବୁଝିବାର ପ୍ରକୃତ ଅବସର ଆଣିଦେଇଥିଲା। ତେଣୁ ଇତିହାସର ଏ ଶିକ୍ଷା ମନୁଷ୍ୟ ଭୁଲିବା ଉଚିତ୍ ନୁହେଁ। ଅତୀତ ଇତିହାସରୁ ଶିକ୍ଷାଲାଭ କରି ବର୍ତ୍ତମାନରେ ତାହାର ଯୁଗୋପଯୋଗିତା ବିଚାର କରି ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଉଚିତ୍। ନିଜେ ଶାନ୍ତିରେ ବଞ୍ଚିବା ସହିତ ଅନ୍ୟର ଶାନ୍ତିପୂର୍ଣ୍ଣ ଜୀବନ ଯାପନ ପ୍ରତି ମଧ୍ୟ ଦୃଷ୍ଟିଦେବା ଉଚିତ୍। ମନୁଷ୍ୟର ଅଧିକାରକୁ ସମ୍ମାନ ଦେବା ଉଚିତ୍, ତେବେ ଯାଇ ମହାଭାରତୀୟ ବାଣୀ 'ବସୁଧୈବ କୁଟୁମ୍ବକମ୍'ର ଯଥାର୍ଥତା ପ୍ରତିଷ୍ଠିତ ହୋଇପାରିବ, ଯାହାକି ସମଗ୍ର ବିଶ୍ୱପାଇଁ ଏକାନ୍ତ ପ୍ରୟୋଜନ।

ତେବେ ପରିଶେଷରେ ଏତିକି କୁହାଯାଇପାରେ, ଯେ ମାନସିକ କ୍ଷୁଧାର ପ୍ରୟୋଜନ ରହିଛି, କିନ୍ତୁ ତାହା ବିନାଶକାରୀନ ହୋଇ କଲ୍ୟାଣକାରୀ ହେବା ଅବଶ୍ୟକ।

—୦—

ସଦସ୍ୟା, ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ
ଓ ସଂପାଦିକା "ମହକ" – ନବମ ସଂସ୍କରଣ

ଅଶୁଝା ଋଣ

● ରଘୁନାଥ ଶତପଥୀ

ଦୁନିଆରେ ପ୍ରତ୍ୟେକ ପିତାମାତା ସନ୍ତାନଟିଏ ପାଇବା ପାଇଁ ଦେବାଦେବୀଙ୍କ ପାଖରେ ପ୍ରାର୍ଥନା କରିଥାନ୍ତି । ସନ୍ତାନଟିଏ ପ୍ରାପ୍ତି ହେବା ପରେ ପୁଅ ହେଉ ବା ଝିଅ ହେଉ ତା'ର ପାଳନ ଲାଳନ କରି ବଡ଼ କରିଥାନ୍ତି । ପିଲାଟି ଉତ୍ତମ ଚରିତ୍ରର ହେବାପାଇଁ ବହୁ ଓଷାବ୍ରତ ମଧ୍ୟ କରିଥାନ୍ତି । ମୁଣ୍ଡ ଝାଳ ତୁଣ୍ଡରେ ମାରି ତୋରାଣି ପିଇ ତାଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ାର ଦାୟିତ୍ୱ ନେଇଥାଆନ୍ତି । ମନରେ ଆଶା ଓ ଆକାଂକ୍ଷା ଥାଏ ବଡ଼ ହେଲେ ମୁହଁରେ ଟିକେ ନିଆଁ ଦେବ । ବୁଦ୍ଧି ସମୟରେ ଆଶାବାଡ଼ି ହୋଇ ସାହାରା ହେବ । ଆମେ ଜନ୍ମ ହେବାଠାରୁ ଜୀବନସାରା ଋଣ କରି ଚଲିଛେ । ପ୍ରଥମେ ପିତାମାତା, ଗୁରୁ ଗୁରୁଜନ, ଜନ୍ମଭୂମି ବା ରାଷ୍ଟ୍ରର ଋଣ କରି ଚଲିଲେ, ଋଣ ଶୁଝିବା ପାଇଁ କେବେ ଚିନ୍ତା କରିଛନ୍ତି କି ? ପରିବାର କିପରି ସୁଖରେ ରହିବ ସୁନ୍ଦର ଘର ସାଙ୍ଗକୁ ବିଭିନ୍ନ ସୌଖିନ ଆସବାବ ପତ୍ର କିଣି ଜୀବନକୁ ସରସ ସୁନ୍ଦର କରି ଭୋଗ ବିଳାସରେ ବୁଡ଼ି ରହିବା କିନ୍ତୁ ସମାଜରେ ବାସକରି ସମାଜରୁ କରିଥିବା ଋଣ ପରିଶୋଧ ନକରନ୍ତି ତେବେ ଆମେ ଋଣି ହୋଇ ମରିବା । ଯେହେତୁ ଆମେ ସମାଜରେ ବାସ କରୁଛନ୍ତି ପିଲା ଦିନରୁ ଆଜି ପର୍ଯ୍ୟନ୍ତ ସମାଜ ଅନେକ କିଛି ଦେଇଛି । ଆମେ ସଭ୍ୟ ଶିକ୍ଷିତ ଓ ସାମାଜିକ ହୋଇ ପାରନ୍ତି । ଏବେ ସମୟ ଆସିଛି ଆମେ ତାର ଋଣ ପରିଶୋଧ କରିବା ଏଥିନିମିତ୍ତ ବିଭିନ୍ନ ସମାଜ ସେବା ଅନୁଷ୍ଠାନରେ ନିଜକୁ ବିଲୋଚିତ କରି ଋଣ ଶୁଝିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିବା ।

ପିତୃଦେବ ଭବଃ, ମାତୃଦେବୋ ଭବଃ, ଆଚାର୍ଯ୍ୟଦେବୋ ଭବଃ, ଅତିଥିଦେବ ଭବଃ

ଯେତେ ପ୍ରକାର କରିଲେ ମଧ୍ୟ ମାତା, ପିତା, ଗୁରୁ, ଆଚାର୍ଯ୍ୟ ମାନଙ୍କର ଋଣ ଅଶୁଝା ହୋଇ ରହିଯିବ ।

ପିତା ଧର୍ମ ପିତାସ୍ୱର୍ଗ ପିତା ହିଁ ପରମ ତପ
ପିତରି ପ୍ରିତିମାପର୍ଣ୍ଣେ ପ୍ରିୟନ୍ତେ ସର୍ବ ଦେବତା ।
ପିତା ମାତା ପରି ଆଉ ଅଛି କେ ସଂସାରେ
ଧନ୍ୟ ସେ ଯେ, ପ୍ରାଣ ଦିଏ ତାଙ୍କରି ସେବାରେ ।

ପିତା, ମାତା, ସନ୍ତୁଷ୍ଟ ରହିଲେ ସର୍ବ ଦେବାଦେବୀ ସନ୍ତୁଷ୍ଟ ରହନ୍ତି । ଦେବାଦେବୀଙ୍କ ଆଶୀର୍ବାଦରୁ ପିଲାଟି ଆନନ୍ଦରେ କାଳାତିପାତ କରି ସଂସାରରୁ ବିଦାୟ ନିଏ ଓ ଆର ପାରିରେ ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ଆମର ବିଶ୍ୱାସ ।

—୦—

ଅବସରପ୍ରାପ୍ତ ସରକାରୀ କର୍ମଚାରୀ
ବୃନ୍ଦାଦେଇପୁରଶାସନ, ଜେନାପୁର, ଯାଜପୁର

ରଖେ ହରି ତ' ମାରେ କିଏ

● ଦେବକୀରାଣୀ ସାହୁ

ଅନାଥର ନାଥ ପ୍ରଭୁ ଜଗନ୍ନାଥ । ସର୍ବ ଶକ୍ତିମାନ ପରମେଶ୍ୱର ବିଶ୍ୱ ଚିନ୍ତାମଣି, ଲକ୍ଷ ଲକ୍ଷ ଓଡ଼ିଶାବାସୀଙ୍କ ହୃଦୟରେ ଯାହାଙ୍କ ପ୍ରତି ପୂଜ୍ୟ ବଡ଼ ଠାକୁର ସାରା ବିଶ୍ୱରେ ପ୍ରସିଦ୍ଧ ଯାହାଙ୍କ ମହିମା ସେ ଯାହାକୁ ରଖନ୍ତି ତାକୁ କେହି ହେଲେ ମାରି ପାରିବେ ନାହିଁ । ତେଣୁ କଥାରେ ଅଛି - "ରଖେ ହରି ତ ମାରେ କିଏ,

ମାରେ ହରିତ ରକେ କିଏ ।"

ସେଇ କଥାରେ ଉପରେ ଆଧାରିତ ଅଳ୍ପ ଦିନ ପୂର୍ବରୁ ଘଟିଥିବା ଏକ ସତ୍ୟ ଘଟଣା ଉପରେ ଏକ ଛୋଟିଆ ଗଳ୍ପ ମୁଁ ଲେଖୁଛି... ଘଟଣାଟି ହେଲା ଛତିଶଗଡ଼ର ଚମ୍ପାଜାଞ୍ଜଜର ଜିଲ୍ଲାର ପିହରିଦ ଗ୍ରାମର ଏକ ଆଦିବାସୀ ବାଳକର କାହାଣୀ ନାମ ତା'ର ରାହୁଲ । ବାପା ଓ ମାଆଙ୍କର ଏକମାତ୍ର ସନ୍ତାନ କିନ୍ତୁ ସେ ମୁକ ଏବଂ ବଧିର ତଥାପି ବାପାମାଆଙ୍କ ନୟନର ମଣି । ଅଘଟନକ ଦିନେ ରାହୁଲ ସାଙ୍ଗମାନଙ୍କ ମେଳରେ ଏକ ନିଛାଟିଆ ଜାଗାରେ ଲୁଚକାଳି ଖେଳୁଥିଲେ । ଖେଳୁ ଖେଳୁ ଅନେକ ସମୟ ବିତିଯାଇଥିଲା । ଦଶଶ ବାର ବର୍ଷର ବାଳକ ରାହୁଲ ହଠାତ୍ ଖେଳୁ ଖେଳୁ ନିଜ ଅଜଣାତରେ ଏକ ଅଶୀଫୁଟ ଗଭୀର ଗାତ ଭିତରକୁ ଗଳି ପଡ଼ିଲା, କହିବାର ଶକ୍ତି ହରାଇ ଥିବାରୁ ପାଟି କରି ବାହାରକୁ ଡାକି ପାରି ନଥିଲା । ସାଙ୍ଗପିଲା ଅନେକ ଖୋଜିଲା ପରେ ସେଇ ଗାତକୁ ଦେଖିଲେ ଏବଂ ଗାଁ ଭିତରକୁ ଯାଇ ତା ବାପା ଓ ମାଆଙ୍କୁ ସବୁ କଥା ଜଣେଇଲେ । ସାହି ପଡ଼ିଶା ଲୋକମାନେ ସ୍ଥାନୀୟ ସରପଞ୍ଚଙ୍କୁ ଏ ଖବର ଜଣାଇଦେଲେ । ସରପଞ୍ଚ ପ୍ରଶାସନଙ୍କ ପାଖକୁ ତୁରନ୍ତ ଉଦ୍ଧାର କରିବା ପାଇଁ ଅନୁରୋଧ କଲେ । ଏ ଖବର ଦ୍ରୁତ ଗତିରେ ସାରା ରାଜ୍ୟରେ ପ୍ରଚରିତ ହୋଇଗଲା । ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ଏନ୍.ଡି.ଆର୍.ଏଫ୍ ଯବାନମାନେ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଲେ । ରାହୁଲର ବାପା ଓ ମାଆଙ୍କ ଅବସ୍ଥା କହିଲେ ନ ସରେ । ପୋଲିସ୍ ଓ ପ୍ରଶାସନର ବଡ଼ ବଡ଼ ଅଫିସ୍‌ରମାନଙ୍କ ଆଶ୍ୱାସନା ଆଉ ଯବାନମାନଙ୍କ ଦୃଢ଼ ମନୋବଳ ଦେଖି ପୁତ୍ରକୁ ଫେରି ପାଇବା ଆଶା ତାଙ୍କ ମନକୁ କିଛିମାତ୍ରାରେ ଶାନ୍ତ କରେଇଥିଲା । ଯବାନମାନେ ରାହୁଲ ପଡ଼ିଥିବା ଗାତ ପାଖରୁ କିଛି ଦୂରରେ ଏକ ଗାତ ଖୋଳିଲେ ତା ପାଖକୁ ଯିବା ପାଇଁ ଆଧୁନିକ ମେସିନ୍ ଲଗାଇ ବଡ଼ ବଡ଼ ପଥରକୁ କାଟି କାଟି ଏକ ସୁଡ଼ଙ୍ଗ ତିଆରି କରି ଗଲିଲେ ଏବଂ ମେସିନ୍ ମାଧ୍ୟମରେ ତା ପାଖକୁ ଖାଦ୍ୟ ପାନୀୟ ଓ ଅମ୍ଳଜାନ ପ୍ରେରିତ କଲେ ।

ରାହୁଲ ଯେଉଁ ଜାଗାରେ ପଡ଼ିଲା ସେ ଜାଗାରେ ଦେଖିବାକୁ ପାଇଲା କିଛି ପାଣି ଆଉ ଏକ ବିଷାକ୍ତ ସାପ ଏବଂ ବେଙ୍ଗ । ରାହୁଲ ଭୟଭୀତ ହୋଇ ଜଗନ୍ନାଥଙ୍କୁ ପ୍ରାଣ ବିକଳରେ ମନେ ମନେ ସ୍ମରଣ କଲା । ଆର୍ତ୍ତତ୍ରାଣ ଜଗନ୍ନାଥ ଆର୍ତ୍ତୀର ଆରତ ଦୂର କଲେ । "ବେନି ଜନେ ସମ ଦଶା" ପରି ବେଙ୍ଗ ଓ ସାପ ତା'ର କିଛି କ୍ଷତି ନ କରି ତା' ସାଙ୍ଗରେ ରହିଲେ, ସେ ଥିଲା ଏକ ବିଷାକ୍ତ ଚନ୍ଦନ ବୋଡ଼ା ସାପ ଯାହାର ଦଂଶନରେ ମନୁଷ୍ୟ ମୃତ୍ୟୁଲୋକକୁ ଗମନ କରେ । ସେ ବନ୍ଧୁ ପରି ରାହୁଲ ଦେହରେ ଗୁଡ଼ାଇ ହୋଇ ରହିଲା । ଯାହାର ଦୃଶ୍ୟ ଉପରେ ଥାଇ ଶକ୍ତିଶାଳୀ କ୍ୟାମେରା ମାଧ୍ୟମରେ ଆମ ଯବାନମାନେ ଦେଖି ପାରୁଥିଲେ କିନ୍ତୁ ଉପସ୍ଥିତ ଜନତାଙ୍କ ନିକଟରେ ଗୋପନୀୟ ରଖିଥିଲେ ।

ଦିନରାତି ମିଶି ସ୍ଥାନୀୟ ପ୍ରଶାସନ ଓ ଏନ୍.ଡି.ଆଇ.ଏଫ୍ ଯବାନ୍ ବି.ଅନୀଲ କୁମାରଙ୍କର ଅକ୍ଲାନ୍ତ ପରିଶ୍ରମରେ ଦୀର୍ଘ ପାଞ୍ଚଦିନ ପରେ ସୁରକ୍ଷିତ ଅବସ୍ଥାରେ ରାହୁଲକୁ ଉଦ୍ଧାର କରି ଉପରକୁ ଆଣିଲେ ଅଗଣିତ ଜନତାଙ୍କ କଣ୍ଠରେ ଜୟ ଜଗନ୍ନାଥ ବୋଲି ଗୁଞ୍ଜରିତ ହୋଇ

ସ୍ଥାନଟି କମ୍ପି ଉଠିଲା। କୃତଜ୍ଞତାରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ପାଦତଳେ ଲୋଟି ପଡ଼ିଲେ ରାହୁଲର ବାପା ଆଉ ମାଆ। ରାହୁଲକୁ ଉଦ୍ଧାର କରିବାର ମୁଖ୍ୟ ଭୂମିକା ନେଇଥିଲେ କଟକର ବି.ଅନୀଲ୍ କୁମାର ତାଙ୍କର ସାହାଯ୍ୟ ଓ କର୍ତ୍ତବ୍ୟ ଦାୟିତ୍ୱ ନିର୍ବାହ କରିବାର ପଟ୍ଟାନ୍ତର ନାହିଁ ସମସ୍ତେ ତାଙ୍କର ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ।

ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣା ଆଉ ବୀର ଯବାନମାନଙ୍କର ଅକ୍ଲାନ୍ତ ପରିଶ୍ରମର ଚେଷ୍ଟା ବଳରେ ରାହୁଲ ସେଦିନ ମୃତ୍ୟୁ ମୁଖରୁ ସୁରକ୍ଷିତ ଅବସ୍ଥାରେ ଫେରି ଆସିଥିଲା ସେଦିନ ସମସ୍ତଙ୍କର କଣ୍ଠରେ ଗୋଟିଏ ଶବ୍ଦ ଥିଲା –

ଜୟ ଜଗନ୍ନାଥ, ଜୟ ଜଗନ୍ନାଥ, ଜୟ ଜଗନ୍ନାଥ

—୦—

କବାଟବନ୍ଧ, ଯାଜପୁର

ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନିକ ଏକାଡ଼େମୀ

● ଜଗବନ୍ଧୁ ମିଶ୍ର

ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନିକ ଏକାଡ଼େମୀ ଏକ ଏପରି ସ୍ୱପ୍ନର ରୋମାଞ୍ଚକର ସ୍ଥାନ ଯେଉଁ ସ୍ୱପ୍ନକୁ ସାକାର କରିବା ଲାଗି ତଥା ସେଠାରେ ପାଦ ରଖିବା ଲାଗି କେତେ ଯେ ଅନିଦ୍ରା ରାତିର କଠିନ ପରିଶ୍ରମ, ଅନେକ ଖୁସିର ଜଳାଞ୍ଜଳି ଅନେକ ବାର ଅସଫଳତାକୁ ଆଲିଙ୍ଗନ କରି ଘର ପରିବାର ବନ୍ଧୁ ପ୍ରିୟଜନ ସମସ୍ତଙ୍କଠାରୁ ଦୂରେଇ ରହି କେବଳ ଅକ୍ଲାନ୍ତ ପରିଶ୍ରମ ଓ ଦୃଢ଼ ଏକାଗ୍ରତା ସହ ଜଣେ ପରୀକ୍ଷାର୍ଥୀ ଜୀବନର ସଂଘର୍ଷକୁ ଅଙ୍ଗେ ନିଭାଇ ନିଜ ପୁସ୍ତକ ଓ କଲମରେ ମନ, ପ୍ରାଣ ଓ ଆତ୍ମାକୁ ସମର୍ପଣ କରିଥାଏ। ପରିଶେଷରେ ସଂଘ ଲୋକ ସେବା ଆୟୋଗ ଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସୁନାମ ମଣ୍ଡନ କରି ଭାରତୀୟ ପ୍ରଶାସନିକ ସେବାରେ ଚୟନିତ ହୋଇସାରିବା ପରେ ପ୍ରଶିକ୍ଷଣ ନେବା ପାଇଁ ଯାତ୍ରା କରିଥାଏ ଉତ୍ତରାଖଣ୍ଡ ରାଜ୍ୟ ଡେରାଡୁନ ଜିଲ୍ଲାର ମସୁରି ଉପତ୍ୟକାର କୋଳ ମଣ୍ଡନ କରିଥିବା ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନିକ ଲୋକସେବା ଆଦି ବିଷୟ ଭିତ୍ତିକ ପ୍ରଶିକ୍ଷଣ ଓ ଦେଶ ବିଦେଶ ଭ୍ରମଣ ଆଦି ଅନୁଭୂତି ଭିତ୍ତିକ ପ୍ରଶିକ୍ଷଣ ପାଇ ସାରିବା ପରେ ଜବାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନରେ ଏମ୍.ଏ ଡିଗ୍ରୀ ଓ ମହାମହିମ ରାଷ୍ଟ୍ରପତିଙ୍କ ନିକଟରୁ ପଦକ ଓ ନିଯୁକ୍ତି ପତ୍ର ପାଇ ନିଜକୁ ନିୟୋଜିତ କରେ ଜଣେ ପ୍ରତିଷ୍ଠିତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ।

ତେବେ ପ୍ରତ୍ୟେକ ସିଭିଲ୍ ସର୍ଭିସ୍ ପରୀକ୍ଷାର୍ଥୀଙ୍କ ସ୍ୱପ୍ନ ଏହି ଲାଲ୍‌ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନିକ ଏକାଡେମୀ ଭାରତ ସରକାରଙ୍କ "କର୍ମଚାରୀ, ସାଧାରଣ ଅଭିଯୋଗ ଓ ପେନସନ ମନ୍ତ୍ରାଳୟ' ଅଧୀନରେ ୧୯୫୮ ରେ ପ୍ରତିଷ୍ଠା ହୋଇଥିବା ଏକ ସଂସ୍ଥାନ ଯାହା କି ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିବା ପ୍ରାର୍ଥୀ ମାନଙ୍କୁ ତାଲିମ୍ ଦେଇଥାଏ। ୧୫ ଏପ୍ରିଲ୍ ୧୯୫୮ ମସିହାରେ କେନ୍ଦ୍ର ଗୃହମନ୍ତ୍ରୀ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ଲୋକସଭାରେ ଘୋଷଣା କରିଥିଲେ କି ଭାରତ ସରକାର ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଭିନ୍ନ ବିଭାଗରେ ତଥା ବିଭିନ୍ନ ସେବାରେ ଚୟନିତ ହୋଇଥିବା ପ୍ରାର୍ଥୀଙ୍କ ତାଲିମ ନିମନ୍ତେ ଏକ ଜାତୀୟ ତାଲିମ ଅନୁଷ୍ଠାନ ସ୍ଥାପନ କରିବେ। ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ଗୃହ ମନ୍ତ୍ରାଳୟର ନିଷ୍ପତ୍ତି କ୍ରମେ ଆଇଏଏସ୍ ଟ୍ରେନିଂ ସ୍କୁଲ ଦିଲ୍ଲୀ ଓ ଆଇଏଏସ୍ ଫାଷ୍ଟ କଲେଜ ସିମଲା ମିଳିତ ଭାବେ ୧୯୫୯ ମସିହାରେ ଉତ୍ତରାଖଣ୍ଡ ରାଜ୍ୟର ମସୁରୀଠାରେ ପ୍ରତିଷ୍ଠା କଲେ ଏକ ରାଷ୍ଟ୍ରୀୟ ପ୍ରଶାସନିକ ଏକାଡ଼େମୀ। ୧୯୭୨ ମସିହାରେ ଏହାକୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ନାମ ଅନୁସାରେ ଲାଲ୍‌ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନିକ ଏକାଡ଼େମୀ ରଖାଗଲା।

ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ପ୍ରଶାସନିକ

ସେବାର ଅଧିକାରୀମାନଙ୍କୁ ଉଚ୍ଚତ୍ତର ତାଲିମ ପ୍ରଦାନ କରି ନିଷ୍ଠାପରତାର ସହ ରାଷ୍ଟ୍ର ସେବାରେ ନିୟୋଜିତ କରିବା। ନିତିଶତକମ୍ ରୁ ସଂଗୃହୀତ ସଂସ୍କୃତି ଖଣ୍ଡ ବାକ୍ୟ "ଶୀଳମ୍ ପରମ ଭୂଷଣମ୍"- (ଚରିତ୍ର ହିଁ ଶ୍ରେଷ୍ଠ ଅଳଙ୍କାର) ଏହି ଅନୁଷ୍ଠାନର ନୀତି ବାକ୍ୟ। ତେଣୁକରି କେବଳ ମନୋରମ ପ୍ରାକୃତିକ ପରିବେଶରେ ରହି ଏହାକୁ ଉପଭୋଗ କରିବା ନୁହେଁ ବରଂ ନିଜକୁ ଚରିତ୍ରବାନ୍ ଓ ସଫଳ ବ୍ୟକ୍ତିତ୍ୱ ଭାବେ ଗଢ଼ି ତୋଳିବା ପ୍ରତ୍ୟେକ ପ୍ରଶାସନିକ ଅଧିକାରୀଙ୍କ ଉଦ୍ଦେଶ୍ୟ ହେବା ଆବଶ୍ୟକ।

—

ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ (ଦ୍ୱିତୀୟବର୍ଷ)
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଦୃଢ଼ ଆତ୍ମବିଶ୍ୱାସ ଏବଂ ନିରନ୍ତର ଚେଷ୍ଟାର ଫଳ

● ଅଂଶୁମାନ ଶତପଥୀ

ନିମ୍ନୋକ୍ତ ଲେଖାଟି କୌଣସି କାହାଣୀ କିମ୍ବା ପୁସ୍ତକର ବିଷୟବସ୍ତୁ ନୁହେଁ ବରଂ ଏମିତି ଜଣେ ବ୍ୟକ୍ତିଙ୍କ ଜୀବନକାହାଣୀ ଉପରେ ଆଧାରିତ ଯିଏ ନିଜ ଜୀବନର ସମସ୍ତ ସମସ୍ୟା ସହ ଦୃଢ଼ ହସ୍ତରେ ମୁକାବିଲା କରିବା ସହ ଭାରତବର୍ଷର ଜଣେ ସଫଳ, ପ୍ରସିଦ୍ଧ ତଥା ଅଦ୍ୱିତୀୟ ପ୍ରତିଭା ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସେ ୬ ଡିସେମ୍ବର ୧୯୯୩ରେ ଗୁଜୁରାଟର ଅହମ୍ମଦାବାଦର ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଯଶବୀର ସିଂହ ଜଣେ ବ୍ୟବସାୟୀ ଥିଲେ ଯିଏ କି ଏକ ରାସାୟନିକ ବ୍ୟବସାୟ ଚଳାଉଥିଲେ। ତାଙ୍କ ମାତା ଦଲ୍‌ଜିତ୍ କୁମରାହ ଏକ ବିଦ୍ୟାଳୟରେ ଶିକ୍ଷିକା ଥିଲେ ଏବଂ ପରେ ସେ ସେଠାକାର ପ୍ରିନ୍ସିପାଲ ମଧ୍ୟ ହୋଇଥିଲେ। ତାଙ୍କ ଜୀବନ ସଂଗ୍ରାମ ସେବେ ଆରମ୍ଭ ହେଲା ଯେବେ ସେ ମାତ୍ର ପାଞ୍ଚ ବର୍ଷର ହୋଇଥିଲେ। ସେହି ସମୟରେ ତାଙ୍କ ବାପା ଏକ ରୋଗ କାରଣରୁ ସ୍ୱର୍ଗଗାମୀ ହୋଇଥିଲେ। ଏହା ଫଳରେ ଛୁଆବେଳୁ ହିଁ ଯଶପ୍ରୀତ୍ ବୁମ୍‌ରାହଙ୍କୁ ଆର୍ଥିକ ସମସ୍ୟା ଦେଇ ଗତି କରିବାକୁ ପଡ଼ିଥିଲା। ତାଙ୍କ ଅବସ୍ଥା ଏଭଳି ଥିଲା ଯେ ସେ କ୍ରିକେଟ୍ ଟ୍ରେନିଂକୁ ଯିବାପାଇଁ ଏକମାତ୍ର ଟି'ସାର୍ଟକୁ ଧୋଇକରି ସବୁଦିନ ପିନ୍ଧୁଥିଲେ ଏବଂ ହଳେ ଜୋତାରେ ଅଭ୍ୟାସ କରୁଥିଲେ। ଅର୍ଥ ଅଭାବରୁ ଭଲ ପ୍ରଶିକ୍ଷଣ ନ ନେଇ ପାରିବାରୁ ସେ ନିଜେ ହିଁ ଘରେ ଏକାକୀ ଅଭ୍ୟାସ କରୁଥିଲେ। ଏପରିକି ସେ ନିଜର ବୋଲିଂ କରିବାର ଅଜବ ପ୍ରଣାଳୀ ପାଇଁ ଅନ୍ୟମାନଙ୍କ ନିକଟରେ ହାସ୍ୟାସ୍ପଦ ହୋଇଥିଲେ। ମାତ୍ର ସେ ଏ ପ୍ରତି ଦୃଷ୍ଟି ନ ଦେଇ ତାଙ୍କ ମା'ଙ୍କ ସହଯୋଗ ଏବଂ ପ୍ରେରଣା ଦ୍ୱାରା ତଥା ନିଜର ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ଦ୍ୱାରା ବିଶ୍ୱର ସର୍ବଶ୍ରେଷ୍ଠ ଏବଂ ଅଦ୍ୱିତୀୟ ଦ୍ରୁତ ବୋଲର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ନିଜର ପରିଶ୍ରମ ଦ୍ୱାରା ସେ ପଲ୍ ଉମରିଗର, ଦିଲିପ୍ ସରଦେଶାଇ ଅଓ୍ୱାର୍ଡ଼ିର ଅଧିକାରୀ ହେବା ସହ ପ୍ରଥମ ଭାରତୀୟ ଭାବେ "ସାର୍ ଗାର୍‌ଟିଲ୍ଡ ସୋବେର ଟ୍ରଫି ଫର୍ ଆଇ.ଆଇ.ସି. ମେନ୍‌ସ କ୍ରିକେଟ୍ ଅଫ୍ ଦି ୟିଅର ଇନ୍ ୨୦୨୪" ଜିତିଥିଲେ। ତେଣୁ ତାଙ୍କ ଜୀବନ କାହାଣୀ ଆମକୁ ଏହା ପ୍ରେରଣା ଦିଏ ଯେ ଆମେ ଯେକୌଣସି ଦିଗରେ କ୍ୟାରିୟର୍ କଲେ ମଧ୍ୟ ସେହି ଲକ୍ଷ୍ୟ ହାସଲ କରିବା ପାଇଁ କଠିନ ପରିଶ୍ରମ, ଦୃଢ଼ ଆତ୍ମବିଶ୍ୱାସ ତଥା ପରିବାରର ଲୋକମାନଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ। ଯେଉଁଭଳି ଯଶପ୍ରୀତ୍ ବୁମ୍‌ରାହ ସମସ୍ତ ସମସ୍ୟାର ମୁକାବିଲା କରି ଭାରତୀୟ କ୍ରିକେଟ୍‌ର 'ବ୍ୟାକ୍ ବୋନ୍' ରୂପେ ନିଜକୁ ପ୍ରତିଷ୍ଠିତ କରିପାରିଲେ ସେହିଭଳି ଆମେ ମଧ୍ୟ ନିଜର କର୍ମ ଓ କର୍ତ୍ତବ୍ୟ ପାଳନ କରି ଦେଶକୁ ତଥା ଆମ ଜନ୍ମଭୂମିକୁ ଗୌରବାନ୍ୱିତ କରିବା।

—o—

+୨ ବିଜ୍ଞାନଛାତ୍ର ଦ୍ୱିତୀୟବର୍ଷ
ଗୋନାସିକା ସାଇନ୍ସ କଲେଜ୍, କେନ୍ଦୁଝର

ଆମ ଗାଁ ବରଗଛ

● ରାଜଶ୍ରୀ ଦାଶ

ବିଶାଳ ବରଗଛଟାଏ, ଆମ ଗାଁର ପ୍ରବେଶ ଦ୍ୱାରରେ କାହିଁ କେଉଁ ଅନାଦି କାଳରୁ ଆମ ଗାଁ ଇତିହାସର ମୂକସାକ୍ଷୀ ହୋଇ ଦଣ୍ଡାୟମାନ ଥିଲା । ମହାବାତ୍ୟାଠାରୁ ଫନି, ହୁଡ଼୍‌ହୁଡ଼୍ ପରି ଅନେକ ଛୋଟବଡ଼ ପ୍ରାକୃତିକ ଦୈବ୍ୟ ଦୁର୍ବିପାକ ନିଜ ଆଖିରେ ସେ ଦେଖିଛି । ଗାଁ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାରେ ଲୁହ ସଦୃଶ୍ୟ ପତ୍ରଗୁଡ଼ାଏ ଅଜାଡ଼ି ଦେଇଛି ମଧ୍ୟ । ବୈଶାଖ, ଜ୍ୟେଷ୍ଠର ଟାଇଁ ଟାଇଁ ମୁଣ୍ଡଫଟା ପ୍ରଚଣ୍ଡ ଖରାରେ ବାଟୋଇ ତା'ତଳେ ଠିଆ ହେଲେ ଶୀତଳ ପବନ ମୁନ୍ଦାଏ ମଧ୍ୟ ଦେଇଛି ସେ । ଗାଁ ରାସ୍ତା ମାଟିରୁ ମୋରମ୍ ଓ ପିଚୁ ହେବାଯାଏ ସବୁ ଦେଖିଛି । କେତେ ମେଳା, ଯାତ୍ରା, ମଉସବ, ରାମଲୀଳା ନ ଦେଖିଛି ଅବା ସେ ଗାଁରେ ଶିଶୁଟିଏ ଜନ୍ମନେବା ଠାରୁ ଗାଁ ଝିଅ ଶାଶୁଘରକୁ ଯିବା, ଗାଁ ବୋହୂ ମଶାଣି ଯିବା ସବୁ ଦେଖିଛି । ଆଜି ଶାଶୁଘରୁ ବାପଘରକୁ ଆସିଲାବେଳେ ହଠାତ୍ ଗାଁର ପ୍ରବେଶ ଦ୍ୱାରରେ ସେ ବିଶାଳ ମହାଦ୍ରୁମକୁ ନଦେଖି କିଛିକ୍ଷଣ ପାଇଁ ନିଜ ଆଖିକୁ ବିଶ୍ୱାସ କରି ପାରୁନଥିଲି । କେତେ ନରକୋଳି ସେ ଗଛତଳୁ ଆଣି ଶୁଆଙ୍କୁ ଖାଇବାକୁ ଦେଇଛି । ସେ ବରଗଛ ଓହଳରେ ଝୁଲିବା ସବୁ ଆଖି ସାମ୍ନାକୁ ଆସିଗଲା । ଆଧୁନିକତାର ମିଛ ଓଢ଼ଣା ତଳେ ରାସ୍ତା । ଚଉଡ଼ା କରିବାକୁ ନିରୀହ ଗଛଟାକୁ ଧରଣୀଶାୟୀ କରିଦେଲେ ଖିନ୍ ଭିନ୍ କରି କାଟି ପକେଇଲେ । ଆହା ଲୁହ ଆସିଗଲା ମୋ ଆଖିରେ । ଏ ମଣିଷ ସତରେ କେତେ ନିଷ୍ଠୁର ଗଛ ଆଧନିକତାର ପରିଭାଷାକୁ ବଞ୍ଚେଇ ରଖିବାକୁ ଯାଇ ଜୀବିତ ବିଶାଳ ମହାଦ୍ରୁମକୁ ଧରାଶାୟୀ କରିଦେଲେ । ସେ ନିରୀହ ବୃକ୍ଷ ଉପରକୁ ଉଠାଇଥିଲେ ଆଜି ସେଇ ଜାଗା ଖାଲି, ଟାଇଁ ଟାଇଁ ଖରା ମୁରୁକି ମୁରୁକି ହସି କହୁଛି, ମୋ ପ୍ରତିଦ୍ୱନ୍ଦୀ ଆଜି ନାହିଁ ।

—୦—

ସାତଶଙ୍ଖ, ପୁରୀ

ନାରୀ କବି କୁନ୍ତଳା କୁମାରୀ

● ପ୍ରହଲ୍ଲାଦ ପଣ୍ଡା

୧୯୦୧ ମସିହା ଫେବୃୟାରୀ ୮ ତାରିଖ ଦିନ ନାରୀ କବି କୁନ୍ତଳା କୁମାରୀ ସାବତ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦାନିଏଲ ସାବତ ଓ ମାତାଙ୍କ ନାମ ମୋନିକା ସାବତ । ପିଲାଦିନେ କୁନ୍ତଳା ଅତି ଚୁପଚାପ ସାଧାରଣ ପିଲାଥିଲେ । ଅତି ପତଳା ଶରୀର । କୁନ୍ତଳା ନାମ ଅନୁସାରେ ତାଙ୍କର କେଶ ଗୁଡିକ ଅର୍ଥ ଓ ଘନ ଥିଲା । ତାଙ୍କର ବୟସ ବଡ ହେଲାପରେ ସେ ମୋଟା ହୋଇଯାଇଥିଲେ । ମେଡିକାଲ ପଢାବେଳେ କେଶରାଶି ମଧ୍ୟ କମିଯାଇଥିଲା । ସତସାହାସ ଓ ନିର୍ଭକତା ତାଙ୍କ ସ୍ୱଭାବର ଅନ୍ୟ ଏକ ନିଦର୍ଶନ । ଶୈଶବକାଳରୁ ଏହି ଗୁଣ ପ୍ରତିପାଦନ କରି ଥିବାରୁ ସାହି ପଡିଶା ଓ ବନ୍ଧୁବାନ୍ଧବଙ୍କ ଠାରୁ ତାଙ୍କୁ ଅନେକ ଗଞ୍ଜଣା ଶୁଣିବାକୁ ପଡିଛି । ଏହା ହିଁ ତାଙ୍କୁ ସ୍ୱଦେଶ ସଂଗ୍ରାମ ଓ ସାମାଜିକ ବିଦ୍ରୋହରେ ଏକ ନାରୀ ସୈନିକ ରୂପେ ପ୍ରମାଣିତ କରୁଥିଲା । ବାପାଙ୍କ ଠାରୁ ଇଂରାଜୀ ଓ ମା'ଙ୍କ ଠାରୁ ଓଡିଆ ଶିଖି ଉଭୟ ଭାଷାରେ ସିଦ୍ଧହସ୍ତ ସହ ଜଣେ ବିଶୁଦ୍ଧ ଓଡିଆଣି ଭାବରେ ନିଜକୁ ଜୀବନରେ ପ୍ରତିପାଦିତ କରିଥିଲେ । ମାଆଙ୍କ ପ୍ରେରଣା ପାଇ ମଧୁସୂଦନଙ୍କ ବର୍ଣ୍ଣବୋଧ କୁ ପୁରା ମୁଖସ୍ଥ କରିଦେଇଥିଲେ ଯାହା ଭବିଷ୍ୟତରେ ଓଡିଆରେ କବିତା ଲେଖା ପାଇଁ ସୁଯୋଗ ପାଇଥିଲେ ଓ ଜଣେ ଦକ୍ଷ ବିନ୍ଧାଣୀ ଭାବେ ପ୍ରମାଣିତ ହୋଇଥିଲେ । କବିତା ରଚନାସହ ସଂଗୀତରେ ରୁଚି ରଖି ତାଳ, ଲୟ, ସହ ସୁମଧୁର କଣ୍ଠରେ ସଂଗୀତ ଗାନ କରି ସମସ୍ତଙ୍କୁ ମୁଗ୍ଧ କରିପାରୁଥିଲେ । ପ୍ରଚଣ୍ଡ ଜ୍ଞାନର ଅଧିକାରୀ ହିନ୍ଦି, ବଙ୍ଗଳା, ତାମିଲ, ତେଲୁଗୁ ଆଦି ଭାଷାକୁ ବି କରାୟତ୍ତ କରିଥିଲେ । କବିତା ମାଧ୍ୟମରେ ଉତ୍କଳର ପୁରପଲ୍ଲୀ ଠାରୁ ଆରମ୍ଭ କରି ଭାରତର ଅନେକ ସ୍ଥାନରେ ବିପ୍ଳବର ବହ୍ନି ଜଳାଇଥିଲେ । ସେହି ଲକ୍ଷ୍ୟରେ ଓଡିଶାର ଜଣେ ସୁନାମଧନ୍ୟ କବି ବୁଝାଇଦେଇଛନ୍ତି ।

"ଆଗେ ସେ ଧରିଛି ଅସି, ପରେ ସିନା ଧରିଛି ଲେଖନୀ
ତେଣୁ ତା'ର ପ୍ରତି ପାଦେ ଥରିଉଠେ ଦେଶର ଧମନୀ।"

ପିତା ବର୍ମାରେ ଚାକିରି କରୁଥିବାବେଳେ ସେ ବର୍ମାକୁ ଯାଇ ସେଠାର ମାଟି ପାଣି ପବନକୁ ବେଶ ଭଲଭାବେ ଚିହ୍ନିପାରିଛନ୍ତି। ବର୍ମାର ଅତି ସ୍ୱାଧୀନ ନାରୀ ନିର୍ଭୀକତାକୁ ସେ ପିଲାଦିନୁ ବରଣ କରିନେଇଥିଲେ। ବର୍ମାର ନାରୀ ଯେତେ ସ୍ୱାଧୀନ ପୃଥିବୀର ଆଉ କୌଣସି ଦେଶର ନାରୀମାନେ ହୋଇନଥାନ୍ତି। ଏହାବୋଲି ସ୍ୱାଧୀନତା ଆଳରେ ପାରିବାରିକ ସ୍ନେହ, ସେବା ଓ ସର୍ବୋପରି ଗୃହିଣୀର କର୍ତ୍ତବ୍ୟରେ ଅବହେଳାକୁ ସେ ସମାଲୋଚନା କରୁଥିଲେ। ଆଚାର ବିଚାର ହିଁ ନାରୀର ଭୂଷଣ। ପ୍ରାୟତଃ ଦଶବର୍ଷ ବେଳୁ ସେ କବିତା ଲେଖି ସମସ୍ତଙ୍କୁ ଚକିତ କରିଦେଇଥିଲେ। ତାଙ୍କର ସା'ନ୍ତ ବାପାଙ୍କୁ ପାଦ୍ରୀ ଧମକାଇ ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ କରାଇ ଦେଇଥିଲେ। ସେହି କ୍ରମରେ ସେ ଖ୍ରୀଷ୍ଟିୟାନ ହୋଇଥିଲେ ହେଁ ଅନ୍ୟ ଧର୍ମର ନିନ୍ଦା କୋଉଠି ହେଲେ କରୁ ନଥିଲେ। ସର୍ବୋପରି ହିନ୍ଦୁ ଧର୍ମର ଚାଲିଚଳଣୀ ପ୍ରତି ଦେଶ ଆକୃଷ୍ଟ ହୋଇଥିଲେ। ସର୍ବୋପରି ସେ ଜଣେ ଭାରତୀୟ, ଭାରତ ବର୍ଷର ଇତିହାସ ପୁରାଣକୁ ପୁଙ୍ଖାନୁପୁଙ୍ଖ ମୁଖସ୍ଥ କରିଥିଲେ। ଧର୍ମନାମରେ ସାମ୍ପ୍ରଦାୟିକତା ନ ରହୁ ଏହା ହିଁ ତାଙ୍କର ଚିନ୍ତା। ବିବେକାନନ୍ଦ କହଛନ୍ତି ଅସଂଖ୍ୟ ଧର୍ମର ସ୍ରୋତ ଏ ପୃଥିବୀରେ ବହିଯାଇଛି। ସେଥିରୁ ସାମାନ୍ୟ କେତୋଟି ସ୍ରୋତ ଜୀବିତ। ସହସ୍ର ଧର୍ମର ନାମ ଓ ଇତିହାସର କ୍ଷୀଣ ଅସ୍ତିତ୍ୱ ମଧ୍ୟ ନାହିଁ। ବର୍ମାର ଦୀର୍ଘ ଚଉଦବର୍ଷ ରହି ମାମୁଁଘର ଖୋର୍ଦ୍ଧାକୁ ଝଲିଆସିଥିଲେ।

କୁନ୍ତଳା କଟକ ରେଭେନ୍‌ସା ବାଳିକା ବିଦ୍ୟାଳୟରେ ପାଠପଢି ପରେ ଡାକ୍ତରୀ ପାଠ ପଢାରେ ନାମ ଲେଖାଇ ୧୯୨୧ ମସିହାରେ ଡାକ୍ତର ସାର୍ଟିଫିକେଟ ହାସଲ କରିଥିଲେ। କଟକରେ ରହିବା କାଳରେ ହିନ୍ଦୁ ଝିଅମାନେ ତାଙ୍କର ଖୁବ୍ ଆନ୍ତରିକ ସଙ୍ଗାତ ହୋଇଯାଇଥିଲେ। ତାଙ୍କ ପର୍ବପର୍ବାଣୀରେ ସେମାନଙ୍କ ଘରକୁ ଯାଇ ବେଶ୍ ଆନନ୍ଦ ଅନୁଭବ କରୁଥିଲେ। ମିଶାମିଶି ଯୋଗୁଁ ତାଙ୍କର ହିନ୍ଦୁଧର୍ମ ପ୍ରତି ଆକର୍ଷଣ ଧୀରେ ଧୀରେ ବଢିବାକୁ ଲାଗିଲା। ସ୍ୱରରେ ସେ ଉପାସନା ସଙ୍ଗୀତଗୁଡିକ ଗାଇ ସମାଜର ଶ୍ରୋତାମାନଙ୍କୁ ମୁଗଧ କରୁଥିଲେ। ସମାଜ, ଧର୍ମ, ନୀତି, ଆଦର୍ଶ, ଏହି କେତୋଟିରେ ନୈତିକ ପ୍ରଭାବ ମଧ୍ୟରେ ସେ ନିରନ୍ତର ବୁଡି ରହି ପଢାପଢି ଓ ଲେଖାଲେଖିଲେ ମନୋନିବେଶ କରୁଥିଲେ। ସମୟର ମୂଲ୍ୟ ତାଙ୍କ ନିକଟରେ ଅତି ମହାର୍ଘ ଥିଲା। ଜୀବନକାଳ ୩୮ ବର୍ଷ ମଧ୍ୟରେ ଖୋର୍ଦ୍ଧାରେ ରହଣି କାଳରେ ଅତି ନମନୀୟ ଥିଲା। ସେ ପାଲଟିଯାଇଥିଲେ ଏକ ନିପଟ ମଫସଲର ଗାଁ ଭୁଲି ଓ ଡିଆଣୀ। ମେଡିକାଲରେ ପ୍ରଥମ ବର୍ଷ ନାମ ଲେଖା ପରେ ପଢା ଆରମ୍ଭ ହୋଇଥାଏ। ସାମାନ୍ୟ କେତେକ ଯୁବତୀ ପଢନ୍ତି ହିନ୍ଦୁ ଓଡିଆଣୀ ନାହିଁ। ଖ୍ରୀଷ୍ଟିଆନ ଓ ବଙ୍ଗୀୟ ହିନ୍ଦୁ ଯୁବତୀ ହିଁ ନାମ ଲେଖାଇଥାନ୍ତି। ବିଶେଷ କରି ଝିଅମାନେ ଉଚ୍ଚଶିକ୍ଷା କରିବାକୁ କେହି ମୁରବୀ ରାଜି ନୁହଁନ୍ତି। ଯେଉଁ କେଇଜଣ ଝିଅପଢନ୍ତି ସେମାନଙ୍କୁ ନାନା କୁତ୍ସା ରଟନା ସହ୍ୟ କରିବାକୁ ପଡେ। ବହୁ ଧନାଢ୍ୟ ଶିକ୍ଷିତ ଗୋଷ୍ଠୀରେ ଶିକ୍ଷିତା ଯୁବତୀମାନଙ୍କୁ ନେଇ ନାନା ଚର୍ଚ୍ଚା ଚାଲିଥାଏ। କେତେକ ବ୍ରାହ୍ମଧର୍ମ ଗ୍ରହଣ କରିବା ବାଧ୍ୟତାମୂଳକ ହୋଇଥାଏ। ଉପରେ ସାଥୀ ପିଲାମାନେ ଝିଅମାନଙ୍କ ପ୍ରତି ଦୁର୍ବ୍ୟହାର କରିବାକୁ ପଛେଇନଥା'ନ୍ତି। କୁନ୍ତଳା କୁମାରୀ ଏକାନ୍ତ ସୁନ୍ଦରୀ ନ ଥିଲେ ହେଁ- ଏତେଟା ଅସୁନ୍ଦରୀ ନ ଥିଲେ। ଅସମ୍ଭବ ଯୋଗ୍ୟତା ଓ ମଧୁର ଭାଷାର କଥାବାର୍ତ୍ତା ଦ୍ୱାରା ଅନେକ ସାଥୀଙ୍କର ସ୍ନେହ ଭାଜନ ହୋଇଥିଲେ। ଡାକ୍ତରୀ ଶିକ୍ଷାର ତନ୍ମୟ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ପୁସ୍ତକ ପାଠ କରିବା ଓ ଏଣୁ ତେଣୁ ଧର୍ମ କବିତା ଲେଖିବା ତାଙ୍କର ଅଭ୍ୟାସ ଥିଲା। ସା'ନ୍ତ ମା ସାଙ୍ଗରେ ଯାଇ ମେଡିକାଲ ସ୍କୁଲରେ ତାଙ୍କୁ ଛାଡି ଆସୁଥିଲେ। ଦିନେ ଦିନେ ନଯାଇ ପାରିଲେ ଏକୁଟିଆ ଫେରୁଥିଲେ। ଭୟ ହୃଦୟରେ ରହିଥିଲେ ହେଁ ମନରେ ଦମ୍ଭ ଓ ସାହସ ପୂରି ରହିଥିଲା। ଯାହା ଭାଗ୍ୟରେ ଥିବା ନିରାଶ୍ରୟର ଆଶ୍ରୟ ଇଶ୍ୱର ସେ ବିଶ୍ୱାସ କରୁଥିଲେ। ତାଙ୍କର ପ୍ରଥମ କବିତା 'ତାରାପ୍ରତି' ୭୭ ପଦର ଏକ ଦୀର୍ଘ କବିତା।

ଦୂର ଗଗନରେ ଜୁଲୁଜୁଲୁ ଚାହିଁ ହସୁ ତୁହି କ୍ଷୁଦ୍ରତାରା।
କ୍ଷଣିକେ ହୃଦୟେ ପରଶି ମୋହର କେତେ ଚିନ୍ତା ଆଶୁପରା।

ତାରା ପ୍ରତି କବିତାରେ ପ୍ରତ୍ୟେକ୍ଷ ସ୍ଥାନରେ ଆନ୍ଦୋଳନ ଘେନି କିଛି ଲେଖିବାରେ ସୁଯୋଗ ମନରେ ଜାଗ୍ରତ ହୋଇନଥିଲା। ବିଭିନ୍ନ ଇତିହାସ, ଜୀବନ କାହାଣୀର ଚିତ୍ର, ଆତ୍ମଦର୍ଶନ ଓ ଜାତୀୟ ସମ୍ପନ୍ନତିର ନାନା ଚିତ୍ର ସେ ଖଞ୍ଜିଥିଲେ। କବିତାଟି ବାରମ୍ବାର ପାଠ କରି ରାଧାନାଥଙ୍କ 'ବିବେକି' ପ୍ରବନ୍ଧ ଅନୁସାରେ ତାକୁ ବାରମ୍ବାର ପଢି ସଂଶୋଧନ କରୁଥିଲେ। କୁନ୍ତଳା କୁମାରୀ ୧୯୨୧ରେ ବିହାର ଓ ଓଡିଶା ମେଡିକାଲ ବୋର୍ଡ ପରୀକ୍ଷାରେ ଅତି ଉଚ୍ଚମାନର ନମ୍ବର ରଖି ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ସେ ଚାରିବର୍ଷ ପାଠ୍ୟକ୍ରମରେ ୧୬ଟି

ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲା । ତାଙ୍କ କୃତିତ୍ୱରେ ମେଡିକାଲ ସ୍କୁଲର ଶିକ୍ଷକ ବୃନ୍ଦ ଆନନ୍ଦମନରେ ଗୋଟିଏ ସଭାରେ ଜଣ ଜଣ ହୋଇ କୁନ୍ତଳା କୁମାରୀଙ୍କ ଉପରେ ଆଶୀର୍ବାଦ ବର୍ଷଣ କରିଥିଲେ । ଏହାପରେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ ସାହିତ୍ୟ, ସଂଗୀତ ଶିକ୍ଷା ଦ୍ୱାରା ଜୀବନର ଶେଷ ପର୍ଯ୍ୟନ୍ତ ସାହିତ୍ୟ ସାଧନା କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଥିଲେ । ଏହି ଅଳ୍ପଦିନ ହିଁ ତାଙ୍କୁ ଅମର କରିଦେଇଛି । ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ଠାରୁ ଚିଠି ପାଇ ୧୯୨୫ ମସିହା ମଇ ମାସ ପହିଲାରେ ମାହାଙ୍ଗା କୁସୁପୁର ଯାଇ ତାଙ୍କର ଚିକିତ୍ସାରେ ସହାୟକ ହୋଇଥିଲେ । ସେଠାରେ ୧୧ ଦିନ କାଳ ରହି ନନ୍ଦକିଶୋରଙ୍କ ଚିକିତ୍ସା ସହ ସାହିତ୍ୟ କ୍ଷେତ୍ରରେ ଅନେକ ଦିଗଦର୍ଶନ ପାଇଥିଲେ । ଓଡିଶାରୁ ୧୯୨୮ ମସିହା ଜୁଲାଇ ୧ ତାରିଖରେ ଦିଲ୍ଲୀ ଯାତ୍ରା କଲେ । ସେ ନିଜ ଜନ୍ମଭୂମି ତ୍ୟାଗ କରି ଭାରତୀଜନନୀଙ୍କ କୋଳକୁ ଝଲିଗଲେ । ମାତ୍ର ଓଡିଶାର ଯେଉଁ ବ୍ରାହ୍ମ ମୂହୁର୍ତ୍ତ ଗୁଡିକ କଟାଇଛନ୍ତି ତାହା ଅବିସ୍ମରଣୀୟ । ଯେଉଁ ସତ୍‌କୀର୍ତ୍ତି ଯଶୋରାଶି ଏହି ସମୟ ମଧ୍ୟରେ କଟାଇଛନ୍ତି ତାହା ତାଙ୍କ ଜୀବନର ମୁଖ୍ୟ ମହତ୍ତ୍ୱ । ୧୯୨୮ ମସିହାରେ କୁନ୍ତଳା କୁମାରୀଙ୍କ ବୃହତ ଉପନ୍ୟାସ 'ରଘୁ ଅରକ୍ଷିତ' ପ୍ରକାଶିତ ହେଲା । ଲେଖିବା ଜୀବନରେ ଘଟଣାର ଅନୁଭୂତି ଓ ନିଜ ଜୀବନର ବହୁଛାୟା ।ତାଙ୍କ ଲେଖିରେ ପଡିବା ସ୍ୱାଭାବିକ । ତାହା ହିଁ ରଘୁ ଅରକ୍ଷିତ ଉପନ୍ୟାସର ପ୍ରତିଫଳିତ । ତାଙ୍କର 'କାଳୀ ବୋହୂ' ଉପନ୍ୟାସ ମଧ୍ୟ ଜାତୀୟ ସଂସ୍କାର ଓଡିଶାର ବିଶେଷତ୍ୱ । ଓଡିଶାର ଭବିଷ୍ୟତ କଳ୍ପନା ପ୍ରସ୍ତୁତ ଲେଖା ।

ସେ ବାଳଶ୍ରୀ ବିଧବାର ଦୁଃଖରେ ଦୁଃଖୀ ହୋଇ ଅନେକ ଗୁଡିଏ ଚିତ୍ର ଉପସ୍ଥାପନା କରିଛନ୍ତି । କୁନ୍ତଳା କୁମାରୀଙ୍କ 'କାଳୀ ବୋହୂ' ଉପନ୍ୟାସରେ କୃଷି ବିଦ୍ୟାଳୟ, ଲୌହ ଶିଳ୍ପ ଓ କାଚ କାରଖାନାର ସ୍ୱପ୍ନଥିଲା ଯାହା ଆଜି ବାସ୍ତବ ଘଟଣା ହୋଇ ଦଣ୍ଡାୟମାନ । ସାମୟିକ ଉତ୍ତେଜନାରେ ଭାସି ନ ଯାଇ ସମାଜପ୍ରତି ଥିବା କର୍ତ୍ତବ୍ୟବୋଧକୁ ମନେ ପକାଇଛନ୍ତି ଉପନ୍ୟାସ ମାଧ୍ୟମରେ । ସମାଜରୁ ଉଚ୍ଚନୀଚ ମନୋଭାବ ଓ ଅସ୍ପୃଶ୍ୟତା ବିରୁଦ୍ଧରେ ଜନ ଆନ୍ଦୋଳନକୁ ସମର୍ଥନ ଜଣାଇ ନିଜର ଲେଖନୀ ମାଧ୍ୟମରେ ବେଶ ପରିପୁଷ୍ଟ କରିଛନ୍ତି । ହିନ୍ଦୁ, ମୁସଲମାନ,ଖ୍ରୀଷ୍ଟିୟାନ ଏ ତିନୋଟି ଧର୍ମର ଲୋକେ କିପରି ଏକ ହୋଇଯିବେ, ତାହା ତାଙ୍କର ସ୍ୱପ୍ନ ଥିଲା । ଜଗନ୍ନାଥଙ୍କ ପ୍ରତିମାସ୍ଥାପନ କରି ପୂଜା ଅର୍ଚ୍ଚନା କରୁଥିଲେ । ମୂର୍ତ୍ତିପୂଜା କରିଥିବାରୁ ଆର୍ଯ୍ୟସମାଜ ସହ ତାଙ୍କର ମନାନ୍ତର ହୋଇଥିଲା । ସେ କିନ୍ତୁ ମୂର୍ତ୍ତିପୂଜାରୁ ବିରତି ନ ହୋଇ ଘଣ୍ଟା ଘଣ୍ଟା ଧରି ଧୂପ, ଦୀପ ନେଇ ପୂଜା କରନ୍ତି ଠାକୁରଙ୍କୁ । ଫଳରେ ତାଙ୍କୁ ଆର୍ଯ୍ୟ ସମାଜରୁ ମିଳିଥିବା ବିରାଟ ପ୍ରସାଦଟି ହରାଇବାକୁ ପଡିଲା । ପରେ ଦିଲ୍ଲୀରେ ଘରଭଡା ନେଇ ରହିବାକୁ ହେଲା । କିନ୍ତୁ ମତଭେଦ ସତ୍ତ୍ୱେ ତାଙ୍କର ଚିକିତ୍ସାର ମହତ୍ତ୍ୱ ଓ ସାହିତ୍ୟର ପାଣ୍ଡିତ୍ୟ ତାଙ୍କୁ ସବୁବର୍ଗର ଲୋକମାନଙ୍କୁର ନିକଟତର କରାଇଲା ।

୧୯୩୮ ମସିହା ଅଗଷ୍ଟ ମାସ ୨୩ ତାରିଖ ପୁଅଟିଏ ଜନ୍ମନେଇ ଆନନ୍ଦରେ ଅଧିର ହୋଇ ମୂର୍ଚ୍ଛା ପଡିଗଲେ ।ତାଙ୍କ ପରି ଝିଅ ଓଡିଶାରେ ବିରଳ । ସେ ଥିଲେ ବିଚକ୍ଷଣା, ସ୍ନେହପୂର୍ଣ୍ଣା, ସାହିତ୍ୟିକା, କବି, ବିପ୍ଳବିନୀ ପୁଣି ଦୟାବତୀ । ତାଙ୍କର ଜାତୀୟତା ସର୍ବଦା ଅମ୍ଳାନ । ସରଳ ପ୍ରାଣର ଆନ୍ତରିକତା ତାଙ୍କ ଠାରେ ପରିପୂର୍ଣ୍ଣ । ଉତ୍କଳ ସାହିତ୍ୟ ଭଣ୍ଡାରକୁ ତାଙ୍କର ଦାନ ମହତ । ଉଦାରତା, ମନୁଷ୍ୟତା, ଦେବତ୍ୱ ଓ ବୀରତ୍ୱର ଗାଥା ଭିତରେ ଆଦର୍ଶ ମାନବ ଓ ଜୀବନକୁ ଅତିବାହିତ କରୁଥିଲେ । କୁନ୍ତଳା କୁମାରୀ ମଧୁମୟ ଜୀବନ ଚିରସ୍ମରଣୀୟ ହୋଇରହିବ । ସେ ନାରୀ କବି ହିସାବରେ ନାରୀ ଜାତିକୁ ଦେଶ ମାତୃକାର ପୂଜାବେଦୀରେ ଆତ୍ମବଳି ଦେବାକୁ ଡାକରା ଦେଇଛନ୍ତି । ତାଙ୍କର ଲକ୍ଷ୍ୟ ଓ ଆଦର୍ଶର ପଦାଙ୍କ ଅନୁସରଣ କରିବା ଆମର ଏକାନ୍ତ କାମ୍ୟ ଅଟେ ।

-୦-

ପ୍ରଧାନଶିକ୍ଷକ ତଥା ସଂପାଦକ 'ରୂପାଲି'
ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦ
ଓଡିଶା, ରସୁଲପୁର, ଯାଜପୁର

ସମ୍ପର୍କ

● ମଧୁସ୍ମିତା ଖଟୁଆ

"ସମ୍ପର୍କ" ଏମିତି ଏକ ଶବ୍ଦ ଯାହାର ରୂପ ଅନେକ ଭାବାର୍ଥ ଅନେକ। ମଣିଷ ନିଜ ଜୀବନ କାଳରେ ଅନେକ ସମ୍ପକର୍ମ ଗଢ଼ିଥାଏ। ମଣିଷ ଜନ୍ମ ତ ବହୁ ପୁଣ୍ୟ ବଳରେ ପ୍ରାପ୍ତ। ଏହି ଜୀବନକାଳ ମଧ୍ୟରେ ପ୍ରଥମେ ରକ୍ତ ସମ୍ପର୍କରେ ସେ ବାନ୍ଧିହୁଏ। ପରିବାରର ସ୍ନେହ ଆଦର ଭଲ ପାଇବାରେ ସେ ସାଙ୍ଗସାଥୀଙ୍କ ସହ ଏକ ନିବିଡ଼ ସମ୍ପର୍କରେ ବାନ୍ଧିହୋଇଯାଏ। ଜୀବନର ଚଲାପଥରେ ଦେଖା ହୁଅନ୍ତି ଅନେକ ପ୍ରକାରର ମଣିଷ। ମଣିଷର ଆଚରଣ ବ୍ୟବହାର ହିଁ ତା'ର ପରିଚୟ ଓ ଅନ୍ୟ ସହିତ ସମ୍ପର୍କ ସୃଷ୍ଟି କରିଥାଏ। ଜୀବନରେ ଅନେକ ଝଡ଼ ଝଞ୍ଝା ଓ କଷ୍ଟ ଆସେ। କିନ୍ତୁ ମଣିଷ ଯଦି ପରିବାର ଓ ସମାଜରେ ସମ୍ପର୍କ ଭଲ ରଖିଥାଏ, ତେବେ ସମସ୍ୟାର ସମାଧାନର ବାଟ ଖୋଜିବାରେ ଓ ଅନ୍ୟକୁ ନିଜ ସମସ୍ୟା କହିବାକୁ ସେ କୁଣ୍ଠାବୋଧ କରିନଥାଏ।

ମଣିଷ ଛାତି ଭିତରେ ଯେଉଁ ଛୋଟିଆ ହୃଦୟଟେ ଅଛି ସେ ସବୁବେଳେ ଖୋଜେ ନିଜ ହୃଦୟର ଭାଷାକୁ ବୁଝିପାରୁଥିବା ହୃଦୟଟିଏ।

ଅନେକ ସମୟରେ ହୃଦୟ ମଧ୍ୟରେ ମଣିଷ ଲୁଚାଇ ରଖିଥାଏ ଅନେକ ଯନ୍ତ୍ରଣା ଓ କଷ୍ଟ। ଏହି କଷ୍ଟ ଓ ଯନ୍ତ୍ରଣା ଜର୍ଜରିତ ମଣିଷ ଯଦି ଚଲାପଥରେ ଭଲ ବିଶ୍ୱସ୍ତ ବନ୍ଧୁଟିଏ ପାଇଯାଏ ତେବେ ସେ ନିଜର ମନର ବ୍ୟଥା ବଖାଣି କଷ୍ଟକୁ ଲାଘବ କରିଥାଏ।

ବେଳେବେଳେ କିଛି ଲୋକଙ୍କ ସହ ସ୍ୱଳ୍প ସମୟ ପାଇଁ ଦେଖାହେଲେ ମଧ୍ୟ ତାଙ୍କର ହୃଦୟକୁ ଜିଣିଲା ଭଳି କଥା କେଇପଦ ସବୁବେଳେ ମନେ ରହିଯାଏ। ପରୋପକାରୀ, ସହିଷ୍ଣୁତା ଓ ନିସ୍ୱାର୍ଥପର ମଣିଷ ଅନେକ ଅସହାୟ ମଣିଷଙ୍କ ଜୀବନରେ ଆଲୋକ ଭରିଦିଅ ଓ ସେଠାରେ ଗଢ଼ିଉଠେ ଏକ ଅତୁଟ, ସମ୍ପର୍କ। ସେ ସମ୍ପର୍କ ସବୁଠୁ ମଜ୍‌ବୁତ ବିଶ୍ୱାସନୀୟ ଓ ଭରସାଯୋଗ୍ୟ ହୋଇଉଠେ।

ସବୁଠାରୁ ମଧୁର ଓ ପବିତ୍ର ସଂପର୍କ ହେଉଛି ପରମାତ୍ମାଙ୍କ ସହ ସମ୍ପର୍କ। ସେହି ବିଶ୍ୱନିୟନ୍ତା ଦୟାମୟଙ୍କ କୃପା ଅପାର। ଭଗବାନଙ୍କୁ ନିଜର କରି ମନର କଷ୍ଟ ବଖାଣିଲେ ସେ ନିଶ୍ଚୟ ସମାଧାନ ବାଟ ଦେଖାନ୍ତି। ସେହି ଦୟାମୟଙ୍କ ଆଶିଷ ମିଳିଗଲେ ଜୀବନର ଚଲାପଥ କୁସୁମିତ ହୋଇଯିବ। ସେହି ବିଶ୍ୱନିୟନ୍ତାଙ୍କୁ ବିଶ୍ୱାସ କରି ବାଟ ଚଲିଲେ ଜୀବନରେ ଆସୁଥିବା ସବୁ ପରିସ୍ଥିତିର ସାମନା କରିବାକୁ ମିଳିଯିବ ଅସୀମ ସାହସ ଓ ଶକ୍ତି।

ସେଥିପାଇଁ କଥାରେ ଅଛି -

ସମ୍ପର୍କ ତ ଏକ ଅଙ୍କାବଙ୍କା ନଈ
ଯାଉଥାଏ ବହି ବହି
କେବେ ଛିଡ଼ିଯାଏ, କେବେ ଯୋଡ଼ିହୁଏ
ସାଗର ବକ୍ଷରେ ଯାଇ।

—o—



ଶିକ୍ଷୟିତ୍ରୀ ତଥା ସଦସ୍ୟା
ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ



ଅଦୃଶ୍ୟ

● ଆଶୁତୋଷ ମେହେର

ସକାଳୁ ସକାଳୁ ସେ ବାହାରି ଯାଇଥିଲା ସହରକୁ ଗୋଟାଏ ଜରୁରୀ କାମରେ। କାମସାରି ଘରକୁ ଫେରିବା ଡେରି ହେଲା, ରାତି ହୋଇଯାଇଥିଲା।

ବାହାର ଦରଜାଟା ଦର ଆଉଜା ଥିଲା। ଠେଲିବା ମାତ୍ରେ ଆପେ ଆପେ ଖୋଲିଗଲା। ହେଲେ ଏ କଣ ? ଘର ଭିତରେ ଏକ ଅଦ୍ଭୁତ ନିରବତା ତାକୁ ଯେମିତିକା ଘେରି ବସିଲା। ବତୀ ସବୁ ଜଳୁଥିଲା, ହେଲେ ଭିତରେ କିନ୍ତୁ କେହି ଦେଖା ଯାଉ ନଥିଲେ।

ମା' କୁଆଡ଼େ ଗଲା ? ରବି ମନ ଭିତରେ ଅନେକ ପ୍ରଶ୍ନ। ଗାଁରେ ଗୋଟାଏ ଛୋଟ ପରିବାର ତାଙ୍କର, ସେ ଆଉ ମା। ଅନ୍ୟ ଦିନ ମା' ସାଧାରଣତଃ ଦରଜା ପାଖରେ ଛିଡ଼ା ହୋଇ ଅପେକ୍ଷା କରିଥାନ୍ତି ତାକୁ, ହେଲେ ଆଜି କେହି ନାହିଁ ମା' ? ସେ ଡାକିଲା। କୌଣସି ଉତ୍ତର ନାହିଁ।

ରନ୍ଧା ଘରକୁ ଗଲା। ତେବେ ଚୁଲି ଉପରେ ଏକ ହାଣ୍ଡି ବସିଛି ସିନା, ନିଆଁ କେବେଠୁ ନିଭିଯାଇଛି। ଭାତ ଥଣ୍ଡା ହୋଇ ଶୁଖି ଗୋଡ଼ି ହୋଇ ଯାଇଛି।

ମାଁ କେବେ କେମିତି ଏତେ ବେଳକୁ ଖାଇ ସାରି ଶୋଇ ପଡ଼ିଥାନ୍ତି, କାମର ଝଞ୍ଜଟରେ। ତେବେ ତ ଆଜି ଏମଦମ୍ ଅଲଗା ଲାଗୁଛି।

ତଥାପି ରବି ଶୋଇବା ଘରକୁ ଗଲା। ବିଛଣା ପରିଷ୍କାର ହୋଇ ପଡ଼ିଛି। ମା' ଶାଢ଼ୀଟା ବିଛଣା ଉପରେ ପଡ଼ିଛି ସତେକ ଯେମିତି କି ସେଠାରୁ ସେ ହଠାତ୍ ଉଭାନ୍ ହୋଇଯାଇଛି।

ଏତେ ରାତିରେ ମା' କେଉଁଠି ଯାଇଛନ୍ତି ? ବିକଳରେ ସେ ଗାଁର ଲୋକଙ୍କୁ ଖବର କଲା। ସମସ୍ତେ ଆସିଲେ ହେଲେ କେହି କିଛି କହି ପାରିଲେ ନାହିଁ। ମାଁ କାହାକୁ କିଛି କହି ନଥିଲେ, ସେମାନେ ଜାଣିବେ କେମିତି। ସମସ୍ତେ ବିଚାର କରି କହିଲେ ଆସନ୍ତାକାଲି ପାଖ ଥାନାରେ ରିପୋର୍ଟ କରିବା ପାଇଁ ଯିବେ।

ରାତି ବଢୁଥିଲା। ଦୁଃଖରେ ଭାଙ୍ଗିପଡ଼ି ରବି ବାରଣ୍ଡା ଖଟ ଉପରେ ବସି ଚିନ୍ତା କରୁଥିଲା। ସେ ପୁରା ଚକିତ ଓ ବାଟବଣା ହୋଇଯାଉଥିଲା।

ହଠାତ୍ ତାର କାନରେ ଗୋଟାଏ ଜଣାଶୁଣା ମୃଦୁ ସ୍ୱର ଆସିଲା। କେହି ଜଣେ ଡାକିଲା, "ରବି...." ସେ ଚମକି ଉଠିଲା। ଝରିପାଖ ଝହିଁଲା। କେହି ନାହାଁନ୍ତି। ତା ମୁହଁରୁ ଆପେ ଆପେ ବାହାରିଗଲା -"କିଏ ସେ ?" ପୁଣି ସେହି ସ୍ୱର, ଏଥର ବେଶ୍ ପାଖରୁ "ମୁଁ ଏଇଠି ଅଛି ପୁଅ.....କିନ୍ତୁ ତୁ ମୋତେ ଦେଖିପାରିବୁ ନାହିଁ।"

"ମାଆ.... ତୁମେ କେଉଁଠି ? "ହଁ ରବି... ମୁଁ ଅଦୃଶ୍ୟ ହୋଇଯାଇଛି। ତୁ ବିଶ୍ୱାସ କରି ପାରିବୁନି ଏ କଥା।" ସତରେ ରବି ବିଶ୍ୱାସ କରି ପାରୁନଥିଲା କଣ ସବୁ ଘଟିଯାଉଛି। ସେ ହାତ ବଢ଼ାଇ ଝରିପାଖ ଅନୁଭବ କରିବାକୁ "ଏ କିପରି ହେଲା ? କେମିତି ହେଲା ଏମିତି ?" କମ୍ପିଲା କଣ୍ଠରେ କହିଲା।

"ଶୁଣ, ଆଜି ସକାଳେ ତୁ ସହର ଗଲା ପରେ ମୁଁ ଆମର ପୁରୁଣା ଢବା କୋଠରୀରେ ଯାଇଥିଲି। ସେଠାରେ ଗୋଟାଏ ପୁରୁଣା କାଠବକ୍ସ ବହୁତ ଦିନରୁ ଥିଲା। ତାକୁ ଖୋଲି ଦେଖିଲା ବେଳକୁ ଗୋଟାଏ ତାଳପତ୍ର ପୋଥି ପାଇଲି। ତା ଉପରେ ଗୋଟାଏ ରସି ଗୁଡ଼ାହୋଇଥିଲା। ମୁଁ ସେ ରସିକୁ ଖୋଲିଲାରୁ ତାଳପତ୍ର ପୋଥିର ପତ୍ର ସବୁ ବିଖିରି ତଳେ ପଡ଼ିଗଲା। ତା ଭିତରେ ଗୋଟାଏ ଛୋଟ କାଚ ଶିଶି ବି ଥିଲା। ସେଇଟା ତଳେ ପଡ଼ି ଭାଙ୍ଗିଗଲା ଓ ହଠାତ୍ ତା ଭିତରୁ ଏକ ଧୂଆଁଳିଆ ମେଘ ବାହାରି ଘର ସାରା ଛାଇଗଲା। ତାରି ପ୍ରଭାବରେ ମୁଁ ଅଦୃଶ୍ୟ ହୋଇଗଲି।" ରବି ସ୍ତବ୍ଧ ହୋଇ ଶୁଣି ଚୁପ୍ ହୋଇ ରହିଲା। ତାର ଆଖିରୁ ଧାରଧାର ଲୁହ ଗଡ଼ିଲା। "ତେବେ

ମା, ମୁଁ ଏବେ କଣ କରିବି ? କେମିତି ବଞ୍ଚିବି ? ତୁମକୁ କିପରି ଫେରାଇ ଆଣିବି ? ମା'ର ସ୍ୱର ଏଥର ଶାନ୍ତ ହୋଇ କହିଲା- ରବି' ସମ୍ଭବ ନୁହେଁରେ ପୁଅ...ତେବେ ମୁଁ ତୋର ପାଖରେ ଅଦୃଶ୍ୟ ହୋଇ ରହିବି । ତୁ ମୋତେ ଦେଖିପାରିବୁ ନାହିଁ, ତେବେ ମୁଁ ତୋର ସବୁ କଥା ଶୁଣୁଛି । ତୁ ଆଗପରି ବିନାଚିନ୍ତାରେ ଖାଇବୁ, ଶୋଇବୁ, ହସିବୁ... ଆଉ ମୁଁ ତୋର ପାଖେ ପାଖେ ରହିଥିବି । କେବଳ ଏତିକି କରିବୁ... ମା ଡାକ ଦେଇ ମୋ ସହ କଥା ହେବୁ । ଯାହା କରିବୁ, ସବୁ ମୋତେ କହିବୁ । ମୁଁ ଅଦୃଶ୍ୟ ହୋଇଛି, କିନ୍ତୁ ତୋର ମାଆ ତ ! !"

ରବି ଦୁଃଖ କ୍ଲାନ୍ତ ହୋଇ ବିଛଣାରେ ଗଡ଼ିପଡ଼ିଲା । ଆଖିବୁଜି ସେ ଧୀରେ ଧୀରେ କହିଲା, "ମା...ଆଜି ମୁଁ ବହୁତ କ୍ଲାନ୍ତ ହୋଇଯାଇଛି । ତୁମେ ମୋ ପାଖରେ ଥାଇ, ଗୋଟେ ଗୀତ ଗାଇ ଶୁଣାଅ... ଯେମିତି ଛୋଟ ବେଳେ ଗାଉଥିଲ ।"

ସେ ଅନ୍ଧାର ଘର ଭିତରେ ଏକ ମୃଦୁ, ମିଠା ମଧୁର ସ୍ୱରରେ ଗୀତ ଶୁଣାଗଲା । ରବି ଚୁପ୍ ହୋଇ ଶୁଣୁଥିଲା । ତାର ଆଖିରୁ ଲୁହ ପଡୁଥିଲା, କିନ୍ତୁ ମୁହଁରେ ଏକ ଛୋଟ ହସ ଥିଲା । ସେ ଜାଣିଗଲା ... ଅଦୃଶ୍ୟ ହେବା ମାନେ ହଜିଯିବା ନୁହେଁ, ସ୍ମୃତି ହୋଇଯିବା ! !

କେବଳ ଶରୀର ସିନା ଦେଖା ଯାଉନାହିଁ । କିନ୍ତୁ ଭଲ ପାଇବା ତ କେବେ ଅଦୃଶ୍ୟ ହୁଏ ନାହିଁ । ରବିର ଆଖିରେ ନିଦର ପରଳ ପଡ଼ିବା ଆରମ୍ଭ ହୋଇଥିଲା ଧୀରେ ଧୀରେ ।

—o—

ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ, ଭୁବନେଶ୍ୱର

ଅଦୃଶ୍ୟ ସତ୍ୟ

● ରେଶ୍ମା ଶତପଥି

ବିଶ୍ୱାସ ଓ ଭରସା ଏମିତି ଏକ ଜିନିଷ ଯାହା ମଣିଷକୁ ଅନ୍ୟତମ ସ୍ଥାନରେ ପହଞ୍ଚିବାରେ ସାହାଯ୍ୟ କରେ । ଏମିତି ଏକ ଅପରାହ୍ନରେ ଜେଜେ ଓ ନାତି ମିଶି ଗପ କରୁଥିଲେ । ନାତି କହିଲା ଜେଜେ ଗୋଟେ ଭଲ ଗପ ଶୁଣାଅ ଯାହାଠୁ ମତେ କିଛି ଶିଖିବାକୁ ମିଳିବ ଓ ମତେ ଭଲ ବି ଲାଗିବ । ଜେଜେ କହିଲେ ତେବେ ଶୁଣ ଏକ ପରିବାରରେ ବାପା ମା, ଭଉଣୀ,ଭାଇ ମିଶି ରହୁଥିଲେ । ବାପା ଥିଲେ ଜଣେ ଅଧ୍ୟାପକ ଓ ମା ଜଣେ ଜନତାଙ୍କ ରକ୍ଷକ ଅର୍ଥାତ୍ ପୋଲିସ କର୍ମଚାରୀ ଥିଲେ । ବାପା ମଆଙ୍କର ଇଚ୍ଛା ଥିଲା ତାଙ୍କ ଭଳି ତାଙ୍କ ପିଲାମାନେ ଭଲ ପାଠ ପଢି ନିଜ ଜୀବନକୁ ସରସ ସୁନ୍ଦର କରନ୍ତୁ । ଝିଅ(ଲକି), ପୁଅ (ରୁଦ୍ର) । ଲକି ପିଲାବେଳୁ ନିଜ ବାପାଙ୍କ ଆଦର୍ଶ ଭଳି ଭଲ ପାଠ ଭଲ ମାର୍କ ରଖୁଥିଲା । କିନ୍ତୁ ରୁଦ୍ରର ସେତେ ଭଲ ପାଠ ହେଉ ନ ଥିଲା । ବାପା ମା ତା ଠାରୁ ଆଶା ହରେଇ ଦେଇଥିଲେ । କାରଣ ପିଲାବେଳୁ ସେ ଭଲପାଠ ପଢେନି । କିନ୍ତୁ ସେଠାରେ ତା ବଡ ଦିଦି ତାକୁ ସାହାସ ଦିଏ । ଲକି କହେ କି ତୁ ଦିନେ ନା ଦିନେ ବାପା ମା ଙ୍କ ଆଶା ରଖିବୁ । ନିଜ ଉପରେ ବିଶ୍ୱାସ ରଖ, ରୁଦ୍ରକୁ ସେମିତି ତା ଦିଦିର ବିଶ୍ୱାସ ଓ ନିଜ ଉପରେ ଭରସା ଏକ ପ୍ରେରଣା ଦେଲା । କିଛି ବର୍ଷ ପରେ ରୁଦ୍ର ଦେଶର ରକ୍ଷକ ଅର୍ଥାତ୍ ସୈନିକ ହୋଇ ବାହାରିଲା । ହଠାତ୍ ଜେଜେ ଓ ନାତିଙ୍କ ଗପ ଭଙ୍ଗ ହୋଇଗଲା । କାରଣ ସେଠାରେ ଛୁଆଟିର ବାପା ଆସି ପହଞ୍ଚିଲେ । ଯିଏ କି ଦୀର୍ଘ ୫ ବର୍ଷ ପରେ ଘରକୁ ଫେରିଥିଲେ । କାରଣ ସେ ଦେଶର ରକ୍ଷକ ହୋଇ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ଆପଣମାନେ ଠିକ୍ ଭାବିଛନ୍ତି ଉପରେ ଗଳ୍ପଟି ଥିଲା ଜେଜେଙ୍କ ଅତିବାହିତ ଗତକାଲି ଯାହାକି ତାଙ୍କ ନିଜ ପୁଅର ଥିଲା । ଉପର ଗଳ୍ପଟି ଭଳି ଯଦି ନିଜ ଉପର ଭରସା ରଖିବେ, ଯେମିତି ପଥର ମୂର୍ତ୍ତି ଗଢିବା ପାଇଁ କି ଦିନର ସମୟ ଓ ପରିଶ୍ରମ ଲାଗିବ କିନ୍ତୁ ଶେଷରେ ଏକ ସୁନ୍ଦର ପ୍ରତିମା ଗଢି ଉଠିବ । ଠିକ୍ ରୁଦ୍ର ଭଳି ପାଠ ପଢୁ ନଥିବା ପିଲା, ଦେଶର ସୈନିକ ହେଲା ନିଜର ଆତ୍ମବିଶ୍ୱାସ ଓ ପରିଶ୍ରମ ବଳରେ ଜୀବନରେ ଯେତେ ଝଡ ଆସିଲେ ବି ନିଜ ଉପରେ ଭରସା ରଖିଥିଲେ ଦିନେ ନା ଦିନେ ଆମେ କିଛି ବି ହାସଲ କରି ପାରିବା । ନିଜ ଉପରେ ଭରସା ରଖ ଯାହା ଅଦୃଶ୍ୟ ସତ୍ୟ । ଏହା ଆମମାନଙ୍କୁ ଜୀବନକୁ ଗଢିବାରେ ନିତାନ୍ତ ଜରୁରୀ ।

-o-

ଧର୍ମଶାଳା ମହାବିଦ୍ୟାଳୟ, ଯାଜପୁର

ପୂର୍ବଚିହ୍ନା ବନ୍ଧୁ

● ଶ୍ରୀ ସୌମ୍ୟରଞ୍ଜନ ପାଣି

ସେଦିନ ଦେଖା ହୋଇଥିବା ସବୁ ବନ୍ଧୁମାନଙ୍କ ସହ ମୋର ସେଦିଦ ଠାରୁ ସଂଯୋଗ ରହିଥିଲା । କିନ୍ତୁ ଜଣଙ୍କ ସହ ଯୋଗାଯୋଗ ରହିପାରିନଥିଲା । କାରଣ ସେ ମୋତେ ଦେଇଥିବା ମୋବାଇଲ ନମ୍ବର କାଗଜ ଟିକୁ ମୁଁ ଗୋଟିଏ ଡାଏରୀ ଭିତରେ ରଖି ଦେଇଥିଲି ଓ କଲ କରି ପାରିନଥିଲି । ପରେ କଲ୍ କରିବାକୁ ଗଲା ବେଳେ ମୋର ଆଉ କାଇଁ କଲ୍ କରିବାକୁ ଇଚ୍ଛା ହେଲା ନାହିଁ । କାରଣ ଯେତେବେଳେ ମୋର ତାଙ୍କ ସହ ବନ୍ଧୁତା ହୋଇସାରିଥିଲା ସେତେବେଳେ ମୁଁ ତାଙ୍କ ସହ ଯୋଗାଯୋଗ ନମ୍ବର ମାଗି ଥିଲି ଏଥିପାଇଁ ଯେ ତାଙ୍କ ଘର ଆମ ଘର ଠାରୁ ବହୁତ ଦୂର ଥିଲା । କିନ୍ତୁ ସେ ନିଜ ଯୋଗାଯୋଗ ନମ୍ବର ଦେବା ପାଇଁ ସଙ୍କୋଚ ପ୍ରକାଶ କରି ଦେଇଥିଲେ । କିନ୍ତୁ ମୋର ସେଠି ପରିଚିତ ହୋଇଥିବା କୌଣସି ସାଙ୍ଗ ସଙ୍କୋଚ କରିନଥିଲେ ଏଥିପାଇଁ । କିନ୍ତୁ ସେ ମନ ଭିତରୁ ବୋଧେ ସଙ୍କା ପ୍ରକାଶ କରୁଥିଲେ । ସେ ଦିନ ବୋଧେ ତାଙ୍କ ବିଦ୍ୟାଳୟର ମୋର ତାଙ୍କ ସହ ତୃତୀୟ ଥର ଦେଖା ହୋଇଥିଲା । ଏହି କିଛି କଥା ପାଇଁ ବୋଧେ ମୋର ମନ ତାଙ୍କୁ କଲ୍ କରିବା ପାଇଁ ପଛ ଘୁଞ୍ଚା ଦେଇଥିଲା । ତାଙ୍କ ଘର ଆମ ଘର ଠାରୁ ପ୍ରାୟ ୩୦ କି.ମ ଆମ ବ୍ଲକ କାର୍ଯ୍ୟାଳୟ ପାଖରେ । ମୁଁ ତାଙ୍କ ସହ ଯୋଗା ଯୋଗ କରିନଥିଲି ସତ କିନ୍ତୁ ତାଙ୍କ ଗାଁ ବାଟ ଦେଇ ବହୁ ଥର ଯିବା ଆସିବା କରିଛି ତା ପରେ । କାରଣ ତାଙ୍କ ଗାଁ ଦେଇ ଯାଇଥିବା ରାସ୍ତାଟି ଆମ ଜିଲ୍ଲା ଟାଉନ୍ ସହ ସଂଯୋଗ ହୋଇଛି । ସେ ବାଟ ଦେଇ ଗଲାବେଳେ ମୋର ସେଇ ସାଙ୍ଗ କଥା ମନେ ପଡିଯାଏ । ଏମିତି ଲାଗେ ତାଙ୍କ ସହ ମୋର ବୋଧେ ଆଜି ଆଉଥରେ ଦେଖା ହୋଇଯିବ । କିନ୍ତୁ ସେମିତି କିଛି ହୁଏ ନାହିଁ । ନବମ ଶ୍ରେଣୀରେ ସେ ପିଲା ସହ ଏକାଦଶ ପଢିବା ପୂର୍ବରୁ କଟକର ଏକ ଘରୋଇ ଶିକ୍ଷା ଅନୁଷ୍ଠାନକୁ ଯାଇଥାଏ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଷୟରେ ଧାରଣା ନେବା ପାଇଁ । ତା ପରେ ଭୁବନେଶ୍ୱର ଠାରେ ଠିକ ହେଲା ମୋର ମହାବିଦ୍ୟାଳୟ ପାଠପଢା । ସେଠି ମାତ୍ର ୫ ଦିନ ରହିବା ପରେ ଘରୁ ଖବର ଆସିଲା ମୁଁ ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି । ତେଣୁ ମୁଁ ନବୋଦୟ ବିଦ୍ୟାଳୟରେ ପାଠ ପଢିବି । ସେଥିପାଇଁ ସେଠାରୁ ଘରକୁ ଖବର ଆସିଲା । ଏଥିପାଇଁ ମୁଁ ୧୦ମ ଅର୍ଦ୍ଧବାର୍ଷିକ ପରୀକ୍ଷା ପରେ ଏକ ପ୍ରବେଶିକା ପରୀକ୍ଷା ଦେଇଥିଲି ଓ ଏଥିପାଇଁ ମୋର ଜଣେ ସାର୍ ଏ ବିଷୟରେ ଜଣାଇଥିଲେ ଏବଂ ମୋତେ ପ୍ରସ୍ତୁତ କରିଥିଲେ । ନବୋଦୟ ପ୍ରବେଶିକା ପରୀକ୍ଷା ଦେବା ପାଇଁ ଯିବା ବେଳକୁ ମୁଁ ବହୁତ କଷ୍ଟକର ପରିସ୍ଥିତି ରେ ଯାଇଥିଲି । ଯେଉଁ ଦିନ ମୋର ପରୀକ୍ଷା ଥିଲା ସେଦିନ ମୁଁ ମୋର ଜଣେ ସାଙ୍ଗ ଘରେ ଯାଇ ପଢାପଢି କରୁଥିଲି ସ୍କୁଲ ପରୀକ୍ଷା ପାଇଁ ଏବଂ ସେ ଦିନ ପରୀକ୍ଷା ବୋଲି ମୁଁ ଭୁଲି ଯାଇଥିଲି । ହଠାତ୍ ସେଦିନ ସକାଳେ ତାଙ୍କ ତାଙ୍କ ଘରେ କିଏ କହିଲେ ଆଜି ୧୦ ତାରିଖ, ମୁଁ ହଠାତ୍ ଆଶ୍ଚର୍ଯ୍ୟ ହୋଇଗଲି ଆଜି ୧୦ ତାରିଖ ବୋଲି । କିନ୍ତୁ ସତରେ ସେଦିନ ମୁଁ ୧୦ ତାରିଖ ଥିଲା । ସାଇକେଲ ଧରି ସେଠାରୁ ଆସି ପହଞ୍ଚିଲି ସିଧା ଘରେ, ଘରେ ଆସି ଦେଖେ ଯେ ବାପା ବାହାରି ଗଲେଣି ନିଜ କାମରେ । କଣ କରିବି ମୁଣ୍ଡରେ କିଛି ପଶୁନଥାଏ । ସେତେବେଳେ ମୋର ସବୁ ଡକ୍ୟୁମେଣ୍ଟସ୍ ଧରିଲା ହେଲମେଟ୍ ପିନ୍ଧି ମୋଟର ସାଇକେଲ ଚଢି ଆସି ପହଞ୍ଚିଲି ବାପାଙ୍କ କାମ ପାଖରେ । ମୋତେ ପ୍ରଥମ ଥର ଗାଡି ଚଳେଇବା ଦେଖି ବାପା ଆଚମ୍ବିତ ହୋଇ ପଚାରିଲେ ଆସିବାର କାରଣ ସେଠୁ ମୁଁ ସବୁ କଥା କହିବା ପରେ ସେ କହିଲେ ପରୀକ୍ଷା ସେଣ୍ଟରକୁ ଯିବାକୁ ଯେ ହେତୁ ବାପାଙ୍କ କାମ ଆରମ୍ଭ ହୋଇସାରିଥିଲା ତେଣୁ ସେ ଯିବାକୁ ମନା କଲେ । କାରଣ ରାଜମିସ୍ତ୍ରୀ କାମ ଅଧା କରି କେମିତି ଛାଡି ଆସିବେ ? ମୋତେ ଦେଖି ସେଠାରେ ଥିବା ଘରମାଲିକଙ୍କ ପୁଅ ପଚାରିଲେ କ'ଣ ହୋଇଛି ଓ ବାପା ତାଙ୍କୁ ମୋତେ ପରୀକ୍ଷା କେନ୍ଦ୍ରକୁ ନେବା ପାଇଁ ଅନୁରୋଧ କଲେ । ସେ ବି ଜଣେ ଟାଟା କମ୍ପାନୀର କାର୍ଯ୍ୟରତ କର୍ମଚାରୀ ଥିଲେ । ପ୍ରଥମେ ଘୁଞ୍ଚୁଘୁଞ୍ଚୁ ହୋଇଥିଲେ ଓ ପରେ ମୋର ପରୀକ୍ଷା ପ୍ରତି ଶ୍ରଦ୍ଧା ଦେଖି ଶେଷରେ ରାଜି ହୋଇଗଲେ ଯିବା ପାଇଁ । ୮ଟା ୧୫ ମିନିଟ୍ ବାକି ଥାଏ ଆମେ ବାହାରିଲୁ ଓ ପରୀକ୍ଷା କେନ୍ଦ୍ରରେ ୯ଟା ୫୪ ମିନିଟ୍‌ରେ ପହଞ୍ଚି ଥିଲୁ । ପରୀକ୍ଷା ୧୦ଟାରେ ଆରମ୍ଭ । ୯ଟା ୩୦ ମିନିଟ୍‌ରେ ଶ୍ରେଣୀ ଗୃହକୁ ପ୍ରବେଶ ଥିଲା କିନ୍ତୁ ଆମେ ବିଳମ୍ବରେ ପହଞ୍ଚି ଥିଲୁ । ପରୀକ୍ଷା ୧୦ଟା ଆରମ୍ଭ ୯ଟା ୩୦ ମିନିଟ୍‌ରେ ଶ୍ରେଣୀ ଗୃହକୁ ପ୍ରବେଶ ଥିଲା କିନ୍ତୁ ଆମେ ବିଳମ୍ବରେ ପହଞ୍ଚି ଥିବାରୁ ମୋତେ ପ୍ରବେଶ ମିଳିଲାନି । ସେ ଭାଇ ପରୀକ୍ଷା ସେଣ୍ଟର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବାରୁ ଶେଷରେ ମୋତେ ପ୍ରବେଶ ଅନୁମତି ମିଳିଥିଲା । ଭଲରେ ପରୀକ୍ଷା ସାରି ଫେରି ଥିଲି । ଏତେ କଷ୍ଟ କରିବାର କାରଣ ମୋର ଜଣେ ସାର୍ ଏଥିପାଇଁ ମୋତେ ପ୍ରସ୍ତୁତ କରିଥିଲେ । କିନ୍ତୁ କେଜାଣି କାହିଁକି ସେଦିନ ମୁଁ ସେ କଥା

ଭଲି ଯାଇଥିଲି । ଘରେ ଆସିଲା ପରେ ସାର୍ ମୋ ପ୍ରଶ୍ନପତ୍ର ଦେଖିଥିଲେ ଓ ଆଲୋଚନା କରିଥିଲେ । ୧୦୦ଟା ପ୍ରଶ୍ନରୁ ୩, ୪ଟି ଭୁଲ ଥିଲା ଓ ଅବଶିଷ୍ଟ ସବୁ ଠିକ୍ ଥିଲା । ଏଥିରେ ଯେଉଁମାନେ ଏହିପରୀକ୍ଷା ଦିଅନ୍ତି କିନ୍ତୁ ମାତ୍ର ୧୦, ୧୨ ଜଣଙ୍କୁ ହିଁ ସୁଯୋଗ ମିଳେ । ସେଥିପାଇଁ ମୋର ସେଥିପ୍ରତି ଧ୍ୟାନ ନ ରଖି ମୁଁ ଦଶମ ପାଇଁ ପଢୁଥିଲି ଓ ତା ପରେ ଏକାଦଶ ପାଇଁ ଭୁବନେଶ୍ୱର ଠାରେ ଏକ ମହାବିଦ୍ୟାଳୟରେ ଆଡମିଶନ କରିବା ପରେ ନବୋଦୟରେ ପଢିବା ପାଇଁ ଖବର ଆସିଲା ଓ ସେଠୁ ମୁଁ ନବୋଦୟ ବିଦ୍ୟାଳୟରେ ପଢିଥିଲି । ନବୋଦୟ ବିଦ୍ୟାଳୟରେ ୨ ମାସ ପଢିଲା ପରେ ମୋ ଘରୁ ପୁଣି ଖବର ଆସିଲା ମୁଁ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେଇଛି । ପୁରସ୍କାର ବିତରଣୀ ଅବସରରେ ମୋର କିଛି ପୁରୁଣା ସାଙ୍ଗମାନେ ଦେଖାହେଲେ । ସେଠାକୁ ଆସିଥିବା ଆମ ଜିଲ୍ଲାର କିଛି ପିଲାଙ୍କ ମଧ୍ୟରୁ ମୁଁ ଜଣକୁ ଖୋଜୁଥିଲି କିନ୍ତୁ ସେ ସେଠାରେ ଅନୁପସ୍ଥିତି ଥିଲା । କିନ୍ତୁ ତା ସ୍କୁଲର ଜଣେ ପିଲାକୁ ମୁଁ ଦେଖିଲି ଓ ତାକୁ ପଚାରିଲି ସେ ନ ଆସିବାର କାରଣ, ଜାଣିଲି ଯେ କିଛି ନମ୍ବର କମ୍ ପାଇଁ ସିଏ ଏହି ସୁଯୋଗ ପାଇନଥିଲେ । ପାଠକମାନେ ଭାବୁଥିବେ ସେ କିଏ ? ସେ ହେଲେ ଯିଏ ଯାହାଙ୍କୁ ମୁଁ ସେଦିନ ଠାରୁ ପୂର୍ବ ଅଢେଇବର୍ଷ ପୂର୍ବରୁ ଜାଣିଥିଲି ଏବଂ ସେ ଦେଇଥିବା ତାଙ୍କ ଫୋନ ନମ୍ବର ମୁଁ ମୋର କୌଣସି ଡାଏରୀ ଭିତରେ ରଖି ଦେଇଥିଲି ଓ କାହିଁକି କେଜାଣି ତାଙ୍କୁ ଫୋନ କରିବା ପୂର୍ବରୁ ମୋତେ ମୋ ମନ ଅଟକାଇ ଦେଇଥିଲା । ଅବଶ୍ୟ ତାଙ୍କୁ ମନେ ରଖିଥିଲି ସତ କିନ୍ତୁ ତାଙ୍କ ସହ ଯୋଗାଯୋଗ ରଖି ପାରିନଥିଲି ଓ ପରେ ନବୋଦୟ ବିଦ୍ୟାଳୟକୁ ପରେ ଆସିଥିଲି । କାରଣ ନବୋଦୟ ବିଦ୍ୟାଳୟ ଏକ ଆବାସିକ ବିଦ୍ୟାଳୟ ଅଟେ । କିନ୍ତୁ ମୋର ସେହି ଅଢେଇବର୍ଷ ପୂର୍ବଚିହ୍ନା ବନ୍ଧୁଙ୍କ ସାଙ୍ଗ ପୁରସ୍କାର ବିତରଣୀ ଉତ୍ସବରୁ ଫେରି ତାଙ୍କୁ ମୋ ବିଷୟରେ ଜଣାଇଥିଲେ । ବୋଧେ ମୋ ବନ୍ଧୁ ତାହା ଶୁଣି ଖୁସି ହୋଇଥିଲେ ଓ କଥା ହେବାକୁ ମୋ ସହ ମୋ ଫୋନ ନମ୍ବର ମାଗିଥିଲେ କିନ୍ତୁ ଫୋନ ନମ୍ବର ପାଇ ପାରିନଥିଲେ, କାରଣ ମୁଁ ତାଙ୍କ ସାଙ୍କ ସହ ସାମାନ୍ୟ ଖାଲି କଥା ହୋଇଥିଲି । ମୋ ଫୋନ ନମ୍ବର ନ ପାଇବାରୁ ଦୁଃଖିତ ହୋଇଥିଲେ । ତାଙ୍କ ସାଙ୍ଗ ତାଙ୍କୁ ସାହାଯ୍ୟ କଲେ ମୋ ଫୋନ ନମ୍ବର ଆଣିବାରେ, ତାଙ୍କ ସାଙ୍ଗ ଓ ମୋ ହାଇସ୍କୁଲ ସାଙ୍ଗ ଏକାଠି ଗୋଟିଏ ଘରୋଇ କଲେଜରେ ପାଠ ପଢୁଥିଲେ ଏବଂ ମୋ ସ୍କୁଲ ସାଙ୍ଗ ବି ମୁଖ୍ୟମନ୍ତ୍ରୀ ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଥିଲେ । ସେ ମୋ ସ୍କଲ ସାଙ୍ଗ ଠୁ ମୋର ଫୋନ ନମ୍ବର ନେଇ ମୋର ପୂର୍ବଚିହ୍ନା ବନ୍ଧୁଙ୍କୁ ଦେଇଥିଲେ । ହୁଏତ ମୋ ବନ୍ଧୁ ଖୁସି ହୋଇ କଲ୍ କରିଥିବେ କିନ୍ତୁ ମୁଁ ସେତେବେଳେ ମୋ ସ୍କୁଲ ହଷ୍ଟେଲକୁ ପଳେଇ ଆସିଥିଲି, ଆମ ଘରେ ଫୋନ୍ ଉଠାଇଲେ ପରେ ସେ ଏହା ଜାଣିବାକୁ ପାଇଲେ । ସେ ଏତେ କସରତ କରି ମୋ ଫୋନ ନମ୍ବର ପାଇଥିଲେ କିନ୍ତୁ ସେଦିନ ମୋ ସହ କଥା ହୋଇ ପାରିନଥିଲେ । ମୋ ଘରେ କହିଥିଲେ ସେ ଆସୁ ଛୁଟିରେ ଆମେ କହିବୁ ତୁମ କଥା । ଧାନକଟା ଛୁଟିରେ ମୁଁ ଘରକୁ ଆସିଲା ପରେ ଆମ ଘରେ ମୋତେ ଜଣାଇଥିଲେ ଯେ ସେ ନମ୍ବର ଟି ସେଭ୍ ହୋଇନଥିଲା । ସେଠୁ ମୁଁ ଭାବିଲି ଆଉ କୋଉ ସାଙ୍ଗ ସିଏ ମୋର ଯାହା ନମ୍ବର ମୁଁ ସେଭ୍ କରିନାହିଁ ? ଶେଷ ମାସର କଲ୍ ହିଷ୍ଟ୍ରି ଦେଖିଲା ପରେ ଗୋଟେ ସେଭ୍ ନ ହୋଇଥିବା ନମ୍ବରଟିକୁ ଦେଖିଲି ଓ କଲ୍ ବି କରିଥିଲି ସେଦିନ । ମୋ ସ୍କୁଲ ସାଙ୍ଗବି ଛୁଟିରେ ଆସିଥାଏ ଘରକୁ । ଏମିତି ଦିନେ ତା ସହିତ କଥା ହେଲାବେଳେ କହିଲା କି ମୋ କଣ୍ଟାକ୍ଟ ନମ୍ବର ନେଇ ସେ ତା କଲେଜର କିଏ ଗୋଟେ ପିଲା ମାଗୁଥିଲା ଓ ତାର ଜଣେ ସାଙ୍ଗକୁ ଦବ ନେଇକି କାରଣ ସେ ତୋ ସହ କଥା ହେବାକୁ ଚାହୁଁଥିଲା । ସେଠୁ ମୋର ମନେ ହେଲା ଯେ ଯେଉଁ ଅଜଣା ନମ୍ବରରେ କଲ୍ କଲି, ମୋ ବନ୍ଧୁଙ୍କ ମାଆ ଉଠାଇଲେ, ବନ୍ଧୁଙ୍କ ବିଷୟରେ କହିବାରୁ ମାଆ କହିଥିଲେ- ଘରେ ସେ ନାହିଁରେ ବାବା ସେ ଆସୁ କହିବି ତତେ କଲ୍ କରିବା ପାଇଁ । ତାଙ୍କ ଭଳି ମୋ ସହ ବି ସମାନ ଘଟଣା ହେଲା । ସେ ମୋତେ କଲ୍ କଲାବେଳେ ମୁଁ ଘରେ ନଥିଲି ଓ ତାଙ୍କୁ ମୁଁ କଲ୍ କଲା ସମୟରେ ସେ ବି ଘରେ ନଥିଲେ । ମାତ୍ର ଅଲଗା ଏହା ଥିଲା କି ସେ ମୋ ପାଇଁ ଦୁଇ ମାସ ଅପେକ୍ଷା କରିଥିଲେ ଏବଂ ମୁଁ ଗୋଟିଏ ଦିନ ଅପେକ୍ଷା କରିଥିଲି । ସେ ଆସିଲା ପରେ ମୋତେ କଲ୍ କଲେ, ଏଥର ମୁଁ ଫୋନ୍ ଉଠାଇଲି ଏବଂ ଦୀର୍ଘ ଅଢ଼େଇ ବର୍ଷ ପରେ ତାଙ୍କ ସହ କଥା ହେଲି । ସେଦିନ ସେ ମୋ ସହ କଥା ହୋଇ ଖୁସି ଜଣା ପଡୁଥିଲେ । ମୁଁ ବି ଆନନ୍ଦିତ ଥିଲି । କାରଣ କେବେ ଭାବି ନଥିଲି ଏମିତି ହେବ ବୋଲି ଦିନେ । ତାଙ୍କ ଫୋନ୍ ନମ୍ବରଟିକୁ ମୁଁ କୋଉ ଗୋଟିଏ ଡାଏରୀରେ ରଖି ଦେଇଥିଲି ତାହା ବି ମୁଁ ଭୁଲି ଯାଇଥିଲି । ଆଉ ମୁଁ ମଧ୍ୟ ମୋ ଯୋଗାଯୋଗ ନମ୍ବର ତାଙ୍କୁ ଦେବାକୁ ଭୁଲି ଯାଇଥିଲି । ଏହା ଭିତରେ ଅନେକ ଦିନ ବିତିଗଲାଣି କିନ୍ତୁ ଏହି ଘଟଣା ସବୁ ଆମ ଦୁଇ ବନ୍ଧୁଙ୍କ ମନରେ ଏକ ଅଭୁଲା ସ୍ମୃତି ହୋଇ ରହିଯାଇଛି । ଏବେ ଯେତେବେଳେ ଆମର ଯୋଗାଯୋଗ ହୁଏ ଆଜି ବି ସେ ସ୍ମୃତି ଆମ ଭିତରେ ଉଜ୍ଜୀବିତ ହୋଇଉଠେ ।

—୦—

ଜବାହର ନବୋଦୟ ବିଦ୍ୟାଳୟ,
ପାଣିକୋଇଲି, ଯାଜପୁର

ମହାନତା

● ପ୍ରିୟତୋଷ ପ୍ରଧାନ

କ୍ଷୁଦ୍ର ଏକ ଗ୍ରାମ୍ୟ ପରିବେଶ। ଗାଁ ଛାତିରେ ସରୁ ନଈଟିଏ। ଦୁଇ କଡେ କ୍ଷେତ ଆଉ ପ୍ରାନ୍ତର। ଅଦୂରରେ ଅରଣ୍ୟ ଆଉ କୁନି କୁନି ପାହାଡ। ତାରି ଭିତିରେ ତିନି ମେଞ୍ଚି କୁଡିଆ,ତିନୋଟି ଟୋଲା। ବୁଧୁରାମ ଗାଗାରାଇ ସେ ଗାଁର ଡୁଙ୍ଗରୀ ଟୋଲାର କ୍ଷୁଦ୍ର ଚାଷୀ। ପରିବାର କହିଲେ ସ୍ତ୍ରୀ ଓ ଦୁଇ ଛୁଆ। ଚାଷ ହିଁ ପରିବାର ପୋଷଣର ଏକ ମାତ୍ର ଉପାୟ।

ସମସ୍ତେ ତ ଜାଣନ୍ତି ଓଡିଶା ପ୍ରାକୃତିକ ବିପର୍ଯ୍ୟୟର ଚିର-ସହଚର। କେବେ ବନ୍ୟା ତ କେବେ ମରୁଡି। ବିଚରା ବହୁକଷ୍ଟରେ ଧାର କରଜ କରି ଚାଷକାର୍ଯ୍ୟ କରେ। କେଉଁ ବର୍ଷ ବନ୍ୟା ଯୋଗୁଁ କୃଷି ନଷ୍ଟ ହୁଏ ତ କେବେ ମରୁଡିରେ। ଫି ବର୍ଷ କୃଷି ଋଣ ଏବଂ ହାତ ଉଧାରି ଝଲେ। ଦୁଃଖେ କଷ୍ଟେ ଦିନ ଯାଏ।

ଗତବର୍ଷ କରିଥିବା ଝଷ ବନ୍ୟାରେ ଉଜୁଡି ଗଲା। ଏବର୍ଷ ମଧ୍ୟ ମରୁଡି ଯୋଗୁଁ ଚାଷ କ୍ଷତିଗ୍ରସ୍ତ ହୋଇଛି। ଆଉ ଯାହା ବି ବାକି ଥିଲା ସେଗୁଡାକୁ ପଙ୍ଗପାଳ ଖାଇଗଲେ। ଦିନକର କଥା, ବୁଧୁରାମ ଚାଷ ଜମି ଆଡେ ବୁଲିବାକୁ ଯାଇଥାଏ। ଦେଖିଲା ଧାନ ପଟରେଇଛି, ଫୁଟି ନାହିଁ। ବିଲ ଶୁଖି ଫାଟି ଯାଇଛି। ଖରାରେ ଝାଉଁଳି ପଡିଛି ଫସଲ। ପାଖ ନଈରେ ଖାଲି ବାଲି ଆଉ ପଥର। ମୁଣ୍ଡରେ ହାତ ହେଲା ବୁଧୁରାମ। କ'ଣ କରିବ କିପରି ତାର ଋଣ ଶୁଝିବ-ମୁଣ୍ଡ କାମ କଲା ନାହିଁ। ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ତା ମନ ବିଚଳିତ ହେଉଥାଏ। ସେହି ଗାଁର ଫକୀର ନାୟକ - ଜଣେ କୃଷି ବିଭାଗର ଅଧିକାରୀ। ବୁଧ୍ରାମର ଇତସ୍ତତ ତାକୁ ଦୂରରୁ ଦେଖି ପାଖକୁ ଆସିଲେ। ତାର ବ୍ୟତିବ୍ୟସ୍ତତାର କାରଣ ପଚାରିଲେ। ବୁଧୁରାମ କାନ୍ଦ କାନ୍ଦ ହୋଇ ଫକୀର ବାବୁଙ୍କୁ ସବୁ କଥା କହିଲା- ବାବୁ, କୁକୁଡା ଛେଳି ବିକ୍ରି କରି ମୂଲିଆ କାମରୁଣୀ ଖର୍ଚ୍ଚ ତୁଲାଇଥିଲି। ଋଣ କରି ସାର, ହାଇବ୍ରିଡ ବିହନ କିଣିଥିଲି। ଏଣିକି ଧାନ ବିଲରେ ଟୋପେ ପାଣି ନାହିଁ। ଶୂନ୍ୟ ହସ୍ତ ମେଘ ଉଠିଛି କେତେଥର। ହେଲେ ବର୍ଷ ବର୍ଷାର ଦେଖାନାହିଁ। ଆଶା ଥିଲା ଏ ବର୍ଷ ଭଲ ଫସଲ ହେବ। କିଛି ନ ହେଲେ ବଡ ଝିଅଟାକୁ ହାତରୁ ବି ହାତ କରିଦେବି। ଏବେ ଏତେ ଋଣୀ ହୋଇ ଆଉ ବଞ୍ଚିବି କାହିଁକି ? ଯାଉଛି ମରି ହେଲେ ଯିବି। ଆତ୍ମହତ୍ୟା କରିବା ପାଇଁ ନିଶ୍ଚିତ କରିଛି। ଫକୀର ବାବୁ ତାକୁ ବୁଝାଇ କହିଲେ-ତୁମେ ବ୍ୟସ୍ତ ହୁଅନାହିଁ ତୁମେମାନେ ବର୍ଷରେ ଗୋଟିଏ ଚାଷ କରୁଛ ବୋଲି କ୍ଷତି ସହୁଛ, ମୁଁ ତୁମମାନଙ୍କୁ ଏମିତି ଏକ ଚାଷ ପ୍ରଣାଳୀର ତାଲିମ ଦେବି ଯାହାଦ୍ୱାରା ତୁମେମାନେ ଚାଷ ଯୋଗୁଁ ଅଧିକ ଲାଭବାନ ହୋଇପାରିବ। ତାହାର ବ୍ୟୟଭାର ସରକାରଙ୍କ ତରଫରୁ ମୁଁ ବହନ କରିବି। ତାଙ୍କ କଥା ମାନି ବୁଧୁରାମ ବର୍ଷସାରା ବିଭିନ୍ନ ଚାଷ କରି ବେଶ ଦୁଇ ପଇସା ଲାଭ ପାଇଲା ଏବଂ ବ୍ୟାଙ୍କରୁ ଆଣିଥିବା ଋଣ ଶୁଝି ପାରିଲା। ଫକୀର ବାବୁଙ୍କ ପାଖରୁ ଆଣିଥିବା ପଇସା ମଧ୍ୟ ସୁଝିଲା। ଏବେ ତାର ଦୁଇ ଛୁଆ ଭଲ ସ୍କୁଲରେ ପାଠ ପଢୁଛନ୍ତି। ସେ ଏବେ ବେଶ ଖୁସି ଅଛି। କିଛି ବର୍ଷ ପରେ ବୁଧୁରାମକୁ ଓଡିଶା ସରକାରଙ୍କ ତରଫରୁ ସଫଳ ଚାଷୀ ରୂପେ ପୁରସ୍କୃତ କରାଗଲା। ତାଙ୍କ ସାକ୍ଷାତକାରରେ ଚାଷୀର ସଫଳତା ବିଷୟରେ ପଚାରିବାରୁ ସେ ଫକୀର ବାବୁଙ୍କୁ ଧନ୍ୟବାଦ ଦେଇ ତାଙ୍କର ମହାନତା ବିଷୟରେ ଉପସ୍ଥାପନ କଲେ। କହିଲେ ଫକୀର ବାବୁ ନଥିଲେ ମୁଁ ହୁଏତ ଆଜି ଏ ଦୁନିଆରେ ନ ଥାଆନ୍ତି। ବାସ୍ତବରେ ସେ ଜଣେ ଦେବଦୂତ। ସେ ମୋର ଆଖି ଖୋଲି ଦେଇଛନ୍ତି। ଏମିତି ଲୋକଙ୍କୁ ହିଁ ଏ ପୁରସ୍କାର ଅର୍ପଣ କରିବା ଦରକାର। ଏଇ ମାନେ ହିଁ ଏ ଗାଁ ମାଟିର ଗର୍ବ। ଦୀନଦୁଃଖୀଙ୍କର ଭାଗ୍ୟ ବିଧାତା। ଅସହାୟର ସହାୟ। ଅନ୍ଧର ଲଉଡି। ଭଗବାନ ତାଙ୍କର ଅଶେଷ ମଙ୍ଗଳ କରନ୍ତୁ। ଏତକ କହିବ ଭିତରେ ବୁଧୁରାମ ବାବୁଙ୍କୁ ଆଖି ଛଳ ଛଳ ହୋଇ ଉଠିଲା। ଗଳା ରୁଦ୍ଧ ହୋଇଗଲା। ସେ ଆଉ କିଛି କହିପାରିଲେନି। ନୀରବତା ଛାଇଗଲା କିଛି ସମୟ। ସ୍ତବ୍ଧ ହୋଇଗଲା ସଭା ମଞ୍ଚ। ଫକୀରବାବୁଙ୍କ ଏ ମହାନତାକୁ ସମସ୍ତେ ସାଧୁବାଦ ଦେଲେ।

-୦-

ଫାର୍ମାସିଷ୍ଟ
ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ବଡବିଲ
କେନ୍ଦୁଝର-୭୫୮୦୩୫
ମୋ-୭୦୦୮୩୦୩୭୨୮

ନିର୍ଜନତାର ସ୍ୱର

● ଖାରବେଳ ମହାନ୍ତି

କେତେବେଳୁ ଚାଲିଗଲାଣି ରମଣୀବାବୁ ଓ ତାଙ୍କ ପତ୍ନୀ ସୁରମା ଦେବୀଙ୍କୁ ଛାଡି ତାଙ୍କ ପିଲାମାନେ ସେମାନଙ୍କ ପାଇଁ ବନ୍ଦୋବସ୍ତ କରିଦେଇ ଥିବା କେୟାର ଟେକର କୋରାପୁଟ ଏକ ପାହାଡିଆ ଗ୍ରାମରୁ ଆସିଥିବା ପଲ୍ଲୀ ବୋଲି ଏକ ଝିଅଟି ମାରୁତି ଭିଲ୍ଲା କଲୋନୀର ୨୭ ନମ୍ବର ଘରଟାରେ ରହିଛନ୍ତି ସୁରମା ଦେବୀ ଓ ତାଙ୍କ ସ୍ୱାମୀ ରମଣୀ ବାବୁ ଘରଟିର ନୀରବତାର ପରିବେଶ ଭିତରେ ଘଞ୍ଚ ଜଙ୍ଗଲର ସବୁଜିମା ଓ ଝରଣାର କୁଳୁ କୁଳୁ ନାଦର ଶବ୍ଦରେ ଓ ପକ୍ଷୀମାନଙ୍କର କୋଳାହଳ କରିବାର ପ୍ରତିଧ୍ୱନି ଭିତରେ ନିଜର କିଶୋରୀ ଜୀବନକୁ ଉପଭୋଗ କରିବ ଭିତରେ ହଠାତ୍ ତା ଜୀବନରେ ଏକ ମୋଡ ଆସି ଯାଇ ଥିଲା ସମୟର ପ୍ରବାହମାନ ଗତିରେ ତାର ବାପାକୁ ସମ୍ପତ୍ତି ଲୋଭରେ ତାର ବାପାର ଭାଇମାନେ ତା ବାପାକୁ ମାରି ପାଇ ଦେଇଥିଲେ। ଟ୍ରେନ ଲାଇନ ଉପରେ ଆତ୍ମହତ୍ୟାର ରୂପ ଦେଇ ତା ପରେ ନିଜର ଚାରି ଭଉଣୀ ସହିତ ସେ ରହୁଥିଲା ତା ମା ପାଖରେ କିଛିଦିନର ବ୍ୟବଧାନରେ ତାର ମା' ନିଜର ଚାରୋଟି କନ୍ୟାମାନଙ୍କୁ ଛାଡି ଚାଲିଗଲା ତାର କୌଣସି ସଂପର୍କୀୟଙ୍କ ଘରକୁ କାରଣ ଥିଲା ଅଜଣା, ଏହି ଚାରୋଟି କନ୍ୟାଙ୍କ ଭିତରୁ ଜଣେ ବାହା ହୋଇ ପଲ୍ଲୀର ପୈତୃକ ଘରେ ସମସ୍ତେ ରହୁଥିଲେ ସେମାନଙ୍କର ଆର୍ଥିକ ପରିସ୍ଥିତି ଖୁବ୍ ଖରାପ ଥିବାରୁ ପଲ୍ଲୀକୁ ତୃତୀୟ ଶ୍ରେଣୀରେ ପଢୁଥିବା ସମୟରେ ତାକୁ ପାଠ ଛାଡି ଜନୈକ ଭଦ୍ରବ୍ୟକ୍ତିଙ୍କ ଘରେ ତାଙ୍କର ଘର କାମକରିବାକୁ ପଡିଥିଲା ତା ଭିତରେ ଥିଲା ଘରର ବାସନ କୁସନ ମଜା, ଘରକୁ ଝାଡୁ ଦେବା ତଥା ତାଙ୍କର ଛୋଟ ପିଲାର ଯତ୍ନ ନେବା ପ୍ରଭୃତି ଦିନ ଗୁଡିକ ବିତି ଯାଉଥିଲା ନଦୀ ସୁଅ ପରି ଆଉ ପୁଷ୍ପାର ଜୀବନ ଅତିବାହିତ ହେଉଥିଲା। ପୋଖରୀର ତୁଠ ଘଷା ପଥର ପରି ଦୁଃଖର ଜୀବନ ଶୋକ ଲହଡିର ଘାତପ୍ରତିଘାତ ପରି ହଠାତ ପୁଷ୍ପାର ଜୀବନରେ ଏକ ଭିନ୍ନ ମୋଡ ଆସିଗଲା ସେଇଟି ହେଲା ଯେଉଁ ବାବୁଙ୍କର ଘରେ ଯେ କାର୍ଯ୍ୟ କରୁଥିଲା ହଠାତ୍ ତାଙ୍କର ନବରଙ୍ଗପୁରରୁ ବଦଳି ହୋଇଗଲା ହାଇଦ୍ରାବାଦକୁ ଏ ଖବରଟି ଶୁଣ ପୁଷ୍ପାର ମୁଣ୍ଡରେ ଯେପରି ଏକ ବଜ୍ର ପଡିଗଲା। ଏକ ଉଦାସ ହୃଦୟରେ ଘରକୁ ଫେରି ସବୁ ପରିବାରର ସଦସ୍ୟମାନଙ୍କର ମତ ନେଲା ତା ମାଲିକଙ୍କ ସହିତ ହାଇଦ୍ରାବାଦ ଯିବ କି ନାହିଁ ତା ପରିବାରର ସମସ୍ତ ସଦସ୍ୟମାନଙ୍କର ପରାମର୍ଶରେ ଯେହେତୁ ସେ କାମ କରୁଥିବା ମାଲିକ ମାଲିକାଣୀ ଖୁବ ଭଲ ଲୋକ ହୋଇଥିବାରୁ ଏବଂ କିଛି ତାର କାର୍ଯ୍ୟ ପାଇଁ ତାର ପାରିଶ୍ରମିକ ବଢାଇ ଦେବାରୁ ସେ ତାଙ୍କ ସହିତ ହାଇଦ୍ରାବାଦ ଯିବାକୁ ରାଜି ହୋଇଗଲା। ନିଜ ଘରର ଆର୍ଥିକ ପରିସ୍ଥିତି ସୁଧାରିବା ପାଇଁ ବାପା ମାଆଙ୍କ ସ୍ନେହରୁ ବଞ୍ଚିତ ହୋଇ ଭଉଣୀମାନଙ୍କ ସହିତ ତଥା ବିବାହିତା ଭଉଣୀର ପିଲାମାନଙ୍କର ସହିତ ସ୍ନେହରେ ବାନ୍ଧିହୋଇ ପଡିଥିବା ପୁଷ୍ପା ସେମାନଙ୍କୁ ଛାଡି ଯିବାର ଯେଉଁ କରୁଣ ମୁହୂର୍ତ୍ତ ଏକ କଅଁଳିଆ ମନରେ କେତେ କଷ୍ଟ ଯେ ଯେ ହୋଇଥିବା ତାହା ହୃଦୟଙ୍ଗମ ମନୁଷ୍ୟଟି କେବଳ ଜାଣିପାରିବ, ଯାହା ହେଉ ନିର୍ଦ୍ଦିଷ୍ଟ ଦିନରେ ଆଖିରୁ ଝରୁଥିବା ଲୁହକୁ ପିନ୍ଧିଥିବା ସେମିଜର ଗୋଟିଏ ପାର୍ଶ୍ୱରେ ପୋଛୁଥିବା ବେଳେ ଆର ହାତରେ ଟ୍ରଲି ବ୍ୟାଗଟିକୁ ଘୋଷାରି ନେଇ ବସିପଡିଲା ବାବୁଙ୍କ କାର ଭିତରେ କାର ପଛ କାଚରେ ହାତ ହଲାଇ ବାଏ ବାଏ କରୁଥିଲା ଭିତରେ କାରଟି ଆଗକୁ ମାଡି ଚଲିଲା ସମସ୍ତଙ୍କର ଦୃଷ୍ଟି ଆଡୁଆଳରୁ ଏହା ଭିତରରେ କେତୋଟି ମାସ କଟିଗଲାଣି ହାଇଦ୍ରାବାଦରେ ତାକୁ ନେଇ ଆସିଥିବା ବାବୁଙ୍କର ଘରେ ଜୀବନର ବାସ୍ତବିକତାକୁ ନେଇ ବେଶ ଆପଣେଇ ନେଲାଣି ପଲ୍ଲୀ ଅନେକ ସମୟରେ ମନେ ପଡେ ତାର ଛାଡି ଆସିଥିବା ତାର ଭଉଣୀର ପିଲାମାନଙ୍କର ଦରୋଟି କଥାକୁ ତଥା ସେମାନଙ୍କ ସହିତ କଟାଇଥିବା ମୁହୂର୍ତ୍ତମାନଙ୍କୁ ସବୁଠାରୁ ଘରର ଛୋଟ ଝିଅ ହେବାର ଥିବାରୁ ତା ଉପରେ ଭଉଣୀମାନଙ୍କର ସ୍ନେହ ଆଦରକୁ ବେଳେ ବେଳେ ସେ ସବୁର ସ୍ମୃତିରେ ଆପଣାଛାଏଁ ନିଗିଡି ପଡେ ଆଖିରୁ ତାର କେଇବୁନ୍ଦା ଅଶ୍ରୁ। ଏ ସବୁର ଭିତରେ ତା ସହିତ ପରିଚିତ ହୁଏ ତାର ଏକ ଦୂରସମ୍ପର୍କୀୟ ମାମୁଁଙ୍କ ପୁଅ ସହିତ ସେହି ହାଇଦ୍ରାବାଦରେ ଆଦ୍ୟ ଯୌବନର ପ୍ରଥମ ସୋପାନର ଏକ ଦୁର୍ବଳ ମୁହୂର୍ତ୍ତରେ ପରସ୍ପର ପରସ୍ପରକୁ ଭଲ ପାଇ ବସିଲେ।

ଦିନ ଗଡି ଚଲିଥାଏ ଏହା ଭିତରେ ପରିସ୍ଥିତିର ଚାପରେ କ୍ଷୀରୋଦ ଚଲିଆସେ ନବରଙ୍ଗପୁର ତାର ନିଜର ଘର ପାଖକୁ ଏବଂ ଜୀବିକା ନିର୍ବାହ କରିବାକୁ ତାର ବାପା ମାଆଙ୍କ ସହାୟତାରେ ଏକ


ହୋଟେଲ କଲା ଏବଂ ଏ ହୋଟେଲଟିର ବ୍ୟବସାୟ ଖୁବ୍ ଭଲ ଭାବରେ ଚଳିଲା। ହୋଟେଲର ବହୁତ କାର୍ଯ୍ୟବ୍ୟସ୍ତତା ଭିତରେ ସେ କିନ୍ତୁ ତାର ପୁଷ୍ପା ସହିତ ତାର ପ୍ରେମକୁ ନିବିଡ ସମ୍ପର୍କ ଭିତରେ ବାନ୍ଧି ରଖିଥାଏ।

ମନୁଷ୍ୟ ଜୀବନର ଚଲାପଥରେ କାହାର ବା କେଉଁ ଭାବେ ମୋଡ ନିଏ ତାହା ଜଣାପଡେନା। ହାଇଦ୍ରାବାଦରେ ରହୁଥିବା ମାଲିକ ତାକୁ କାର୍ଯ୍ୟରୁ ଅବ୍ୟାହତି ଦେଇ ଦେଲେ ତାଙ୍କର କୌଣସି କାରଣରୁ ଏବଂ ଭଗବାନଙ୍କ ଅପାର କରୁଣାରୁ ତାର ଜଣେ ପରିଚିତ ଲୋକ ରଖେଇ ଦେଲେ ଭୁବନେଶ୍ୱରର ମାରୁତି ଭିଲ୍ଲାର ରମଣୀବାବୁଙ୍କ ଘରେ ତାଙ୍କର କଥା ତାଙ୍କ ସ୍ତ୍ରୀଙ୍କର ଯତ୍ନ ନେବା ପାଇଁ। ଯେହେତୁ ରମଣୀବାବୁଙ୍କର ଘରେ କେହି ନଥିଲେ ସେମାନଙ୍କର ପରିଣତ ବୟସରେ ଯତ୍ନ ନେବାକୁ ଯେହେତୁ ପିଲାମାନେ ସମସ୍ତେ ବାହାରେ ନିଜ ନିଜର ଚାକିରି ଜୀବନ ନେଇ ପରିବାର ସହିତ ରହୁଥିଲେ ଦିନ କେତୋଟି ଭିତରେ ପୁଷ୍ପାର ସେବା ଯତ୍ନରେ ରମଣୀ ବାବୁ ଓ ତାଙ୍କ ସ୍ତ୍ରୀ ଭୁଲି ଯାଇଥିଲେ ସେମାନଙ୍କର ବାର୍ଦ୍ଧକ୍ୟ ଜୀବନର ନସଙ୍ଗତାର ଜୀବନକୁ ତିନିମାସ ପରେ ପୁଷ୍ପାର ବଡ ଭିଣୋଇ ଓ ତାର ଉପରେ ଭଉଣୀମାନଙ୍କୁ କ୍ଷୀରୋଦର ବାପା ମାଆ ତାଙ୍କ ପୁଅ ପାଇଁ ବିବାହ ପ୍ରସ୍ତାବ ଆଣି ସେମାନଙ୍କର ସମ୍ମତି ପ୍ରଦାନ ପରେ ସେମାନେ ଭୁବନେଶ୍ୱର ତାଙ୍କର ଜଣେ ଆତ୍ମୀୟଙ୍କ ଘରେ ରହି ପୁଷ୍ପାକୁ ସେଠାକୁ ଡକାଇ ବିଧି ଅନୁସାରେ ମୁଦିଟିଏ ତା ହାତରେ ପିନ୍ଧାଇ ଦେଇ ଏପ୍ରିଲ ମାସରେ ୧୪ ଏପ୍ରିଲ ୨୦୨୬ରେ କରିବାକୁ ସ୍ଥିରୀକୃତ କରିଦେଇ ଚଳିଗଲେ, ତାଙ୍କର ସେଇ ନିଜ ଘର ନବରଙ୍ଗପୁର। ରମଣୀ ବାବୁ ଓ ତାଙ୍କ ସ୍ତ୍ରୀ ଯଦିଓ ଅନେକ ଖୁସି ହୋଇଗଲେ ପୁଷ୍ପା ଠାରୁ ଏ ଖବର ଶୁଣି କିନ୍ତୁ ପର ମୁହୂର୍ତ୍ତରେ ଦୁଃଖରେ ଭାଙ୍ଗି ପଡିଲେ ସେମାନେ ସତରେ ଦିନ କେତୋଟି ଭିତରେ ପୁଷ୍ପାର ସେବା ଯତ୍ନ ଭିତରେ ଏପରି ଏକ ଆତ୍ମୀୟତା ଭିତରେ ସେ ବାନ୍ଧି ନେଇଥିଲା ସେମାନଙ୍କୁ ଭୁଲି ଯାଉଥିଲା ବାପାଙ୍କୁ ହରେଇଥିବା ଏବଂ ମାଆର ସ୍ନେହ ଆଦର ପାଇ ନଥିବା ପୁଷ୍ପା ଯେଉଁ ଭଳି ଭାବେ ରମଣୀବାବୁ ତଥା ତାଙ୍କ ପତ୍ନୀଙ୍କୁ ବାପା ଓ ମାଆ ସମ୍ବୋଧନ କରି ଏବଂ ସେମାନଙ୍କର ସେବା କରିବା ଭିତରେ ନିଜକୁ ହଜାଇ ଦେଇଥିଲା ଏବଂ ଏକ ଐଶ୍ୱରିକ ଆନନ୍ଦ ଭିତରେ ତାହାକୁ ଆଉ ପାଇବନି ଆଉ ଦିନ କେତୋଟି ପରେ....

ଦିନ କେତୋଟି ବିତିଗଲା ପୁଷ୍ପା ଫେରି ପଡିଲା ତାର ଗାଁର ସେଇ ସବୁଜ ତଥା ବନ ପାହାଡ ଘେରା ଭିତରେ ଥିବା ତାର ଘରକୁ ଯେଉଁ ଠାରେ ଭର୍ତ୍ତି ରହିଥିବା ସ୍ନେହ ଆଦର ମମତା ଆଉ ପରସ୍ପର ଭିତରେ ଥିବା ଅପୁରନ୍ତ ଆନନ୍ଦ ଭିତରେ ଶୈଶବର ସ୍ମୃତିଗୁଡିକୁ ଘରେ ପହଞ୍ଚି ରମଣୀବାବୁ ଓ ତାଙ୍କ ସ୍ତ୍ରୀଙ୍କୁ ଟେଲିଫୋନରେ ଏକ କଣ୍ଠ ରୁଦ୍ଧସ୍ୱରରେ କହିଲା ବାବା ମାଆ ସଂନ୍ଧ୍ୟାରେ ଚିନି ଛଡା ଚା ପିଇଲେଣି, ଉତ୍ତରରେ ରମଣୀବାବୁ ଏକ ଉଦାସ ସ୍ୱରରେ କହିଲେ ତୁ ନାହୁଁ ଦେବ କିଏ କେହି ଆସୁନାହାନ୍ତି ତୋ ପରେ କିଛି ସମୟର କଥୋପକଥନ ପରେ ଟେଲିଫୋନ କାଟି ଦେଲେ ରମଣୀବାବୁ। ପୁଷ୍ପାର ଜୀବନ ଯୋଡି ହୋଇଗଲା କ୍ଷୀରୋଦ ସହିତ ଏପ୍ରିଲ ୧୪ରେ ପୁଷ୍ପା ଉଡିଗଲା ମୁକ୍ତ ଆକାଶର ଏକ ବିହଙ୍ଗ ପରି କ୍ଷୀରୋଦ ସହିତ ଏକ ନୂଆ ଜୀବନ ଭିତରକୁ।

-୦-

ଆର୍ଯ୍ୟପଲ୍ଲୀ, କିଟ୍‌ରୋଡ଼, ଭୁବନେଶ୍ୱର



ଆମ ପ୍ରୟାସ, ଆମ ପରିଚୟ



ଅନୁଷ୍ଠାନ ଆନୁକୂଲ୍ୟରେ ସ୍ୱାଧିନତା ଦିବସ ପାଳନ



ପୂଜ୍ୟ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା କାର୍ଯ୍ୟକ୍ରମ



ବିଭିନ୍ନ ଅସହାୟ ପରିବାରଙ୍କୁ ଶୀତବସ୍ତ୍ର ବଣ୍ଟନ



ବିଭିନ୍ନ ମହାବିଦ୍ୟାଳୟରେ ନବୀନ ଲେଖକ/ଲେଖିକା ଅନ୍ୱେଷଣ କାର୍ଯ୍ୟକ୍ରମ



ବନ୍ଧୁମିଳନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ଅଷ୍ଟମ ବାର୍ଷିକ ବନ୍ଧୁମିଳନ ଉତ୍ସବ-୨୦୨୬ର ସଫଳ ଆୟୋଜନ



ମୁଦ୍ରଣ : ଜନପ୍ରିୟ ଅଫ୍‌ସେଟ୍ ପ୍ରେସ୍